
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୨ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 FEBRUARY 2023
Vol.No. 34 ■ No. 31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସିଲା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ



ନୂଆଦିଲ୍ଲୀ, ୦୧/୦୨ : ଯେତେବେଳେ ସାରା ବିଶ୍ୱରେ କରୋନା ଓ ୟୁକ୍ରେନ-ଋଷ୍ ଯୁଦ୍ଧର ପ୍ରଭାବ ପଡ଼ିଛି, ବିଶ୍ୱ ଅର୍ଥନୀତି ଧିମେଇ ଚାଲିଛି, ଠିକ୍ ଏପରି କିଛି କଷ୍ଟକର କିନ୍ତୁ ଅତି ଗୁରୁତ୍ୱପୂର୍ଣ୍ଣ ସମୟରେ ବଜେଟ ଉପସ୍ଥାପନ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ବଜେଟରେ ସମାଜ ଓ ଅର୍ଥନୀତି ପ୍ରାୟ ସବୁ ବର୍ଗକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି ଅର୍ଥମନ୍ତ୍ରୀ । ଶିକ୍ଷା, ସ୍ୱାସ୍ଥ୍ୟ, ଡିଜିଟାଲ ଯୋଗାଯୋଗ, ଗ୍ରୀନ୍ ଏନର୍ଜି, ଆଦିବାସୀ କଲ୍ୟାଣ ପରି ପ୍ରସଙ୍ଗ ଉପରେ ଫୋକସ ଦିଆଯାଇଛି । ନଜର ପକାନ୍ତୁ କେଉଁ ସେକ୍ଟର ପାଇଁ ବଜେଟରେ କ'ଣ ରହିଛି ? ବଜେଟରେ ଅଧିକାଂଶ କ୍ଷେତ୍ର ଓ ବର୍ଗକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି ନିର୍ମଳା ସୀତାରମଣ । ସ୍ୱାସ୍ଥ୍ୟକ୍ଷେତ୍ରରେ ବଡ଼ ଘୋଷଣା ଭାବେ ୧୫୭ ନୂଆ ନର୍ସିଂ କଲେଜ ଖୋଲାଯିବାକୁ ଘୋଷଣା ହୋଇଛି । ଶିକ୍ଷାକ୍ଷେତ୍ରରେ ପାଖାପାଖି ସାଢ଼େ ୩ଲକ୍ଷ ଆଦିବାସୀ ଛାତ୍ରଙ୍କ ପାଇଁ ୭୪୦ଟି ଏକଲବ୍ୟ ମଡେଲ୍ ସ୍କୁଲ ଖୋଲିବା କଥା ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ । ସେପଟେ ଚଳିତ ଆର୍ଥିକ ବର୍ଷରେ ଚାଷୀଙ୍କୁ ୨୦ ଲକ୍ଷ କୋଟିର ଋଣ ପାଇଁ ଲକ୍ଷ୍ୟ ରଖାଯାଇଛି । ବିକଳ୍ପ ଇନ୍ଧନର ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ପାଇଁ ଗୋବର୍ଦ୍ଧନ ସ୍କିମରେ ୫ଶହ ପ୍ଲାଣ୍ଟ ସ୍ଥାପନ କରାଯିବ । ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଘୋଷଣା- ସ୍ୱାସ୍ଥ୍ୟ ପାଇଁ ୮୯ ହଜାର ୧୫୫ କୋଟି ଟଙ୍କାର ବଜେଟ୍, ୧୫୭ ନୂଆ ନର୍ସିଂ କଲେଜ ଖୋଲାଯିବ, ଏବେ ଥିବା ମେଡିକାଲ କଲେଜରେ ଏହି ନର୍ସିଂ କଲେଜ ପ୍ରତିଷ୍ଠା ହେବ, ଦେଶରେ ଆଇସିଏମଆର ଲ୍ୟାବ ସଂଖ୍ୟା ବଢ଼ିବ, ୨୦୪୭ ସୁଦ୍ଧା ଏନିମିଆର ମୂଳୋତ୍ପାଟନ ଲକ୍ଷ୍ୟ, ଏନିମିଆ ପ୍ରଭାବିତ ଆଦିବାସୀ ଅଞ୍ଚଳରେ ୪୦ ବର୍ଷର ୭ କୋଟି ଲୋକଙ୍କର କରାଯିବ ସ୍କ୍ରିନିଂ । ଶିକ୍ଷା

| କଣ ହେବ ଶସ୍ତା ? | କଣ ହେବ ମହଙ୍ଗା ? |
|---|---|
| ଖେଳନା | ସିଗାରେଟ୍ |
| ମୋବାଇଲ ଫୋନ | ସୁନା |
| ସାଇକେଲ | ପ୍ଲାଟିନମ |
| ମୋବାଇଲ କ୍ୟାମେରା ଲେନ୍ସ | ରୂପା |
| ଅଟୋମୋବାଇଲ | ହୀରା |
| ବିଦ୍ୟୁତଚାଳିତ ଯାନ | ପିତ୍ତଳ |
| ଲିଥିୟମ ବ୍ୟାଟେରୀ | ବିଦେଶୀ ଖେଳନା |
| ଏଲଇଡି ଟିଭି | ରୋଷେଇ ଚିମିନି |
| ବାୟୋଗ୍ୟାସ ସହ ଜଡିତ ସାମଗ୍ରୀ | ଏକ୍ସରେ ମେସିନ |
| ରବର | କପଡା |

ପାଇଁ ଆଗାମୀ ରୋଡ୍‌ମ୍ୟାପ୍ - ୨୦୨୩-୨୪ ଶିକ୍ଷା ପାଇଁ ୧ଲକ୍ଷ ୧୨ହଜାର କୋଟି ଟଙ୍କାର ବଜେଟ୍, ସ୍କୁଲ ଶିକ୍ଷା ପାଇଁ ୬୮ହଜାର ୮୦୪ କୋଟି ଟଙ୍କା, ଉଚ୍ଚଶିକ୍ଷା ପାଇଁ ୪୪ହଜାର ୯୪ କୋଟି ଟଙ୍କା, ଆଦିବାସୀଙ୍କ କଲ୍ୟାଣ ପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୧୫ହଜାର କୋଟି ଟଙ୍କା, ପାଖାପାଖି ସାଢ଼େ ୩ଲକ୍ଷ ଆଦିବାସୀ ଛାତ୍ରଙ୍କ ପାଇଁ ଖୋଲିବ ୭୪୦ଟି ଏକଲବ୍ୟ ମଡେଲ୍ ସ୍କୁଲ, ଏହି ସ୍କୁଲ ଗୁଡ଼ିକରେ ୩୮ହଜାର ୮୦୦ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ, ଶିଶୁ ଓ ଯୁବବର୍ଗଙ୍କ ପାଇଁ ଡିଜିଟାଲ ଲାଇବ୍ରେରୀ ନିର୍ମିତ ହେ. ପଞ୍ଚାୟତ ଓ ୱାର୍ଡସ୍ତରରେ ଏହି ଲାଇବ୍ରେରୀ ଖୋଲାଯିବ, ପିଲାମାନଙ୍କୁ ବୟସ ଅନୁସାରେ ଆଞ୍ଚଳିକ ଓ ଇଂରାଜୀ ଭାଷାରେ ପୁସ୍ତକ ପ୍ରଦାନ କରାଯିବ । କୃଷକଙ୍କ ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ - ଚଳିତ ଆର୍ଥିକ ବର୍ଷରେ ଚାଷୀଙ୍କୁ ୨୦ ଲକ୍ଷ କୋଟିର ଋଣ ପାଇଁ ଲକ୍ଷ୍ୟ, ଏଗ୍ରିକଲଚର ଏସଲେରେଟର ଫଣ୍ଡ ପ୍ରତିଷ୍ଠା ହେବ, ଅଗ୍ରି-ଷ୍ଟାର୍ଟ ଅପକୁ ଏହା ପ୍ରୋତ୍ସାହନ ଦେବ, ୧ କୋଟି ଚାଷୀଙ୍କୁ ପ୍ରାକୃତିକ ଫାର୍ମିଂ ପାଇଁ ୧୦ ହଜାର ବାୟୋ ଇନର୍ଫ ସେଣ୍ଟର ସ୍ଥାପନ ହେବ, ମତ୍ସ୍ୟପାଳନ କ୍ଷେତ୍ରରେ ପ୍ରୋତ୍ସାହନ ପାଇଁ ୬ ହଜାର କୋଟିର ବରାଦ । ବିକାଶରେ ବିନିଯୋଗ ହେବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ- ବିକାଶ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରାଯିବ, ▶▶ପୃଷ୍ଠା ୭

## ଚୀନ ହାଇଟେକ୍ନୋଲୋଜିର ମିଳିତ ମୁକାବିଲା କରିବେ ଭାରତ-ଆମେରିକା



ନୂଆଦିଲ୍ଲୀ, ୦୧/୦୨ : ଆମେରିକା ସହ ନୂଆ ବୁଝାମଣା ସ୍ୱାକ୍ଷର କଲା ଭାରତ । 'ଇନିସିଏଟିଭ ଅନ କ୍ରିଟିକାଲ ଇଇମର୍ଜିଂଗ ଟେକ୍ନୋଲୋଜି' ବା ଆଇସିଇଟି ବୁଝାମଣା ସ୍ୱାକ୍ଷର ହୋଇଛି । ଭାରତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ୱାଶିଂଟନରେ ଆମରିକାର ଏନଏସଏନ ଜ୍ୟାକ୍ ସୁଲିବନଙ୍କ ସହ ଦ୍ୱିପାକ୍ଷୀକ ଆଲୋଚନା କରିଥିଲେ । ଏହି ବୁଝାମଣା ମାଧ୍ୟମରେ ଚୀନର ସେମିକଣ୍ଡକ୍ଟର୍ସ, ମିଲିଟ୍ରି ଇକ୍ୱିପମେଂଟ ଓ ଆର୍ଟିଫିସିଆଲ ଇଟେଂଲିଜେନ୍ସର ମୁକାବିଲା କରିହେବ । ଭାରତ ସହ ଏହି ବୁଝାମଣା କରି ଆମେରିକା ସୁରକ୍ଷିତ ଟେକ୍ନୋଲୋଜି ଇକୋସିଷ୍ଟମ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି । ଯାହା ଉଭୟ ଭାରତ ଓ ଆମେରିକା ପାଇଁ ଗେମଚେଂଜର ସାବ୍ୟସ୍ତ ହେବ । ଏଥିସହ ଏହି ବୁଝାମଣା ଆଗକୁ ଶକ୍ତିଶାଳୀ ଚୀନର ସବୁ ପ୍ରକାର ଚାଲର ମାତ ଦେଇପାରିବ । ଆଡାଭାନ୍ସ ଟେକ୍ନୋଲୋଜି ବୁଝାମଣାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ସ୍ପେଶରେ ସର୍ଭିସିଂ, ଆସେମ୍ବଲି, ମ୍ୟାନିଫାକ୍ଚରର କିଭଳି କରାଯିବ ? ମହାକାଶ ଯାନର ଅଧିକରୁ ଅଧିକ ଉପଯୋଗ କିଭଳି କରାଯିବ ? କମ ଦରରେ କିଭଳି ବିଭିନ୍ନ ଅନ୍ତରୀକ୍ଷ ଯାନକୁ ଲଂଚ କରାଯିବ ? ଲୋକାଲ ଓ ୱାଇଡ ଫିଲ୍ଡ ଇମରଜିଂଗ ପାଇଁ ସେନସର କିଭଳି ବିକଶିତ କରାଯିବ ? ସ୍ପେଶ ପ୍ରୋପେଲସନ କିଭଳି ପ୍ରସ୍ତୁତ ହେବ ? ବୈଠକରେ ଏନେଇ ଆଲୋଚନା କରାଯାଇଛି । ଅନ୍ୟପଟେ ଚୀନର ଟେଲିକମ ଟେକ୍ନୋଲୋଜିକୁ ଟକ୍କର ଦେବା ପାଇଁ ଆମେରିକା ଓ୍ୱେଷ୍ଟର୍ଣ୍ଣ ମୋବାଇଲ ନେଟଓ୍ୱର୍କ ବୃଦ୍ଧି ଉପରେ ଅଧିକ ଜୋର ଦେଉଛି ।

## କେନ୍ଦ୍ରୀୟ ବଜେଟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା



ଭୁବନେଶ୍ୱର,୦୧/୦୨ (ନି.ପ୍ର): ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଆଣିଥିବା ବଜେଟରେ କିଛି କ୍ଷେତ୍ରରେ ପଦେକ୍ଷପ ବେଶ ପ୍ରଶଂସନୀୟ । ତେବେ କେତେକ ଦିଗ ଚିନ୍ତାଜନକ ରହିଥିବାରୁ ଏଥିପ୍ରତି ଧ୍ୟାନ ଦେବା ଜରୁରୀ । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଜି ଲୋକସଭାରେ ଆଗତ କରାଯାଇଥିବା ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ବଜେଟରେ ପୁଞ୍ଜି ନିବେଶକୁ ଅଗ୍ରାଧିକାର ଦିଆ ଯିବା ପାନୀୟ ଜଳ ଓ ଗ୍ରାମ୍ୟ ଗୃହ ନିର୍ମାଣକୁ ଅଧିକ ଧ୍ୟାନ ଦେବା ପ୍ରଶଂସନୀୟ । ଏହା ଦ୍ୱାରା ବିକାଶ କୁ ଗତି ଦିଆ ଯିବା ସହ ଆଗକୁ ନେବା ସହ ଗ୍ରାମାଂଚଳର ସାମାଜିକ ବିକାଶରେ ସହାୟକ ହେବ । ମୁଖ୍ୟମନ୍ତ୍ରୀ ନିଜ ବଜେଟ ପ୍ରତିକ୍ରିୟାରେ କହିଛନ୍ତି, ମିଲେଟ ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିବାରୁ କରିଥିବାରୁ ନବୀନ ଖୁସି ବ୍ୟକ୍ତ କରିଛନ୍ତି । ଓଡ଼ିଶା ମିଲେଟ ମିଶନ ସମଗ୍ର ଦେଶରେ ଏକ ପଥ ପ୍ରଦର୍ଶକ ପଦକ୍ଷେପ ଥିଲା । ସେ କହିଛନ୍ତି ଯେ ବଜେଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନସ୍, ଇଂଟରନେଟ୍ ସହ ଆଦିମ ▶▶ପୃଷ୍ଠା ୭

## ଓଲିଉଡ ଅଭିନେତା ପିଣ୍ଟୁ ନନ୍ଦ ଗୁରୁତର



ଭୁବନେଶ୍ୱର,୦୧/୦୨ (ନି.ପ୍ର): ଓଡିଆ ଆଲବମ ହେଉ ବା ଫିଲ୍ମ । କମେଡିଆନ ହେଉ କିମ୍ବା ଖଳନାୟକ ଭୂମିକା । ପିଣ୍ଟୁ ନନ୍ଦଙ୍କ ଅଭିନୟ ସବୁବେଳେ ଦର୍ଶକଙ୍କ ମନକୁ ବେଶ ଛୁଇଁଛି । ନିଜର ନିଆରା ଠାଣି ପାଇଁ ଚର୍ଚ୍ଚିତ ପିଣ୍ଟୁ ନନ୍ଦ ସବୁବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ସବୁବେଳେ ସମସ୍ତଙ୍କୁ ମନୋରଞ୍ଜନ ଦେଉଥିବା ପିଣ୍ଟୁ ନନ୍ଦ କିନ୍ତୁ ଏବେ ଗୁରୁତର ହୋଇପଡିଛନ୍ତି । ଗୁରୁତର ଯକୃତ ଜନିତ ସମସ୍ୟାରେ ପୀଡିତ ହୋଇଛନ୍ତି ଏହି ଅଭିନେତା । ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସେ ଏବେ ଘରକୁ ଫେରିଛନ୍ତି । ତେବେ ଯକୃତ ପ୍ରତ୍ୟାରୋପଣ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଏଥିପାଇଁ ୫୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି । ପିଣ୍ଟୁଙ୍କ ଅସୁସ୍ଥତା ଖବର ଓଲିଉଡ ଜଗତରେ ଦୁଃଖର ବାତାବରଣ ଖେଳାଇଦେଇଛି । ପିଣ୍ଟୁଙ୍କର ଆଶୁ ଆରୋଗ୍ୟ କାମନା କରିଛି ପୁରା ଓଲିଉଡ । ତେବେ ପିଣ୍ଟୁଙ୍କ ଚିକିତ୍ସା ପାଇଁ ବହୁ ଟଙ୍କାର ଆବଶ୍ୟକତା ଥିବାରୁ ଏଥିପାଇଁ ତାଙ୍କ ପରିବାର ଲୋକଙ୍କ ସମେତ ଓଲିଉଡ ବି ଆଗେଇ ଆସିଛି । ତେବେ ଏ ସବୁ ଭିତରେ ଅଭିନେତା ପିଣ୍ଟୁ ନନ୍ଦଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାବେଳେ ସରକାରଙ୍କଠାରୁ ସହାୟତା ଲୋଡିଛି ଓଲିଉଡ ।

## ଦେଶର ବିକାଶରେ ମୂଳଦୁଆ ସାଜିବ ଏ ବଜେଟ୍ : ମୋଦୀ



ନୂଆଦିଲ୍ଲୀ,୦୧/୦୨ : ପୂର୍ଣ୍ଣାଙ୍ଗ ବଜେଟ ଆସିଛି । ସାଥିରେ ଆଣିଛି ନୂଆ ସମ୍ଭାବନା । କିଛି ଆଶା ପୂରା ହୋଇଛି କିଛି ବାକି ରହିଛି । ସେପଟେ ସବୁ ବର୍ଗର ଜନତାଙ୍କ ଆବଶ୍ୟକତାକୁ ଦୃଷ୍ଟି ରଖି ସରକାର ବଜେଟ ଆଣିଥିବା କହୁଛନ୍ତି । ବଜେଟ ଉପସ୍ଥାପନ ପରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସମ୍ବୋଧନ କରିଛନ୍ତି । ମୋଦି କହିଛନ୍ତି ଅମୃତ କାଳର ଏହା ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ । ଯାହା ଦେଶର ବିକାଶ ନିର୍ମାଣ ପାଇଁ ଏକ ମଜବୁତ ମୂଳଦୂଆ ସାଜିବ । ନୂଆ ବଜେଟରେ ନୂଆ ସଂକଳ୍ପକୁ ନେଇ ଆଗକୁ ବଢ଼ିବ ଦେଶ । ଭାରତ ୨୦୪୭ ସୁଦ୍ଧା ସମୃଦ୍ଧ, ସମର୍ଥ, ସଶକ୍ତ ଦେଶରେ ପରିଣତ ହେବ । ଏହି ବଜେଟ ଗରିବ, ମଧ୍ୟ ବର୍ଗ ଓ ଚାଷୀଙ୍କ ସହିତ ସବୁ ବର୍ଗ ସମାଜର ସ୍ୱପ୍ନକୁ ପୂରା କରିବ । ମୋଦି କହିଛନ୍ତି ମହିଳାଙ୍କ ଜୀବନକୁ ଅଧିକରୁ ଅଧିକ ସରଳ କରିବା ଲକ୍ଷ୍ୟ ରଖି ବଜେଟ ପ୍ରସ୍ତୁତ କରାଯାଇଛି । ଜୀବନର ସବୁ କ୍ଷେତ୍ରରେ ମଧ୍ୟମ ବର୍ଗର ଲୋକ ଏକ ମୁଖ୍ୟ ଧାରା ଅଟନ୍ତି । ସମୃଦ୍ଧ ଓ ବିକଶିତ ଭାରତର ସ୍ୱପ୍ନ ପୂରା ପାଇଁ ମଧ୍ୟମ ବର୍ଗ ଏକ ବୃହତ ମାଧ୍ୟମ ଅଟନ୍ତି । ତେଣୁ ଏମାନଙ୍କ ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ଟିକର ରିହାତି ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି ସରକାର । ବଜେଟ ଉପସ୍ଥାପନ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମରଣ ଓ ପୂରା ଟିମକୁ ଶୁଭେଚ୍ଛା ଜଣାଇନ୍ତି ପ୍ରଧାନମନ୍ତ୍ରୀ ।

## ବଜେଟରେ ରେଳ ବିଭାଗକୁ ମିଳିଲା ୨ ଲକ୍ଷ ୪୦ ହଜାର କୋଟି



ନୂଆଦିଲ୍ଲୀ,୦୧/୦୨ : ଚଳିତ ବଜେଟରେ ରେଲୱେ ପାଇଁ ୨ ଲକ୍ଷ ୪୦ ହଜାର କୋଟି ବ୍ୟୟବରାଦ କରାଯାଇଛି । ଗତ ବଜେଟରେ ଏହି ପରିମାଣ ୧ ଲକ୍ଷ ୪୦ ହଜାର କୋଟି ଟଙ୍କା ଥିଲା । ଫଳରେ ଚଳିତ ବଜେଟରେ ରେଲୱେ ପାଇଁ ୧ ଲକ୍ଷ କୋଟି ଅଧିକ ବ୍ୟୟବରାଦ କରାଯାଇଛି । ସୀତାରମଣ କହିଛନ୍ତି ଯେ, ଶହେଟି ଯୋଗାଯୋଗ ଭିତିଭୂମି ପ୍ରକଳ୍ପ ଚିହ୍ନଟ କରାଯାଇଛି । ଏହାକୁ ଅଗ୍ରାଧିକାର ଢଙ୍ଗରେ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ୭୫ ହଜାର କୋଟି ଟଙ୍କାର ନିବେଶ କରାଯିବ । ଏଥିରୁ ଘରୋଇ ନିବେଶ ୧୫ ହଜାର କୋଟି ଟଙ୍କାର ରହିବ । ସେହିପରି ରେଲୱେ ବଜେଟରେ ୩୫ଟି ହାଇଡ୍ରୋଜେନ ଇନ୍ଧନ ଚାଳିତ ଟ୍ରେନ, ୪୫୦୦ ଅଟୋମୋବାଇଲ କ୍ୟାରିୟର କୋଚ ଓ ୫୮ ହଜାର ୱାଗନ ତିଆରି ପାଇଁ ପ୍ରସ୍ତାବ ରହିଛି ।

## ୪ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ଗୋପାଳ

ଭୁବନେଶ୍ୱର,୦୧/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣାରେ ତନାଘନା । ଅଭିଯୁକ୍ତ ପୁଲିସ ଅଫିସର ଗୋପାଳ କୃଷ୍ଣ ଦାସଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ । ପଚରାଉଚୁରା କରିବାକୁ ୭ ଦିନିଆ ରିମାଣ୍ଡ ଆବେଦନ କରିଥିଲା ତଦନ୍ତକାରୀ ଟିମ୍ । ▶▶ପୃଷ୍ଠା ୭



## ନବ ଦାସଙ୍କୁ ହତ୍ୟା ଘଟଣା : ମନ୍ତ୍ରୀଙ୍କ ପିଏସଓ ନିଲମ୍ବିତ, ବ୍ରଜରାଜନଗର ଆଇଆଇସିଙ୍କ ବଦଳି

ଭୁବନେଶ୍ୱର,୦୧/୦୨ (ନି.ପ୍ର): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ଘଟଣାରେ ରାଜ୍ୟ ସରକାର ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗତ କାଲି ଝାରସୁଗୁଡା ଏସପି ଓ ବ୍ରଜରାଜନଗର ଏସଡିପିଓଙ୍କୁ ବଦଳି କରାଯିବା ପରେ ଆଜି ଦିବଙ୍ଗତ ମନ୍ତ୍ରୀଙ୍କ ପିଏସଓ ମିତ୍ରଭାନୁ ଦେଓଙ୍କୁ ନିଲମ୍ବିତ କରାଯାଇଛି । ଏଣେ ବ୍ରଜରାଜନଗର ଆଇଆଇସି ଓ ସବ୍‌ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି । ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ସମ୍ବଲପୁର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ, ଏସଆଇ ଶଶିଭୂଷଣ ପୋଡ଼ଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ତେଣେ ସମ୍ବଲପୁରରେ ଥିବା ଇନ୍ସପେକ୍ଟର ଧବଳେଶ୍ୱର ସାହୁଙ୍କୁ ବ୍ରଜରାଜନଗରର ନୂଆ ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି ।

## ରାଷ୍ଟ୍ରପତି ଆଗାମୀ ୧୦ରେ ଓଡ଼ିଶା ଆସିବେ



ଭୁବନେଶ୍ୱର,୦୧/୦୨ (ନି.ପ୍ର): ରାଷ୍ଟ୍ରପତି ଦ୍ରୌ ପଦୀ ମୁର୍ମୁ ଆଗାମୀ ୧୦ ତାରିଖରେ ଓଡ଼ିଶା ଆସିବେ । ଏହି ଗସ୍ତ ସମୟରେ ସେ ରମାଦେବୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଏନେଇ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଅପରାହ୍ଣ ୪ଟା ୧୫ ମିନିଟ୍ ସମୟରେ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ । ମିଳିଥିବା ସୂଚନା ଅନୁସାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିବେ । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦ୍ୱିତୀୟ ଥର ପାଇଁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୧୦ରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଂଚିବେ । ଗସ୍ତକାଳରେ ସେ ରାଜଭବନରେ ଅବସ୍ଥାନ କରିବେ । ରାଷ୍ଟ୍ରପତି ଦ୍ରୌ ପଦୀ ମୁର୍ମୁ ୧୧ ତାରିଖ ସକାଳ ୯ଟା ୧୫ରେ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବେ ।

## ଆସିଲା ମନ୍ତ୍ରୀ ନବ ଦାସଙ୍କ ପୋଷ୍ଟମର୍ଟମ ରିପୋର୍ଟ



ଭୁବନେଶ୍ୱର,୦୧/୦୨ (ନି.ପ୍ର): ନବ ଦାସଙ୍କ ହୃତପିଣ୍ଡରେ ଗଭୀର କ୍ଷତ ଯୋଗୁଁ, ତାଙ୍କର ମୃତ୍ୟୁ ହୋଇଛି । ନବ ଦାସଙ୍କ ପୋଷ୍ଟମର୍ଟମ ରିପୋର୍ଟରୁ ଏହା ଜଣାପଡିଥିବା ସୂଚନା ଦେଇଛି କ୍ରାଇବ୍ରାଂଚ । ତଦନ୍ତର ଅଗ୍ରଗତି ନେଇ କ୍ରାଇମବ୍ରାଂଚ ପକ୍ଷରୁ ସୂଚନା ଦିଆଯିବା ସହ କୁହାଯାଇଛି, ନବ ଦାସଙ୍କ ଉପରକୁ ଗୁଳି ମାଡ ପରେ, ତାଙ୍କ ହୃତପିଣ୍ଡରେ ଗଭୀର ଆଘାତ ଲାଗିଥିଲା । ହୃତପିଣ୍ଡରେ ଆଘାତ ଲାଗିବା କାରଣରୁ ନବ ଦାସଙ୍କର ମୃତ୍ୟୁ ହୋଇଛି । ତେବେ ଅନ୍ୟ ସବୁ ପ୍ରମାଣକୁ ସଂଗ୍ରହ କରି, ଅଧିକ ତଦନ୍ତ ଜାରି ରଖିଛି କ୍ରାଇମବ୍ରାଂଚ । ଗୋପାଳକୁ ୪ଦିନ ରିମାଣ୍ଡରେ ନେଇ ପଚରାଉଚୁରା କରୁଛି । ସେହିପରି କ୍ରାଇମବ୍ରାଂଚ ଟିମ୍, ସାଇଂଟିଫିକ୍ ଟିମ୍ ସହ ଗାଡି ଓ କ୍ରାଇମସ୍ପଟର ତଦନ୍ତ କରୁଛି । ଆଉ ଏକ ଟିମ୍ ଗୋପାଳଙ୍କ ଗାଁରେ ତଦନ୍ତ କରୁଛି । ତାଙ୍କ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛି । ତାଙ୍କ ଆର୍ଥିକ କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି । ପରିବାର ଲୋକ ବ୍ୟତୀତ ପଡୋଶୀଙ୍କୁ ବି ଗୋପାଳଙ୍କ ସମ୍ପର୍କରେ ପଚରାଉଚୁରା କରୁଛନ୍ତି । ତେବେ ଗୋପାଳଙ୍କ ମାନସିକ ସ୍ଥିତି ପ୍ରକୃତରେ କେମିତି ଅଛି, ତାହା ଜାଣିବା ପାଇଁ ଫରେନସିକ୍ ଯାଂଚ କରିବାକୁ ପ୍ରସ୍ତୁତି କରୁଥିବା ସୂଚନା ଦେଇଛି କ୍ରାଇମବ୍ରାଂଚ । ପୂର୍ବରୁ ଗୋପାଳ ମାନସିକ ରୋଗରେ ପୀଡିତ ଥିବା ପରିବାର ଲୋକ ଦାବି କରିବା ପରେ, ତାଙ୍କ ମାନସିକ ସ୍ଥିତିର ଯାଂଚ କରିବା ତଦନ୍ତକାରୀ ସଂସ୍ଥା ପାଇଁ ଅତି ଜରୁରୀ ।

# ମୂଳ ବୁଡ଼ାଇଦେଲା ପରିବା ଚାଷ : ଉପଯୁକ୍ତ ଦର ମିଳୁନି, ନିରାଶ ଚାଷୀକୂଳ

ରାଉରକେଲା, ୧/୦୨ (ନି.ପ୍ର): ଧାର କରଜ କରି ପନିପରିବା ଚାଷ କରିଥିଲେ । ୩/୪ ମାସ ଧରି ବାଡ଼ିରେ ହିଁ ରହିଥିଲେ । କୁଲିମଜୁରି ଲଗାଇବା ସହ ସାର, କୀଟନାଶକ ଔଷଧ ବାବଦକୁ ଅର୍ଥ ବ୍ୟୟ ବି କରିଥିଲେ । ଏବେ ପନିପରିବା ଉତ୍ପାଦନ ହେଉଛି । କିନ୍ତୁ ବଜାରରେ ଉପଯୁକ୍ତ ଦର ମିଳୁନି । ଏଣୁ ଖରିଫ୍ ଋତୁରେ ପନିପରିବା ଚାଷରୁ ଲାଭ ଆଶା କରିବା ବୃଥା ସଦୃଶ । ସ୍ଥିତି ଏମିତି ଯେ, ମୂଳ ବି ଫେରିବା ସମ୍ଭାବନା କ୍ଷୀଣ । ଆଉ ଏହାର ପ୍ରମୁଖ କାରଣ ପାଲଟିଛି ଛତିଶଗଡ଼, ଝାଡ଼ଖଣ୍ଡରୁ ପନିପରିବା ଆମଦାନୀ ଏବଂ ଚାଷ ଆରମ୍ଭବେଳେ ଅଦିନିଆ ବର୍ଷା । ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାକୁ ଝାଡ଼ଖଣ୍ଡର ଗୋବିନ୍ଦପୁର, ରାଞ୍ଚି, ବେଡ଼ୋ, ଲୁହାରଡେଗା, ସମେତ ଛତିଶଗଡ଼ର ଅମ୍ବିକାପୁର, ପଥଲଗାଁ ଅଞ୍ଚଳରୁ ସୁନ୍ଦରଗଡ଼ ଜିଲ୍ଲାକୁ ପନିପରିବା ଆମଦାନୀ ହେଉଛି । ପ୍ରତିଦିନ ସକାଳ ହେବାମାତ୍ରେ ପନିପରିବାରେ ଭର୍ତ୍ତି ଭାରୀଯାନ ରାଉରକେଲାରେ ପହଞ୍ଚିଯାଉଛି । ପଡ଼ୋଶୀ ରାଜ୍ୟରୁ ଆସୁଥିବା ପନିପରିବା ଅପେକ୍ଷାକୃତ କମ୍ ଦର ରହୁଛି । ଏଣୁ ସ୍ଥାନୀୟ ଚାଷୀକୂଳ ସମାନ ଦରରେ ବିକ୍ରି କରିବାକୁ ବାଧ ହେବାସହ କ୍ଷତି ସହୁଛନ୍ତି । ଏହି ଦୁଇ ପ୍ରମୁଖ କାରଣ ହିଁ ସଂପ୍ରତି ପନିପରିବା ଚାଷୀଙ୍କ ନିଷ୍ଠାପର ପରିଶ୍ରମକୁ ପାଣିରେ ପକାଇଦେବା ସହ ଆର୍ଥିକ ଦୁଶ୍ଚିନ୍ତା ଭିତରକୁ ଠେଲି ଦେଇଛି । ଜିଲ୍ଲାରେ ପନିପରିବା ଚାଷ ମୁଖ୍ୟତଃ ନୂଆଗାଁ ବ୍ଲକ ଓ କୁଆରମୁଣ୍ଡା ବ୍ଲକର କିଛି ଅଞ୍ଚଳରେ ହୋଇଥାଏ । ତେବେ ବର୍ଷସାରା ଜିଲ୍ଲାବାସୀଙ୍କୁ ପନିପରିବା ଯୋଗାଇବାରେ ନୂଆଗାଁ ବ୍ଲକର ଚାଷୀଙ୍କର ସିଂହଭାଗ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ଚାଷୀମାନେ ୧୦/୧୫ ଏକର ଲେଖାଏ ପନିପରିବା ଚାଷ କରୁଥିବା ଦେଖିବାକୁ ମିଳିଥାଏ । କେବଳ ନିର୍ଦ୍ଦିଷ୍ଟ ଗୋଟିଏ ନୁହେଁ; ବରଂ ଭିନ୍ନ ଭିନ୍ନ ପନିପରିବା ଚାଷ କରିଥାନ୍ତି । ପ୍ରତିବର୍ଷ ଭଳି ଏଥର ମଧ ଏଠାକାର ଚାଷୀ ଖରିଫ୍ ପନିପରିବା ଚାଷ କରିଥିଲେ । ବିଲରେ ପନିପରିବା ଭର୍ତ୍ତି ହୋଇ ରହିଛି । କିନ୍ତୁ ତାକୁ ତୋଳି ବିକ୍ରି କରିବାକୁ ମଧ ଅନିଚ୍ଛା ପ୍ରକାଶ କରୁଛନ୍ତି । କାରଣ, ଢ଼େର କମ୍ ଦର । ନୂଆଗାଁ ବ୍ଲକର ବିଭିନ୍ନ ଗାଁ, ଯଥା-କାରିମାଟି, ଗୋଲଦାରୁ, ଯୋକେତା, ଚୂଆବାହାଲ, କାତେପୁର, ବିରିଙ୍ଗାଟୋଲି, କୁନ୍ଦୁରା, ପତ୍ରାପାଲି, ଗାର୍ଦ୍ଧା, କୟମୁଣ୍ଡା, ଗୋପୁର, ଟାଇଣ୍ଡା, ଟାଙ୍ଗରପଲ୍ଲୀ, ବମୁଆ, ତେତେରକେଲା, ବିସପୁର ଘୋଡ଼ାବନ୍ଧ, ଅଙ୍କୁରପାଲି, ଲୁକୁମବେଡ଼ା ଏବଂ କୁଆରମୁଣ୍ଡା ବ୍ଲକର କରମାବାହାଲ, କାରିଛାପଲ, ଝାରବେଡା, ଟାଙ୍ଗରାଣୀ, ଚୁଟିଆ, ଲୋହାମାଲ, ରାମପୁର, ସିଆଲଜୋର, କଚାରୁ ଆଦି ଅଞ୍ଚଳରେ ସମାନ ସ୍ଥିତି । ନୂଆଗାଁ ଅଞ୍ଚଳରେ ଅତ୍ୟଧିକ ପରିମାଣରେ ପନିପରିବା ଚାଷ ହେଉଥିବାରୁ ସ୍ଥାନୀୟ ଚାଷୀକୂଳ ଏକପ୍ରକାର ନିରାଶ ହୋଇସାରିଲେଣି । ବର୍ତ୍ତମାନ ଏହି ଚାଷୀମାନେ ବିଲାତି କେଜି ପ୍ରତି ୫ଟଙ୍କାରେ ବିକ୍ରି କରୁଥିବାବେଳେ ଲଙ୍କା ୩୫/୪୦ ଟଙ୍କା, ଫୁଲ କୋବି ୫ ଟଙ୍କା, ବନ୍ଧାକୋବି ୫ ଟଙ୍କା, ବାଇଗଣ ୫ ଟଙ୍କା, ବ୍ରୋକଲି ୧୦ ଟଙ୍କା, ଗ୍ରୀନ୍ ?ମଟର ୧୦ ଟଙ୍କା, ସିମ୍ବ ୧୦ ଟଙ୍କା, ପୋଟଳ ୪୦ ଟଙ୍କା, ବିମ୍ ୫ ଟଙ୍କାରେ ବିକ୍ରି କରୁଛନ୍ତି । ଏବେ ଅଞ୍ଚଳରେ ବିଲାତି, ଫୁଲକୋବି, ବନ୍ଧା କୋବି, ବାଇଗଣ, ବିମ୍, ସିମ୍ବ ଆଦି ଅଧିକ ଉତ୍ପାଦନ ହେଉଥିବା ଦର ଆଶାନୁରୂପ ହେଉନି; ଯଦ୍ୱାରା ଯେଉଁ ଚାଷୀ କେବଳ ଏହି ପନିପରିବା ଚାଷ କରିଛନ୍ତି ସେମାନଙ୍କର ଦୁର୍ଦ୍ଦଶା ଦ୍ୱିଗୁଣିତ ହେଲାଣି । ନୂଆଗାଁ ବ୍ଲକର ଗୋଲଦାରୁରେ ବାସ କରୁଥିବା ବାଳକିଶୋର ସାହୁ ଜଣେ ପୁରୁଖା ଚାଷୀ । ପ୍ରତିବର୍ଷ ସେ ବହୁ ପରିମାଣରେ ପନିପରିବା ଚାଷ କରିଥାନ୍ତି । ଏହି କ୍ରମରେ ଚଳିତ ଖରିଫ୍ ସମୟରେ ମଧ ସେ ୩ ଏକରରେ ସିମ୍ବ, ୧ ଏକର ଲଙ୍କା, ଦେଢ଼ ଏକର ବିମ୍, ୧ ଏକର ବନ୍ଧା କୋବି, ୨ ଏକର ଫୁଲ କୋବି ଚାଷ କରିଥିଲେ । କିନ୍ତୁ ଏଥର ଦର ଆଶାନୁରୂପ ହେବାରୁ ଖରିଫ୍ ପନିପରିବା ମୂଳ ବୁଡ଼ାଇଦେଇଛି । ଏଥିରେ ଲାଭ ତ ଦୂରର କଥା, ଦିନମଜୁରିଆଙ୍କ ଖର୍ଚ୍ଚ ବି ବାହାରିବନିବୋଲି କ୍ଷୋଭର କହିଛନ୍ତି । ସେହିଭଳି ନୂଆଗାଁର ଚାଷୀ ଜ୍ୟୋତିଷ ଟପ୍ପୋ ମଧ ଏଥର ବହୁମାତ୍ରାରେ କ୍ଷତି ସହିଥିବା କହିଛନ୍ତି । ଜ୍ୟୋତିଷ ଏଥର ୪ ଏକର ଜମିରେ ଫୁଲକୋବି, ୩ ଏକରରେ ବିଲାତି ଚାଷ କରିଥିଲେ । ଭଲ ଉତ୍ପାଦନ ହେବା ସହ ଆରମ୍ଭରୁ କିଛି ଦିନ ଭଲ ଦର ମିଳିଥିଲା । ଏବେ କିନ୍ତୁ ଦରରେ ଆଶାତୀତ ହ୍ରାସ ଯୋଗୁଁ ମୂଳ ଫେରିପାଇବା ଆଶା ହରାଇସାରିଲେଣି । କେବଳ ଏହି ଦୁଇ ଜଣ ନୁହନ୍ତି; ବରଂ ଅଞ୍ଚଳର ସବୁ ପନିପରିବା ଚାଷୀଙ୍କ ସମାନ ସ୍ଥିତି । ଖରିଫ୍‌ର ଅଧା ଚାଷ କେବଳ କ୍ଷତି ଆଣିଥିବାବେଳେ ଏବେ କେତେଜଣ ଜହ୍ନି, ଲାଉ, କଲରା, ଭେଣ୍ଡି ଆଦି ପନିପରିବା ଚାଷ ଆରମ୍ଭ କଲେଣି । ଏଥିରୁ ଦି’ ପଇସା ଆୟକରି ପୂର୍ବ ଚାଷ ବେଳର କ୍ଷତି ଭରଣ କରିବାକୁ ପ୍ରୟାସ କରିବେବୋଲି ବହୁ ଚାଷୀ କହିଛନ୍ତି ।

# ଅଲୌକିକ ଘଟଣା : ଆପେ ଆପେ ଜଳୁଛି ନିଆଁ

ନୂଆପଡ଼ା, ୧/୦୨ (ନି.ପ୍ର): ଆପେ ଆପେ ନିଆଁ ଜଳୁଛି, ଗୋଟିଏ ଜାଗାରେ ନିଆଁ ଲିଭାଇଲେ ଅନ୍ୟ ଜାଗାରେ ଜଳୁଛି । କୌଣସି ଜ୍ୱଳନ ଦ୍ରବ୍ୟ ନଥିବା ବେଳେ ହଠାତ ନିଆଁ ଲାଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି । ବିଶ୍ୱାସ ଯୋଗ୍ୟ ନହେଲେ ମଧ ଏହା ସତ୍ୟ । ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ପଂଚାୟତର ଭିମାଖୋଲ ଗାଁ । ଏହି ଗାଁର ହଳଧର ଛତ୍ରିଆଙ୍କ ଘରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । କୌଣସି କାରଣ ନଥାଇ ହଠାତ ନିଆଁ ଲାଗିଯାଉଛି । ଗୋଟିଏ ଜାଗାରେ ନିଆଁ ଲିଭାଇଲେ ଅନ୍ୟ ଜାଗାରେ ନିଆଁ ଲାଗିଯାଉଛି । ଏନେଇ ପରିବାର ଲୋକେ ଭୟଭୀତ ହେବା ସହ ଅନ୍ୟ ମାନେ ଆଶ୍ଚର୍ଯ୍ୟ ହେଉଛନ୍ତି । ଗତ ରବିବାର ଦିନ ସନ୍ଧ୍ୟା ଛଅ ଘଟିକାରେ ହଳଧରଙ୍କ ଦାଣ୍ଡ ଦ୍ୱାରରେ ଥିବା ମଣ୍ଡପ(ମଡୋ)ର ଗୋଟିଏ ପାର୍ଶ୍ୱରେ ହଠାତ ନିଆଁ ଲାଗିଥିଲା । ପରିବାର ଲୋକେ ନିଆଁ ଲିଭାଇ ଦେଲେ ।ରାତ୍ରିରେ କୌଣସି ଘଟଣା ଘଟିଲା ନାହିଁ । ସକାଳୁ ଉଠିଲା ପରେ ସେହି ମଣ୍ଡପର ଅନ୍ୟ ଏକ ପାର୍ଶ୍ୱରେ ନିଆଁ ଲାଗିଲା । ତାକୁ ଲିଭାଇଲା ପରେ ପରେ ବାଡ଼ିପଟେ ଥିବା କିଛି ପୁଆଳରେ ନିଆଁ ଲାଗିଲା, ତାକୁ ଲିଭାଇଲା ପରେ ପାଖରେ ଥିବା କୁଟା ଗଦା ରେ ନିଆଁ ଲାଗିଲା । ଏପରି ଭାବରେ ପର୍ଯ୍ୟାୟ କ୍ରମେ ଘରର ସବୁ କପଡ଼ାରେ ନିଆଁ ଲାଗିଲା । ଏପରିକି ଗଡରେଜ ଭିତରେ ନିଆଁ ଲାଗି ଆସବାବପତ୍ର ସହ କୋଡିଏ ହଜାର ଟଙ୍କା ପୋଡି ଯାଇଥିବା ପରିବାର ଲୋକେ କହିଛନ୍ତି । ପରେ ଘର ଲୋକେ ସବୁ ଆସବାବପତ୍ର ବାହାରେ ରଖି ଛୋଟ କପଡାଟିଏ ଭିତରେ ରଖିଦେବାରୁ ତାହା ଜଳି ଯାଇଥିଲା ।ଏପରି ଭାବରେ କୋଡିଏ ଥରରୁ ଅନେକ ଥର ନିଆଁ ଲାଗି ସାରିଛି ।ଏହା ଏକ ଅଲୌକିକ ଘଟଣା କିବା କୌଣସି ବୈଜ୍ଞାନିକ ସିଦ୍ଧାନ୍ତ ପାଇଁ ଏସବୁ ହେଉଛି ତାହା ଅନୁସନ୍ଧାନ ସାପେକ୍ଷ । ହଳଧରଙ୍କ ଘରେ ନିଆଁ ଲାଗିବା ପଛର କାରଣ କିଛି ଜଣା ପଡ଼ିନାହିଁ । ଆଜି ମଧ ଛଅ ଥର ଜଳିଲାଣି । ପରିବାର ଲୋକେ ଭୟ ପାଇ ପୂଜାର୍ଚ୍ଚନା କରିବା ଆରମ୍ଭ କରିଛନ୍ତି । ଘର ପାଖରେ ଲୋକଙ୍କ ଭିଡ଼ ଲାଗିରହିଛି । ଅନ୍ୟ ଗ୍ରାମର ଲୋକେ ମଧ ଏହି ଘଟଣା ଦେଖିବାକୁ ଆସି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି ।ଏନେଇ ଖଡ଼ିଆଳ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ତଥା ରସାୟନ ବିଭାଗ ଅଧାପକ ତରୁଣ ପ୍ରଧାନଙ୍କୁ ପଚାରିବାରୁ କୌଣସି ରାସାୟନିକ ପ୍ରକ୍ରିୟାରୁ ଏସବୁ ଘଟୁଥିବା ସନ୍ଦେହ କରିଛନ୍ତି ଓ କିଛି ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ପଠାଇ ଅନୁସନ୍ଧାନ କରିବେ ବୋଲି କହିଛନ୍ତି । ଅନ୍ୟ ପକ୍ଷରେ ସବୁକିଛି ଜଳି ଯାଇଥିବାରୁ ଏହି ପରିବାର ନିଃସହାୟ ହୋଇ ପଡିଛନ୍ତି, ତାଙ୍କୁ ସରକାରୀ ସହଯୋଗ ଜରୁରୀ ହୋଇପଡ଼ିଛି ।

# ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୧/୦୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରଗ୍ରହଣ କରିଥିବା ଶିକ୍ଷୟିତ୍ରୀ ପ୍ରତିଭା କେଶରୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଆଶୁତୋଷ ବଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ,ମୁଖ୍ୟବକ୍ତାଭାବେ କ୍ଲଷ୍ଟର ସିଆରସିସି ଶ୍ରୀବସ୍ତବ ସାହୁ,ସମ୍ମାନୀତ ଅତିଥିଭାବେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ, ସମିତିସଭ୍ୟା ରୁକସାନା ପରୱିନ୍, ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁନ ଓ ନିମାଇଁ ଚରଣ ଦାସ ପ୍ରମୁଖ ଯୋଗ ଦେଇ କାର୍ଯ୍ୟରୁ ବିରତି ନେଇଥିବା ଶ୍ରୀମତି ପଣ୍ଡାଙ୍କ କର୍ମମୟ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିବା ସହ ସଫଳତା ପାଇବାକୁ ହେଲେ ଲକ୍ଷ ରହିବା ଦରକାର,ବିଦ୍ୟାଳୟର ଶକ୍ତି ହେଉଛି ଛାତ୍ରଛାତ୍ରୀ ଓ ଚରିତ୍ର ଗଠନ କରିବା ଶିକ୍ଷାକର୍ମଚାରୀଙ୍କ ମୂଳ ଲକ୍ଷ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୁଲଫିକର ଅଲ୍ଲୀ ଅତିଥି ପରିଚୟ ପ୍ରଦାନ ଓ ମଂଚ ପରିଚାଳନାରେ ଶିକ୍ଷୟିତ୍ରୀ ରାମେଶ୍ୱରୀ ସେଠୀ ସହଯୋଗ କରିଥିବା ବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ଓ ବନ୍ଧଡିହ କ୍ଲଷ୍ଟର ପକ୍ଷରୁ ଅତିଥିମାନେ ଶ୍ରୀମତି ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟରେ ବାର୍ଷିକ କ୍ରୀଡାରେ ସଫଳତା ପାଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଛାତ୍ରୀମାନଙ୍କ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଆବୁସାଏମା,ଅକ୍ତର ହୋସେନ, ଅବଦ୍ଦୁଶ ସକୁର, ରାକେଶ ଦେଓ,ଅମୂଲ୍ୟ ରାଉତ, ସେକ୍ ଇସାକ୍‌ଙ୍କ ସମେତ ବହୁ ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମହାରଣା, ଦୀପିକା ଶତପଥୀ, ସୁଲତାନା ପରୱିନ, ରୋବେଦା ବେଗମ୍, ଶିକ୍ସା ସ୍ୱାଇଁ,ଉର୍ମିଳା ସାହୁ, ଶ୍ରୀତୋଷ୍ଣା ବଳ,ଦିବାକର ସେଠୀ ଓ ଚିତରଂଜନ ଓଝା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ନାରାୟଣ ଆୟଚ ଧନ୍ୟବାଦ ଅର୍ପଣ କରିଥିଲେ । ଅବସର ଗ୍ରହଣ କରିଥିବା ଶ୍ରୀମତି ପଣ୍ଡାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ନିଆଯାଇଥିଲା ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧/୦୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଗୋଟିଏ ବି ମାତୃମୃତ୍ୟୁକୁ ବରଦାସ୍ତ କରାଯିବ ନାହିଁ ବୋଲି ତାଗିଦ କରିବା ସହ ମାତୃମୃତ୍ୟୁକୁ ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା କରିବାକୁ ପରାମର୍ଶ ଦେଇଥିଲେ । ମାତୃମୃତ୍ୟୁ, ଶିଶୁ ମୃତ୍ୟୁ, ଟୀକାକରଣ, କୃମିନାଶନ ଦିବସ, ଅମ୍ଳାନ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଦି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟରେ ସୁବର୍ଣ୍ଣପୁର ଜିଲ୍ଲାର ସ୍ଥିତି ପରଖିବା ସହ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ସିଡିଓ ତଥା ଇଓ ନିହାର ରଂଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ସର୍ଭିଲେନସ୍ ମେଡିକାଲ ଅଫିସର ଡାକ୍ତର ଅମରେନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଡିପିଏମ ବିଶ୍ୱମ୍ଭର ବେହେରା, ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ, ବିପିଏମ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳକଗଣ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ବୃନ୍ଦ ବୈଠକରେ ଉପସ୍ଥିତ ଥିଲେ ।

# ସାମାଜିକ ପରିବର୍ତ୍ତନ ପାଇଁ ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ରାଜ୍ୟରେ ଏକ ନୂତନ ବିକଳ୍ପ

କୋରେଇ, ୧/୦୨ (ନି.ପ୍ର): ଜିଲ୍ଲାସ୍ତରୀୟ ସମ୍ବିଧାନ ସଚେତନତା ସଭା ମୂଳନିବାସୀ ଇୟୁନାଇଟେଡ୍ ଫୋରମ୍ ତରଫରୁ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଦେଶର ମହାନ୍ କ୍ରାନ୍ତିକାରୀ ସମାଜ ସଂସ୍କାରକ ବାବାସାହେବ ଡ଼କ୍ଟର ବି.ଆର୍ ଆମ୍ବେଦକର୍‌ଙ୍କ ଲିଖିତ ସମ୍ବିଧାନ ରେ ସାମାଜିକ ପରିବର୍ତ୍ତନର ସମସ୍ତ ଦୀଗ ଉଲ୍ଲେଖିତ ଥିଲେ ମଧ କାର୍ଯ୍ୟକାରୀ କରିବାରେ ସରକାର ବିଫଳ ହୋଇଛନ୍ତି । ଯେଉଁଥିପାଇଁ ଦଳିତ ଆଦିବାସୀ ପଛୁଆବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟ ନିଜର ସାମ୍ବିଧାନିକ ମୌଳିକ ଅଧିକାର ଓ ସୁରକ୍ଷା କ୍ଷୁର୍ଣ୍ଣ ହୋଇ ଚାଲିଛି । ତେଣୁ ତାଙ୍କ ଲକ୍ଷ,ବିଚାର ଓ ଆଦର୍ଶ ସହ ବୌଦ୍ଧିକ ବିଚାର ନେଇ ସମସ୍ତ ସଂଗଠନ କାର୍ଯ୍ୟକର୍ତ୍ତା ମାନଙ୍କୁ ଗ୍ରାମାଂଚଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏକତ୍ରିତ କରି ସମ୍ମିଳୀତ କରି ସଂଗ୍ରାମ କରିବାକୁ ଏହି ଫୋରମ୍ ଲକ୍ଷ ରଖିଛି ବୋଲି ମୁଖ୍ୟ ଅତିଥି ଫୋରମ୍‌ର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ ମତ ଦେଇଥିଲେ । ରାଜ୍ୟର ସମସ୍ତ ଜନସାଧାରଣ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ସରକାର ଜାତିପ୍ରଥା ବିଲୋପ ଉପରେ ଗୁରୁତ୍ୱ ଦେଉନାହାନ୍ତି, ଅନ୍ୟ ପଟେ ବେଳେ ଓବିସି ଏସି/ଏସ୍‌ଟି ମାନେ ନିଜ ଭିତରେ ଥିବା ଜାତିବାଦ୍‌କୁ ପ୍ରଥମେ ତ୍ୟାଗ କରି ମନୁବାଦୀ ବ୍ୟବସ୍ଥାରୁ ମୁକ୍ତି ପାଇଁ ରାଜ୍ୟ ବ୍ୟାପି ଆନ୍ଦୋଳନ ଓ ପ୍ରଶିକ୍ଷଣ କରି ସଚେତନତା ଜରିଆରେ ସାମାଜିକ ପରିବର୍ତ୍ତନ ପାଇଁ ୟୁନାଇଟେଡ୍ ଫୋରମ୍ ରାଜ୍ୟରେ ଏକ ନୂଆ ବିକଳ୍ପ ଭାବେ କାର୍ଯ୍ୟ କରି ମୂଳନିବାସୀଙ୍କର ବିଶ୍ୱାସଭାଜନ ହେବ । ସେହିପରି ଜାତି ପ୍ରଥାର ବିଲୋପ ପାଇଁ ଶାସନରେ ଥିବା ବ୍ୟକ୍ତିମାନଙ୍କ ପାଖରେ କ୍ଷମତା ଥିଲେ ମଧ ତାହା କରୁନଥିବାରୁ ଏବେ ନିଜର ସ୍ୱାଭିମାନ ଓ ସୁରକ୍ଷା ପାଇଁ ଏହି ବର୍ଗ ଏବେ ବିକଳ୍ପ ଭାବେ ଫୋରମ କୁ ଗ୍ରହଣ କରିବେ ବୋଲି ମତ ପ୍ରକାଶ ପାଇଥିଲା । ସମ୍ମାନୀତ ଅତିଥି ଭାବେ କୋରାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ଘଡ଼ାଇ ଜିଲ୍ଲାରେ ଦଳିତ ଆଦିବାସୀ ମାନଙ୍କ ପାଇଁ ଆସୁଥିବା ବାସଗୃହକୁ ଓ ସରକାରୀ ଯୋଜନା ଟଂଚକତା କରାଯାଇ ଦୁର୍ନୀତି କିପରି ରୋକା ଯାଇପାରିବ ସମସ୍ତେ ଏକତ୍ର ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ମନୋରଂଜନ ଜେନା, ନିହାର ରଂଜନ ସାମଲ, ଦାଣ୍ଡିମାଳ ସେବକ ସଂଘର ସଭାପତି ସୁରେଶ ନାୟକ, ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ସଂଯୋଜକ ଉମାକାନ୍ତ ମଲିକ, ଦୁଶାସନ ଜେନା ,କାଳନ୍ଦୀ ମଲିକ, କୋରାଇ ବ୍ଲକ ସଭାପତି ସହଦେବ ଜେନା, ଶ୍ରୀଧର ଜେନା, ଆର୍ତତ୍ରାଣ ମଲ୍ଲିକ, ଜିତୁ ସେଠୀ, ବାପି ଜେନା, ବୈରାଗୀ ମଲିକ, ବିକାଶ ମଲିକ ପ୍ରମୁଖ ବକ୍ତବ୍ୟ ରଖି ନୂଆ ଜାଗରଣ ପାଇଁ ମିଳିତ ମଂଚରେ ସମସ୍ତ ସଂଗଠନ ଯୋଗୁ ଦେବାକୁ ଆହ୍ୱାନ ଦେଇଥିଲେ ।

# ପରାମର୍ଶଦାତାଙ୍କ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୧/୦୨ (ନି.ପ୍ର): ବିଦ୍ୟାଳୟ ସ୍ତରରୁ ରେଡ଼କ୍ରସ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କୋରାପୁଟର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଜିଲ୍ଲା ଜୁନିୟର ରେଡକ୍ରସ୍ ପରାମର୍ଶଦାତା ମାନଙ୍କର ତିନିଦିନିଆ ପ୍ରଶିକ୍ଷଣ ଶିବିର ସରକାରୀ ଉଚ୍ଚ ବିଦ୍ୟାଳୟ କାକିରିଗୁମ୍ମା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଅଧକ୍ଷ ଜିଲ୍ଲା କନିଷ୍ଠ ରେଡକ୍ରସ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ପ୍ରଫେସର ଡାକ୍ତର ଗୋପାଳକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀପୁର କୈଳାଶ ଚନ୍ଦ୍ର ବେହେରା, ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦାନ କରି ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ସାଂପ୍ରତିକ ପରିସ୍ଥିତିରେ ରେଡକ୍ରସର ଭୂମିକା ଏବଂ ପରାମର୍ଶଦାତାଙ୍କ ଦାୟିତ୍ୱ ଓ କର୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କାକିରିଗୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ସୁନାନୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଜିଲ୍ଲା କନିଷ୍ଠ ରେଡ଼କ୍ରସ ସମ୍ପାଦକ ଭୀମ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଜିଲ୍ଲା କନିଷ୍ଠ ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜିଲ୍ଲା ସାଧନ କର୍ମୀ ଜ୍ୟୋତିରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତ୍ରି ଦିବସୀୟ କାର୍ଯ୍ୟକ୍ରମରେ ରାଜ୍ୟ ସାଧନକର୍ମୀ ଯଜ୍ଞେଶ୍ୱର ପଣ୍ଡା, ଡାକ୍ତର ଗୋପାଳକୃଷ୍ଣ ନାୟକ, ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲ୍ଲା ସାଧନକର୍ମୀ ଜ୍ୟୋତିରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ନବଘନ ରାଉତ ଏବଂ ଓଡ୍ରାଫ କୋରାପୁଟର ସାଧନକର୍ମୀ ଆଲୋକ କୁମାର ପାଣି ଓ ସନ୍ତୋଷ କୁମାର ପଣ୍ଡା ଯୋଗଦାନ କରି ରେଡକ୍ରସର ଇତିହାସ, ମୌଳିକ ନୀତି, ପ୍ରତିଷ୍ଠାତାଙ୍କ ଜୀବନୀ, ରେଡକ୍ରସ ଚିହ୍ନ, ବିଦ୍ୟାଳୟ ଜୁନିୟର ରେଡକ୍ରସ ପରିଚାଳନା କମିଟି ଗଠନ, ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ, ରକ୍ତଦାନ ଓ ଏଡ୍ସ ସଚେତନତା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିବାରଣ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତନ ତଥା ଯୋଗାସନ ଓ ପ୍ରାଣାୟାମ ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୧୪ଟି ବ୍ଲକରୁ ୩୦ ଜଣ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସୁନାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କନିଷ୍ଠ ରେଡକ୍ରସ ଉପାଧକ୍ଷା ଶ୍ରୀମତୀ ଅର୍ପିତା ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ଓ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ବାଘ ଯୋଗଦାନ କରି ପ୍ରଶିକ୍ଷାର୍ଥୀଙ୍କୁ ସ୍ୱ ସ୍ୱ ବିଦ୍ୟାଳୟରେ ରେଡକ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଛାତ୍ରଛାତ୍ରୀମାନଙ୍କ ମନରେ ସେବା ମନୋଭାବ ଉଦ୍ରେକ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା କନିଷ୍ଠ ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେପରେ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ଦୀପ୍ତି କନଭେଣ୍ଟ ସ୍କୁଲର ଶିକ୍ଷୟିତ୍ରୀ ଆସ୍ୱତି ନାମ୍ବିଆର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୋରିଗୁମ୍ମାର ଶିକ୍ଷକ ଶୁଭଶ୍ରୀ ଶୁଭଦର୍ଶନ ଜେନାଙ୍କୁ ଶ୍ରେଷ୍ଠ ଶିବିରାର୍ଥୀ ଭାବେ ପୁରସ୍କୃତ କରାଯାଇଥିଲା । ଶେଷରେ ପରାମର୍ଶଦାତା ସଞ୍ଜୀବ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେକ୍ଟରିଏଟ ଭୋଜନାଳୟ : ଅସ୍ୱାସ୍ଥ୍ୟକର ଓ ଧୂଆଁ ପରିବେଶରେ ଗ୍ରାହକ ଅତିଷ୍ଠ

ପୁରୀ, ୧/୦୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି କଲେକ୍ଟରିଏଟ ଭୋଜନାଳୟ । ସେହି ଭୋଜନାଳୟଟି କାର୍ଯ୍ୟାଳୟର ଗୋଟିଏ କୋଣରେ ବିଦ୍ୟୁତ୍ ସବଷ୍ଟେସନକୁ ଲାଗି ରହିଅଛି । ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ଓ କାଠ ଧୂଆଁ ଯୋଗୁଁ ଗ୍ରାହକମାନେ ଅତିଷ୍ଠ ହୋଇପଡୁଥିବା ପରିଲକ୍ଷିତ ହେଉଛି । ଏପରିକି କାଠ ଧୂଆଁ ବନ୍ଦ କରିବା ପାଇଁ ଓ ଜଙ୍ଗଲକ୍ଷୟ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିହିତ ବ୍ୟବସ୍ଥା କରାଯାଉଛି । ଭୋଜନାଳୟଟି ଚାଳ ଛପର ହୋଇଥିବା ବେଳେ ଚାଳ ଉପରେ କଳା ଜରିପାଲ ପଡ଼ିଛି । ଦୁଇ ତିନୋଟି ବଡ ଚୁଲିରେ କାଠ ଜାଳି ରୋଷେଇ କରାଯାଉଛି । କାଠ ଧୂଆଁରେ ଖାଲି ଗ୍ରାହକ ନୁହଁ ଆଇନଜୀବୀ, ମୋହରିର ଓ ଭେଣ୍ଡରମାନେ ଅତିଷ୍ଠ ହେଉଛନ୍ତି । ମର୍ଟନ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ହୋଟେଲରେ ଅନେକ ଯୁବକ ମଦ୍ୟପାନ କରି ହୋଟେଲରେ ଖାଉଥିବା ଅଭିଯୋଗ ହେଉଛି । ବୋର୍ଡ଼ରେ ମଦ୍ୟପାନ ନିଷେଧ ଲେଖାଥିଲେ ମଧ ତାହା ଧର୍ମକୁ ଆଖିଠାର ସଦୃଶ ହୋଇଛି । କାଠ ନିଆଁରୁ ଯଦି ଚାଳକୁ ଧରେ ତେବେ ହୋଟେଲ ଜଳିବା ସହ ବିଦ୍ୟୁତ୍ ସବଷ୍ଟେସନ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ଜିଲ୍ଲାପାଳଙ୍କ ପାଚେରିକୁ କାଟି ଟାଉନହଲ ପଟକୁ ଏକ ଗଳିଆ ବାଟ କରାଯାଇଥିବାରୁ ସେହି ବାଟ ଦେଇ ଅସାମାଜିକ ଯୁବକମାନେ ଖାଇବାକୁ ଆସୁଥିବା ଦେଖାଯାଉଛି । ବିପଦସଙ୍କୁଳ ଅବସ୍ଥାରେ ଜରିପାଲ ଯୋଗୁଁ ଗ୍ରାହକମାନେ ଭୟଭିତ ଅବସ୍ଥାରେ ଏଠାରେ ଖାଉଥିବା ଦେଖିବାକୁ ମିଳୁଛି । କମ୍ ସ୍ଥାନ ମଧ୍ୟରେ ଅଧିକ ଗ୍ରାହକ ଖାଉଥିବା ଯୋଗୁଁ ତାହା ସେମାନଙ୍କୁ ସୁବିଧାଜନକ ହେଉନାହିଁ । ଗ୍ରାହକମାନେ ଖାଉଥିବା ଷ୍ଟିଲ ଥାଳି ଗୁଡ଼ିକ ବାହାରେ ରଖା ଯାଉଥିବାରୁ ମାଳ ମାଳ କୁକୁର ଥାଳି ଚାଟୁଥିବା ଦେଖିବାକୁ ମିଳୁଛି । ଜିଲ୍ଲାପାଳ ଏହି ହୋଟେଲକୁ ବନ୍ଦ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

## କରଦା ଗାନ୍ଧୀ ପୀଠରେ ମାହାତ୍ମା ଗାନ୍ଧୀଙ୍କୁ ଭୁଲି ଗଲେ ନେତା ଓ ପ୍ରଶାସକ

କୋରେଇ, ୧/୦୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର କରଦା ଠାରେ ଗାନ୍ଧୀ ପୀଠ ଅବସ୍ଥିତ । ବହୁ ପୁରାତନ ଏହି ପୀଠ ୧୯୭୨ ମସିହାରେ ବିରଳ ବସିଥିବା ଗାନ୍ଧୀ ମୂର୍ତି ସ୍ଥାପନା କରାଯାଇଥିଲା । ଗାନ୍ଧୀ ଜୟନ୍ତୀରେ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ଏଠାରେ ଗାନ୍ଧୀ ଜୟନ୍ତି ପାଳନ କରାଯାଏ । କିନ୍ତୁ ବିଡମ୍ବନାର ବିଷୟ ଗତ ୩୦ ତାରିଖ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରେ କେହି ନେତା କି ପ୍ରଶାସକ ଉକ୍ତ ଗାନ୍ଧୀ ମୂର୍ତିକୁ ଆଡ ଆଖିରେ ଚାହିଁ ନାହାନ୍ତି । ଏମିତିକି ତିରୋଧାନ ଦିବସରେ କେହି ତାଙ୍କ ବେକରେ ଫୁଲହାର ଟିଏ ପକାଇବା ଦେଖିବାକୁ ମିଳିନଥିଲା । ୧୯୪୮ ଅଗଷ୍ଟ ୩୦ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ହୋଇଥିବା ବେଳେ ୧୯୬୪ ମସିହା ଅଗଷ୍ଟ ୩୦ ତାରିଖରୁ ସହୀଦ ଦିବସ ଭାବେ ପାଳନ କରାଯାଉଛି । ଅହିଂସା ଦିବସ ଭାବେ ମଧ୍ୟ ଏହାକୁ ପାଳନ କରାଯାଉଛି । କିନ୍ତୁ କରଦା ଗାନ୍ଧୀ ପୀଠରେ ନେତା ବା ପ୍ରଶାସକ ବା ଆୟୋଜକ କେହି ଏଥି ପ୍ରତି ଦୃଷ୍ଟି ନଦେବା ଗାନ୍ଧୀ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି । ଏମିତିକି ଗାନ୍ଧୀ ପୀଠକୁ ବ୍ୟବହାର କରୁଥିବା ବ୍ୟକ୍ତି ମାନେ ମଧ୍ୟ ଫୁଲହାର ଟିଏ ପକାଇବାକୁ ଭୂଲି ଯାଇଛନ୍ତି । ଏହା ଏକ ଅକ୍ଷମଣୀୟ ଅପରାଧ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଫେବୃଆରୀ ୧୨ରେ ବ୍ରହ୍ମବରଦାରେ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ

ଧର୍ମଶାଳା, ୧/୦୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଫେବୃଆରୀ ୧୨ ତାରିଖରେ ଏକ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏନେଇ ମେଓ୍ୱା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ସୂଚନା ମୁତାବକ,ରୁହାନୀ ସ୍ପୋର୍ଟ କ୍ଲବ ଇସଲାନଗର ଆନୁକୂଲ୍ୟରେ ବ୍ରହ୍ମବରଦା ମୋସାଇରା ପଡିଆରେ ଏହି ସର୍ବଭାରତୀୟ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ରୁହାନୀ ସ୍ପୋର୍ଟ କ୍ଲବର ସଭାପତି କମରୁଲ୍‌ଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକରେ କ୍ଲବର ବରିଷ୍ଠ ସଭ୍ୟ ଓ ଗ୍ରାମମୁରବୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ଓଡିଶା ଟାଇଗର ଓଡିଶା,ୟୁପି ଚ୍ୟାଲେଞ୍ଜର ଉତର ପ୍ରଦେଶ, ହରିଆଣା କିଙ୍ଗସ୍ ହରିଆଣା ଓ ଡବ୍ଲୁସି ରେଲୱେ ଜବଲପୁର ମଧ୍ୟପ୍ରଦେଶ ଭଲିବଲ କ୍ଲବ ଯୋଗ ଦେବାର କାର୍ଯ୍ୟକ୍ରମସ୍ଥିର ହୋଇଛି । ସର୍ବଭାରତୀୟ ରେଫରୀଭାବେ ନିରଞ୍ଜନ ନାୟକ ଯୋଗ ଦେଇ ଖେଳ ପରିଚାଳନା କରିବା ସହ ଜିଲା ତଥା ଜିଲା ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଖେଳକୁ ଶାନ୍ତିଶୃଙ୍ଖଳାର ସହ ସମାପନ ହେବା ନେଇ ସମସ୍ତ କ୍ଲବର ସଭ୍ୟମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ଟୁର୍ଣ୍ଣାମେଂଟ ଅପରାହ୍ନ ସାଢେ ୨ଟାରେ ଆରମ୍ଭ ହୋଇ ବିଳମ୍ବିତ ରାତିରେ ସମାପନ ହେବ । ଏହି ପ୍ରସ୍ତୁତି ବୈଠକରେ କ୍ଲବର ଉପସଭାପତି ଅନୱର ଖାଁନ,ସମ୍ପାଦକ ଜୁଲଫିକର ଅଲ୍ଲୀ,ସହ-ସମ୍ପାଦକ ସଫି ଆଲାମ,ମେଓ୍ୱା ସଭାପତି ଅକ୍ତର ହୋସେନ,ଉପଦେଷ୍ଟା ଅବଦୁଲ ରସିଦ ଖାଁନ,ଫିରଦୋଶ ଆଲାମ ଖାଁନ,ଇମତିଆଜ ଆଲାମ ଖାଁନ ଓ କ୍ରୀଡାବିତ୍ ଅମୀୟ କୁମାର ପରିଡାଙ୍କ ସମେତ ବହୁ ମୁରବୀ ଯୋଗ ଦେଇ ଏହି ଟୁର୍ଣ୍ଣାମେଂଟକୁ ସଫଳ କରିବାକୁ ଆଲୋଚନାରେ କରିଥିଲେ ।

# ବୟସ ବ୍ୟବଧାନ ଯୋଗୁଁ କପଲଙ୍କ ମଧ୍ୟରେ ହୋଇଥାଏ କି କଳି ? ଜାଣନ୍ତୁ ଏହା କେତେ ଭଲ୍ ଓ କେତେ ଖରାପ

**ମୁଦ୍ରାର ଦୁଇ ପାର୍ଶ୍ୱ ପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ହୋଇଥାଏ । ବେଳେବେଳେ ଏଥିରେ ଦୁଃଖ ଥାଏ, ବେଳେବେଳେ ସୁଖ ଥାଏ ଏବଂ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଖଟା-ମିଠା ଯୁକ୍ତି ମଧ୍ୟ ରହିଥାଏ। ବିବାହ ଏବଂ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସମ୍ବନ୍ଧୀୟ ଅନେକ ଜିନିଷ ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ବୟସ ବ୍ୟବଧାନ ସେମାନଙ୍କ ମଧ୍ୟରୁ ଗୋଟିଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ, ଅର୍ଥାତ୍ ବୟସ ବ୍ୟବଧାନ ଅଧିକ ରହିଥାଏ, ତେବେ ସମ୍ପର୍କ ମଧ୍ୟରେ ଦୁଃଖ ଜନ୍ମ ହୁଏ ଏବଂ ଧୀରେ ଧୀରେ ମତଭେଦ ହୁଏ। ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞ କହିଛନ୍ତି ଯେ ଯଦି ବୟସ ବ୍ୟବଧାନ ଆବଶ୍ୟକତାଠାରୁ ଅଧିକ, ତେବେ ସାଧାରଣ ଅପେକ୍ଷା ସମ୍ପର୍କ ମଧ୍ୟରେ ଉ ନ-ପତନ ଦେଖିବାକୁ ମିଳିବ। ଏହା ପଛର କାରଣ ହେଉଛି ଗ୍ରହ ଏବଂ ବ୍ୟକ୍ତିର ମାନସିକତା। ପ୍ରଥମେ, ଗ୍ରହମାନଙ୍କର ଖେଳକୁ ବ୍ୟାଖ୍ୟା କରାଯାଇଛି।**

◆ କ'ଣ ଘଟେ ଯେ ଯେତେବେଳେ ବୟସ ବ୍ୟବଧାନ ଅଧିକ ହୁଏ, ଏହା ଗ୍ରହ ଏବଂ ନକ୍ଷତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତାହା ହେଉଛି, ଯଦି ଝିଅ ଏବଂ ପୁଅର ଗ୍ରହ ନକ୍ଷତ୍ରଗୁଡିକ ମିଳିତ ହୁଏ, କିନ୍ତୁ ଗ୍ରହମାନେ ରାଶିଫଳରେ ପରସ୍ପରଠାରୁ ବହୁ ଦୂରରେ, ତେବେ ଏହା ଅତ୍ୟନ୍ତ



ଖରାପ।

◆ ଏହାର ଅର୍ଥ ହେଉଛି ଆଡଜଷ୍ଟ କରିବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଏହା ମଧ୍ୟ ହୋଇପାରେ ଯେ ଆଦୌ ସମନ୍ୱୟ ହୁଏନାହିଁ। ତଥାପି,ଏହା ସମ୍ପୂର୍ଣ୍ଣ ରୂପେ ପୁଅ ଏବଂ ଝିଅର ରାଶିଫଳ ଏବଂ ଗ୍ରହମାନଙ୍କର ସ୍ଥିତି ଉପରେ ନିର୍ଭର କରେ।

◆ ଯଦି ରାଶିରେ ଥିବା ଗ୍ରହଗୁଡିକ ସଠିକ୍ ଏବଂ ପୁଅ ଏବଂ ଝିଅର ଗ୍ରହଗୁଡ଼ିକ ମେଳ ଖାଉଛନ୍ତି, ତେବେ ବୟସ ବ୍ୟବଧାନରେ କିଛି ଫରକ ପଡ଼ିବ ନାହିଁ। ଏହି ପରିସ୍ଥିତିରେ, ବୟସର ପାର୍ଥକ୍ୟ ପରେ ମଧ୍ୟ ପ୍ରେମ ଏବଂ ସୁଖ ଦାମ୍ପତ୍ୟ ଜୀବନରେ ରହିଥାଏ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମନ୍ୱୟ ମଧ୍ୟ ଭଲ ରୁହେ।

◆ ବର୍ତ୍ତମାନ ମାନସିକତାକୁ ଆସିବା, ଏଠାରେ ମାନସିକତାର ଅର୍ଥ ହେଉଛି ଚିନ୍ତା। ଅନେକ ଥର ଏହା ଦାମ୍ପତ୍ୟ ଜୀବନରେ ଘଟିଥାଏ। ଯାହା ଜୀବନ ସାଥୀ ଅନୁଭବ କରିବାକୁ ଲାଗେ ଯେ ସେ ବୟସ୍କ ଅଧିକ ହେବାରୁ ତା'ହେଲେ ସେ ତାଙ୍କ ସାଥୀ ଅପେକ୍ଷା ଦୁନିଆକୁ ଅଧିକ ବୁଝିପାରନ୍ତି, ଯାହା ଝଗଡା ହେବାର ଗୋଟିଏ ମୁଖ୍ୟ କାରଣ।

◆ ଏହା ବ୍ୟତୀତ, ଏହା ମଧ୍ୟ ହୋଇପାରେ ଯେ ଉଚ୍ଚ ବୟସ ବ୍ୟବଧାନ ହେତୁ ଜୀବନଯାପନ, ଖାଇବା, ଉଠିବା, ବସିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା କରିବା ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଏଭଳି ପରିସ୍ଥିତିରେ ପରସ୍ପରର ମତ ଗ୍ରହଣ ନକରିବା ଦ୍ୱାରା ବିବାଦ ସୃଷ୍ଟି ହୁଏ ଏବଂ ମାମଲା ଝଗଡା ପର୍ଯ୍ୟନ୍ତ ପହଞ୍ଚେ।

◆ ତେଣୁ ଏହିପରି ଭାବରେ ଗ୍ରହ ଗ୍ରହର ପ୍ରଭାବ ଏବଂ ମାନସିକତା ହେତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତଭେଦର କାରଣ ହୋଇପାରେ। ତଥାପି, ବେଳେବେଳେ ପ୍ରେମ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ। ତା'ପରେ ଏହା ମାନସିକତା ହେଉ କି ଗ୍ରହମାନଙ୍କର ପ୍ରଭାବ। ପ୍ରେମର ସାମ୍ନାରେ ସବୁକିଛି ମଳିନ ହୁଏ।

# ବିବାହିତ ମହିଳାମାନେ ସିନ୍ଦୁର ଲଗାଇବା ସମୟରେ ଆପଣାନ୍ତୁ ଏହି ଉପାୟ; ବଢିବ ସ୍ୱାମୀଙ୍କ ଆୟୁଷ, ମିଳିବ ଐଶ୍ୱର୍ଯ୍ୟ

ହିନ୍ଦୁ ଧର୍ମରେ ଅନେକ ପ୍ରଥା ପରମ୍ପରା ଏବଂ ରିତିନିତି ରହିଛି । ଯାହାକୁ ସମସ୍ତେ ସମ୍ମାନର ସହ ପାଳନ କରନ୍ତି। ତେବେ ଏହି ଧର୍ମରେ ୧୬ ଶୃଙ୍ଗାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଯାହାକି ଜଣେ ବିବାହିତ ସଧବା ନାରୀ ପାଇଁ ବହୁତ ମହତ୍ୱପୂର୍ଣ୍ଣ ହୋଇଥାଏ । କାରଣ ଏହି ୧୬ ଶୃଙ୍ଗାର ଜଣେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ତାକୁ ସୌଭାଗ୍ୟବତୀ ମଧ୍ୟ କରାଇଥାଏ । ତେବେ ଏହି ୧୬ ଶୃଙ୍ଗାର ମଧ୍ୟରୁ ଶଙ୍ଖା, ସିନ୍ଦୁର, ମଙ୍ଗଳସୂତ୍ର ଆଦି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । କାରଣ ହିନ୍ଦୁ ଧର୍ମରେ ଏହା ଜଣେ ବିବାହିତ ସଧବା ନାରୀର ପରିଚୟ ହୋଇଥାଏ । ଏଥିସହିତ ଜଣେ ଝିଅ ବିବାହପରେ ପ୍ରତିଦିନ ସିନ୍ଦୁର ପିନ୍ଧିବା ଦ୍ୱାରା ତା ସ୍ୱାମୀର ଆୟୁଷ ବଢିଥାଏ ଏବଂ ତାଙ୍କୁ ସବୁ କା ର୍ଯ୍ୟରେ ସଫଳତା ମଧ୍ୟ ମିଳିଥାଏ । କିନ୍ତୁ କିଛି ମହିଳା ଭୁଲ ଉପାୟରେ ସିନ୍ଦୁର ପରିଧାନ କରିଥାନ୍ତି । ଯାହାକି ତାଙ୍କ ସ୍ୱାମୀଙ୍କ ପାଇଁ ବିପଦ ଆଣିଥାଏ । ତେଣୁ ସିନ୍ଦୁର ଲଗାଇବାର ମଧ୍ୟ କିଛି ଉପାୟ ରହିଛି ଆସନ୍ତୁ ଜାଣିବା ସେହି ସମ୍ପର୍କରେ...

**ସିନ୍ଦୁର ଲଗାଇବାର ସଠିକ୍ ଉପାୟ:**

◆ ହିନ୍ଦୁ ଧର୍ମରେ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ସିନ୍ଦୁର ପରିଧାନ କରିଥାନ୍ତି । ସେଥିପାଇଁ ସିନ୍ଦୁର ଲଗାଇବା ସମୟରେ ସିନ୍ଦୁରର ରେଖା ସବୁବେଳେ ଲମ୍ବା ହେବା ଉଚିତ ।

◆ ବିବାହିତ ମହିଳାମାନେ ସର୍ବଦା ମନେ ରଖିବା ଉଚିତ୍ ଯେ ସିନ୍ଦୁର ପରିଧାନ ସମୟରେ ନାକ ମଝିରୁ ସିନ୍ଦୁର ସର୍ବଦା ଭରିବା ଉଚିତ୍ ।

◆ ବିବାହିତ ମହିଳାମାନେ ନିଜେ କିଣିଥିବା ସିନ୍ଦୁର ପ୍ରୟୋଗ କରିବା ଉଚିତ୍, ଅନ୍ୟ କାହାଠାରୁ ଆଣି ସିନ୍ଦୁର ପ୍ରୟୋଗ କରିବା ଉଚିତ୍ ନୁହେଁ । କାରଣ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ ।

◆ ବିବାହିତ ମହିଳାମାନେ ଧ୍ୟାନ ରଖିବା ଦରକାର ଯେ, ସ୍ନାନ ପରେ ତୁରନ୍ତ ସିନ୍ଦୁର ପରିଧାନ କରାଯିବା ଉଚିତ୍ ନୁହେଁ । ଯଦି ଆପଣ କେଶ ଧୋଇଛନ୍ତି, ତେବେ ସେଗୁଡ଼ିକୁ ଭଲ ଭାବରେ ଶୁଖାନ୍ତୁ, କେବଳ ସେତେବେଳେ ସିନ୍ଦୁର ପ୍ରୟୋଗ କରନ୍ତୁ ।

◆ କପାଳରେ ସିନ୍ଦୁର ଲଗାଇବା ପରେ ଏହା କେଶରୁ କେବେବି ଲୁଚି ରହିବା ଉଚିତ୍ ନୁହେଁ । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ତାଙ୍କ ସ୍ୱାମୀ ତାଙ୍କଠାରୁ ଦୂରେଇ ଯାଆନ୍ତି ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିବାଦ ଦେଖାଦେଇଥାଏ ।



# ରାତିରେ ଭଲ ନିଦ ହେଉନାହିଁ କି ? : ଏହି ଜୁସ୍ ପିଇଲେ ଦୂର ହେବ ସମସ୍ୟା

ଆପଣ ଜାଣନ୍ତି ଯେ ଭଲ ନିଦ ହେଉଛି ମାନେ ଆପଣ ସୁସ୍ଥ ଅଛନ୍ତି। ଜଣେ ବ୍ୟକ୍ତିକୁ ଯଦି ଠିକ୍ ଭାବେ ନିଦ୍ରା ହେଉଛି ତେବେ ଆମେ ନିଶ୍ଚିତ ହୋଇଯିବା ଉଚିତ ଯେ ବ୍ୟକ୍ତି ଜଣକ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ମନେରଖନ୍ତୁ ଉତ୍ତମ ନିଦ୍ରା ଅର୍ଥାତ ଅତିରିକ୍ତ ନିଦ ନୁହେଁ। ନିଦ୍ରାର ଏକ ପରିସୀମା ବି ରହିଛି। ଅଧିକ ନୁହେଁ, କି କମ୍ ନୁହେଁ। ତାହାଲେ ଯାଇ ଆମେ କହିବା ଉତ୍ତମ ନିଦ୍ରା। ଆଜିକାଲି ଅଧିକାଂଶ ବ୍ୟକ୍ତିଙ୍କ ଭିତରେ ଅନିଦ୍ରା ସମସ୍ୟା ଦେଖା ଦେଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନିଦ୍ରା ଆସୁ ନାହିଁ। ମାତ୍ର ଆମେ ଆଜି ଯେଉଁ ଜୁସ୍ ? ସଂପର୍କରେ ବତାଇବୁ ତାହାକୁ ପିଇଲେ ନିଦ୍ରା ପୂରା ଶିଶୁଙ୍କ ପାରି ଘାରିବ।

ଜାଣିରଖନ୍ତୁ ଯେ ଚେରି ଜୁସ୍ ନିଦ ପାଇଁ ଖୁବ୍ ଭଲ। ଏହି ଜୁସ୍ କେବଳ ନିଦ ନୁହେଁ, ବରଂ ଆପଣଙ୍କ ଶରୀରର ଅନେକ ସମସ୍ୟାର ସମାଧାନ କରିପାରେ। ସୁଠାରୁ ଭଲ କଥା ହେଲା ଏହି ଜୁସ୍‌ର କୌଣସି ପାର୍ଶ୍ୱ ପ୍ରଭାବ ନାହିଁ। ନୂଆ କରି ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଯେଉଁ ବ୍ୟକ୍ତିମାନେ ଚେରି ଜୁସ୍ ପିଇ ଖଟକୁ ଯାଉଛନ୍ତି ସେମାନଙ୍କୁ ୮୪ ମିନିଟ୍ ମଧ୍ୟରେ ନିଦ୍ରା ଗ୍ରାସ କରୁଛି। ମନେ ରଖନ୍ତୁ, ଗୋଟାଏ ଗ୍ଲାସ୍‌ରୁ ଅଧିକ ଜୁସ୍ ପିଇବେ ନାହିଁ। ଗୋଟାଏ ଗ୍ଲାସ୍ ଜୁସ୍ ହେବା ପାଇଁ ଯେତିକି ପରିମାଣର ଚେରି ଓ ପାଣି ଆବଶ୍ୟକ ଆପଣ ତାହାକୁ ମିଶ୍ରଣ କରି ଜୁସ୍ ପ୍ରସ୍ତୁତ କରନ୍ତି। ରାତ୍ରୀ ଭୋଜନ କରିବା ପରେ ସେହି ଜୁସ୍‌କୁ ପିଇକି ଶୁଅନ୍ତୁ। ଦେଖିବେ ଆପଣଙ୍କର ନିଦ୍ରହୀନା ସମସ୍ୟା କୁଆଡ଼େ ଚାଲିଯିବ।



# ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୁର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ତା' ସହିତ ଆଇରନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ। ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।



# ବାଇଗଣ ଖାଉଥିଲେ ସାବଧାନ

**ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି । ଅନେକ ଲୋକ ସକାଳୁ ଯୋଗ ବ୍ୟାୟାମ୍ କରିବା ସହ ଡାଇଟ୍ କରୁଥିବାବେଳେ କିଛି ଲୋକ ସୁଷମ ଏବଂ ସବୁଜ ପନିପରିବା ସେବନ କରିଥାନ୍ତି । ତେବେ ଏହି ସବୁ ପନିପରିବା ମଧ୍ୟରୁ ଅନେକ ଲୋକେ ବାଇଗଣ ଖାଇବାକୁ ପସନ୍ଦ କରନ୍ତି । କାରଣ ଏହା ସବୁ ସମୟରେ ମିଳିଥାଏ । ଏଥିସହିତ ଶୀତଦିନେ ବାଇଗଣ ସେବନ କରିବାର ମଧ୍ୟ ଅନେକ ଫାଇଦା ଥାଏ । ଖାସ କରି ଏହା ବ୍ୟକ୍ତିର ମୋଟାପଣକୁ କମ୍ କରିବାରେ ସାହାଯ୍ୟ କରେ । ଏଥିସହିତ ବ୍ଲଡସୁଗାର ଏବଂ ହୃଦଘାତ ପରି ସମସ୍ୟାକୁ ମଧ୍ୟ ନିୟନ୍ତ୍ରଣ କରେ । ତେବେ ଏତେ ସବୁ ଫାଇଦା ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ବାଇଗଣ ସେବନ କରିବାକୁ ବାରଣ କରାଯାଇଥାଏ । ଯଦି ସେହି ବ୍ୟକ୍ତିମାନେ ବାଇଗଣ ସେବନ କରିନ୍ତି ତେବେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖାନ ହେବାକୁ ପଡିଥାଏ । ବ ର୍ମାନ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତିମାନେ ବାଇଗମ ସେବନ କରିବା ଉଚିତ୍ ନୁହେଁ ।**



**ଏହିସବୁ ବ୍ୟକ୍ତିଙ୍କୁ ବାରଣ ବାଇଗଣ ସେବନ:**

ପେଟରେ ପଥୁରୀ ହୋଇଥିବା ବ୍ୟକ୍ତି: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଯେଉଁ ବୟକ୍ତିମାନଙ୍କ ପେଟରେ ପଥୁରୀ ହୋଇଥାଏ କିମ୍ବା ସେହି ସମସ୍ୟା ଥାଏ ତେବେ ସେହି ବ୍ୟକ୍ତିମାନେ ବାଇଗଣ ସେବନ କରିବା ଅନୁଚିତ୍ । କାରଣ ବାଇଗଣରେ ଅକ୍ସାଲେଟ୍ ନାମକ ଏକ ଉପାଦାନ ରହିଥାଏ । ଯାହାକି ପଥୁରୀ ସମସ୍ୟାକୁ ଆହୁରି ବଢାଇଦିଏ । ଫଳରେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ତେଣୁ ଏହି ବ୍ୟକ୍ତିମାନେ ବାଇଗମ ସେବନ କରିବା ଉଚିତ୍ ନୁହେଁ ।

ରକ୍ତହୀନତା ଥିବା ବ୍ୟକ୍ତି: ଯେଉଁମାନଙ୍କର ଶରୀରରେ ରକ୍ତର ଅଭାବ ଥାଏ, ବାଇଗଣ ଖାଇବା ମଧ୍ୟ ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ଏହାର ସେବନ ଶରୀରରେ ଲୌହର ଅଭାବକୁ ଆହୁରି ବଢାଇ ଦେଇଥାଏ । ଯେଉଁ କାରଣରୁ ସମସ୍ୟା ହ୍ରାସ ହେବା ପରିବର୍ତ୍ତେ ସମସ୍ୟା ବଢିଯାଏ ।

କୌଣସି ପ୍ରକାରର ଆଲର୍ଜି: କୌଣସି ପ୍ରକାରର ଆଲର୍ଜିରେ ପୀଡିତ ବ୍ୟକ୍ତି ବାଇଗଣ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ବାଇଗଣରେ ଏପରି ଅନେକ ଉପାଦାନ ଅଛି, ଯାହା ଆଲର୍ଜି ସମସ୍ୟାକୁ ଆହୁରି ବଢାଇଥାଏ । ଏପରି ପରିସ୍ଥିତିରେ, ଯଦି ଚର୍ମ କିମ୍ବା ଅନ୍ୟ ପ୍ରକାରର ଆଲର୍ଜି ଥିବା ରୋଗୀ ବାଇଗଣ ସେବନ କରନ୍ତି ତା'ହେଲେ ତାଙ୍କର ସମସ୍ୟା ଅଧିକ ବଢିଯିବ । ତେଣୁ ଏପରି ବ୍ୟକ୍ତିମାନେ ବାଇଗଣ ସେବନ ଠାରୁ ଗୂରେଇ ରହିବା ଆବଶ୍ୟକ ।

ହଜମ ପ୍ରକ୍ରିୟାରେ ଅସୁବିଧା: ଯେଉଁମାନଙ୍କର ପେଟ ଜନିତ ସମସ୍ୟା କିମ୍ବା ହଜମ ପ୍ରକିୟାରେ ସମସ୍ୟା ଥାଏ ସେହିପରି ବ୍ୟକ୍ତିମାନେ ବାଇଗଣ ସେବନ ଠାରୁ ଦୂରେଇ ରହିବା ଉଚିତ୍ । କାରଣ ବାଇଗଣରେ ଏପରି କିଛି ଉପାଦାନ ରହିଛି ଯାହାକି ପେଟ ସମସ୍ୟା ଏବଂ ଗ୍ୟାସ ସମସ୍ୟାକୁ ବଢାଇଥାଏ । ଫଳରେ ଏଥିପାଇଁ ଆପଣଙ୍କୁ ମେଡିକାଲ ମଧ୍ୟ ଯିବାକୁ ପଡିପାରେ ।

ଆଖି ପୋଡାଜଳା:ଆଖି ପୋଡାଜଳା କରୁଥିବା ବ୍ୟକ୍ତିମାନେ ବାଇଗଣ ଭଜା କିମ୍ବା ଭର୍ତ୍ତା ସେବନ କରିବା କ୍ଷତିକାରକ ହୋଇଥାଏ । କାରଣ ଏହା ଅଖି ଦରଜ ପୋଡା ଜଳା ସମସୟାକୁ ବଢାଇ ଦେଇଥାଏ । କିଛି କ୍ଷେତ୍ରରେ ବାଇଗମ ସେବନ କରିବା ଦ୍ୱାରା ବ୍ୟକ୍ତିର ଦୃଷ୍ଟି ଶକ୍ତି ମଧ୍ୟ କମ ହୋଇଯାଏ । ତେଣୁ ପେରି ସମସ୍ୟା ଥିବା ବ୍ୟକ୍ତିମାନେ ବାଓଇଗଣ ସେବନ ଠାରୁ ନିଜକୁ ଦୂରେଇ ରଖିବା ଉଚିତ୍ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୨ ଫେବୃଆରୀ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜୀବନଯାତ୍ରା...

ଇତିହାସ ଅବଶ୍ୟ ନିକଟରେ ଶେଷ ହୋଇଥିବା ଭାରତ ଯୋଡ଼ୋ ଯାତ୍ରାକୁ ସହାନୁଭୂତିପୂର୍ଣ୍ଣ ଦୃଷ୍ଟିରେ ଦେଖିବ । ୨୦୨୨ର ଗ୍ରୀଷ୍ମ ଋତୁରେ ପାଞ୍ଚଗୋଟି ରାଜ୍ୟର ସଦ୍ୟ ସମାପ୍ତ ନିର୍ବାଚନରୁ ମିଳିଥିବା କ୍ଷତ ତଥାପି ସତେଜ ଥିଲା । ଏତିକି ବେଳେ ସଂଗ୍ରେସ ଉଦୟପୁରରେ ଏକାଠି ହୋଇଥିଲା ଦଳର ପୁନରୁଦ୍ଧାର ନିମନ୍ତେ ଚିନ୍ତା କରିବାକୁ । ଏହାର ନେତାମାନେ ସ୍ୱୀକାର କରିଥିଲେ ଯେ ସାଧାରଣ ଜନତାଙ୍କ ସହିତ ଦଳର ସମ୍ପର୍କ ତୁଟି ଯାଉଛି ଏବଂ ଏହି ସମ୍ପର୍କ ରକ୍ଷା ଉଦ୍ଦେଶ୍ୟରେ ଦେଶର ଦକ୍ଷିଣ ଭାଗରୁ ଉତ୍ତର ଭାଗ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯିବାର ଆବଶ୍ୟକତା ରହିଥିବା ସମ୍ପର୍କରେ ପରାମର୍ଶ ଦେଇଥିଲେ, ଯାହାକି ନିହାତି କମ୍‌ରେ ବିଗତ ଦୁଇ ଦଶନ୍ଧି ଭିତରେ ସାଧାରଣ ଜନତାଙ୍କ ସହିତ ସର୍ବବୃହତ୍ ସମ୍ପର୍କରେ ସ୍ଥାପନକାରୀ ଯାତ୍ରା ହେବାର ଥିଲା । ଗତ ରବିବାର ଦିନ ସଡ଼କରେ ପାଦରେ ଚାଲି ଚାଲି ୧୪ଟି ରାଜ୍ୟର ୭୫ଟି ଜିଲ୍ଲାକୁ ୧୩୫ ଦିନରେ ଅତିକ୍ରମ କରି ରାହୁଲ ଗାନ୍ଧୀ ଶ୍ରୀନଗରଠାରେ ତ୍ରିରଙ୍ଗା ପତାକା ଉଡ଼ାଇ ଏହି ଯାତ୍ରାର ଉଦ୍‌ଯାପନ କରିଛନ୍ତି । ନିର୍ବାଚନୀ ବିଜୟ ପାଇଁ କ୍ଷୁଧାର୍ତ୍ତ ଥିବା ଏକ ଦଳର ଏହି ଯାତ୍ରା, ଯାହାର ନେତୃତ୍ୱ ସମ୍ମୁଖ ଭାଗରୁ ନେଇଥିଲେ ରାହୁଲ ଗାନ୍ଧୀ, ତଥା ଏହାର ଯାତ୍ରୀମାନେ ଦେଶକୁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କଥା ମନେ ପକାଇ ଦେଇଛନ୍ତି । ଯାତ୍ରାଟି ଏମିତି ଏକ ସମୟରେ ଅନୁଷ୍ଠିତ ହୋଇଯାଇଛି, ସେତେବେଳେ ସମଗ୍ର ଦେଶ ବିଭାଜନ ଏବଂ କ୍ରୋଧ ଦ୍ୱାରା ସ୍ଥାଣୁ ପାଲଟିବାକୁ ଲାଗିଛି ଏବଂ ଏହି ଯାତ୍ରା ସମଗ୍ର ଦେଶବାସୀଙ୍କୁ ଶାନ୍ତି ଏବଂ ଭାଇଚାରାର ମୌଳିକ ଶକ୍ତିକୁ ସ୍ମରଣ କରାଇ ଦେବା ଭଳି ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଛି । ଅର୍ଥନୀତିକ ଦାରିଦ୍ର୍ୟ ଏବଂ ଅସମାନତା- ଦେଶ ସାମ୍ନା କରୁଥିବା ଦୁଇଗୋଟି ବଡ଼ ଆହ୍ୱାନକୁ ମଧ୍ୟ ଜାତୀୟ ଚେତନାର ସମ୍ମୁଖୀନ ଭାଗକୁ ଅଣା ଯାଇ ପାରିଥିଲା ଏହି ଯାତ୍ରା ଦ୍ୱାରା । ଏହି ଦୀର୍ଘ ଯାତ୍ରା ଆହୁରି ମଧ୍ୟ ବିରୋଧୀ ଦଳମାନଙ୍କୁ ରାଜନୀତିକ ସଂଗ୍ରାମକୁ ଏକାଠି ହୋଇ ଲଢ଼ିବା ନିମନ୍ତେ ସ୍ମରଣ କରରାଇ ଦେଇଥିଲା । କିନ୍ତୁ ଭାରତ ଯୋଡ଼ୋ ଯାତ୍ରାର ଅନ୍ୟ ଏକ ଦିଗ ରହିଛି, ଯାହା ହେଉଛି ଏହାର ଅବଦାନ ଏବଂ ଏହା ଜନସାଧାରଣଙ୍କୁ ଧ୍ୟାନକୁ ଏଯାବତ୍ ଏଡ଼ାଇ ଚାଲିଛି । ଏହି ଯାତ୍ରା ଆଧୁନିକ ରାଜନୀତିକ ଯୋଗାଯୋଗ ବା ଭାବ ବିନିମୟ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଦାଣ୍ଡରେ ପକାଇ ଦେଇଛି । ବୈଷୟିକ ଜ୍ଞାନକୌଶଳର ପ୍ରଗତି ଏବଂ ସାମାଜିକ ଗଣମାଧ୍ୟମର ଆଗମନ ଫଳରେ ଜନସାଧାରଣଙ୍କ ନିଟକରେ ପହଞ୍ଚି ରାଜନୀତିକ ବାର୍ତ୍ତା ପ୍ରଦାନ କରିବାର ମନୋଭାବ ଦ୍ରୁତ ଗତିରେ ଉଭେଇ ଯାଉଛି । ଲୋକମାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ଟ୍ୱିଟ୍ କରିବା, ଫେସ୍‌ବୁକ୍‌ରେ ପୋଷ୍ଟ କରିବା କିମ୍ବା ହ୍ୱାଟସ୍‌ଆପ୍‌ରେ ମେସେଜ୍ ଦେବା ସବୁଠୁ ପସନ୍ଦଯୋଗ୍ୟ ମାଧ୍ୟମ ହୋଇଯାଇଥିବା ଦେଖାଯାଉଛି । ଏଭଳି ଉପାୟରେ ସମ୍ପର୍କ ସ୍ଥାପନକୁ ପସନ୍ଦ କରାଯିବାର କାରଣ ମଧ୍ୟ ଅତି ସ୍ପଷ୍ଟ । ସାମାଜିକ ଗଣମାଧ୍ୟମ ତଥା ପ୍ରଯୁକ୍ତି- ପରିଚାଳିତ ପ୍ରଚାର ଅଭିଯାନଗୁଡ଼ିକ ଏହାର ସୃଜନଶୀଳ ଦିଗଗୁଡ଼ିକ ସହିତ କୌଣସି ପ୍ରକାରର ବୁଝାମଣା ନକରି ରାଜନୀତିକ ବାର୍ତ୍ତାଗୁଡ଼ିକ ଅଭୂତପୂର୍ବ ସ୍ତରରେ ବିସ୍ତାରିତ ହେବାର ସାମର୍ଥ୍ୟ ବହନ କରିଥାଏ । ଉପରୋକ୍ତ ଶୈଳୀରେ ବାର୍ତ୍ତା ପ୍ରଦାନର ବିଶୁଦ୍ଧ ଫଳାଫଳ ଯାହା ହୋଇଥାଏ, ତାକୁ ଭାରତ ଯୋଡ଼ୋ ଯାତ୍ରା ଉନ୍ମୋଚିତ କରିଛି । ଆଉ ତାହା ହେଉଛି, ଜନତାଙ୍କ ସହିତ ଯୋଗାଯୋଗ କ୍ଷେତ୍ରରେ ଦେଖା ଦେଇଥିବା ସଂକଟ । କହିବାକୁ ଗଲେ, ଅନେକ ସମୟରେ ରାଜନୀତିକ ବାର୍ତ୍ତାଗୁଡ଼ିକ ଅତିରଞ୍ଜିତ- ଏପରିକି କପୋଳକଳ୍ପିତ ମିଥ୍ୟା ହୋଇଥିବାର ମଧ୍ୟ ଦାବି କରାଯାଉଛି, ସେଗୁଡ଼ିକ ସାମାଜିକ ବାସ୍ତବତା ହୋଇଥାଉ କି ରାଜନୀତିକ ସଫଳତା । ଆଉ ଏସବୁ ସୋସିଆଲ ନେଟ୍‌ୱାର୍କଗୁଡ଼ିକରେ ଭର୍ତ୍ତି ହୋଇ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏତଏବ ଏଥିରେ ବିସ୍ମିତ ହେବର କ୍ୱଚିତ କିଛି ରହିଛି ଯେ ସତ୍ୟ ଏଭଳି ସୃଷ୍ଟି କରାଯାଇଥିବା ବାର୍ତ୍ତାଗୁଡ଼ିକ ନିକଟରେ ବଳି ପଡ଼ି ଯାଇଛି । ଏହା କେବଳ ଏକମାତ୍ର ସମସ୍ୟା ନୁହେଁ । ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରହିଛି ପ୍ରକୃତ ଭାରତର ସ୍ୱର, ଯାହା ଚାଷୀର ସ୍ୱର, ଶ୍ରମିକର ସ୍ୱର, ଅବହେଳିତ ବର୍ଗଙ୍କ ସ୍ୱର, ମହିଳାଙ୍କ ସ୍ୱର ଏବଂ ଏମିତି ଆହୁରି ଅନେକ ସ୍ୱର, ଯାହାକୁ ଅତି କ୍ଷୀଣ ଅବସ୍ଥାକୁ ଚାଲିଯିବା ଭଳି ସ୍ତରକୁ ଠେଲି ଦିଆଯାଇଛି । ଭାରତ ଯୋଡ଼ୋ ଯାତ୍ରା ଏହି ଅସନ୍ତୁଳନକୁ ସମାଧାନ କରିବା ନିମନ୍ତେ ପ୍ରଶଂସନୀୟ ଉଦ୍ୟମ କରିଛି କହିବା ଅସମୀଚୀନ ହେବ ନାହିଁ, କାରଣ ଏହାଦ୍ୱାରା ସମଗ୍ର ରାଷ୍ଟ୍ର, ଏବଂ ଆଶା କରାଯାଏ ଯେ ସାମ୍ପ୍ରତିକ ସମୟର ସରକାର ଏହିସବୁ ସ୍ୱରକୁ ଶୁଣି ପାରିବେ । ପୁନଶ୍ଚ, ଭାରତ ଯୋଡ଼ୋ ଯାତ୍ରା ଆଉ ଯାହା ଉପରେ ଗୁରୁତ୍ୱାରୋପ କରିଥିଲା, ତାହା ହେଉଛି ନେତା ଏବଂ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ, ବାସ୍ତବ ସମୟଭିତ୍ତିକ ଏବଂ ବ୍ୟକ୍ତିଗତ ସ୍ତରରେ ବାର୍ତ୍ତାଳାପ ମୌଳିକ ଆବଶ୍ୟକତା । ଏ ଧରଣର ଭାବ ବିନିମୟର ଯଥେଷ୍ଟ ମହତ୍ତ୍ୱ ରହିଥିବା ସତ୍ତ୍ୱେ ବର୍ତ୍ତମାନ ସମୟର ଏକ ସତ୍ତାବାଦୀ ଶାସନ କାଳରେ ଏପରି ଆଶା କରିବା ବେଶ୍ ଦୁର୍ଲଭ । ଏଭଳି ଭାବ ବିନିମୟ କେବଳ ସରକାର ଏବଂ ଲୋକମାନଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରି ନଥାଏ, ତା' ସହିତ ନାଗରିକମାନଙ୍କ ନିଜ ନିଜ ମଧ୍ୟରେ ରହିଥିବା ଭାବଗତ ପାର୍ଥକ୍ୟକୁ ମଧ୍ୟ ଦୂର କରିବାରେ ସହାୟକ ହୋଇଥାଏ । ଭାରତୀୟ ଗଣତନ୍ତ୍ର, ଯାହା ଆଦର୍ଶଗତ ଭାବରେ ଏକ ନିରନ୍ତର ବଜାୟ ରହିଥିବା ବାର୍ତ୍ତାଳାପ ବା କଥୋପକଥନ, ତାହା ସମସ୍ତ ତିକ୍ତତା ଓ ନକାରାତ୍ମକ ମନୋଭାବର ପରିସମାପ୍ତି ଘଟାଇବାରେ ପର୍ଯ୍ୟାପ୍ତ ପରିମାଣରେ ସହାୟତା କରିବ । କହିବା ବାହୁଲ୍ୟ, ଭାରତ ଯୋଡ଼ୋ ଯାତ୍ରାର ଲାଭଗୁନିକ ନିର୍ବାଚନ ସମୟରେ ପରୀକ୍ଷିତ ହେବ । କିନ୍ତୁ ସାଧାରଣ ଜନତାଙ୍କ ସହିତ ରାଜନେତାମାନଙ୍କର ରାଜନୀତିକ ବାର୍ତ୍ତାଳାପ କରିବା ଭଳି ଏକ କଳା କ୍ଷେତ୍ରକୁ ଏହାର ଅବଦାନ ଅବଶ୍ୟ ଅଖଣ୍ଡନୀୟ, କାରଣ ଏଥିରେ ରହିଥାଏ ଜୀବନ ।

# ବଜେଟ୍ ଉପରେ ସାଧାରଣଙ୍କ ଦୃଷ୍ଟି



**ଡକ୍ଟର ଲକ୍ଷ୍ମଣ ସାହୁ**

ଚଳିତ ଆର୍ଥିକ ବର୍ଷର ବଜେଟ୍ ନିକଟରେ ଆସୁଥିବାରୁ ଭାରତୀୟ ଅର୍ଥନୀତିର ଭଲ ଓ ମନ୍ଦ ବିଶ୍ଳେଷଣ କରିବାର ସମୟ ଆସିଛି । ଏହି ପୃଷ୍ଠଭୂମିରେ ଚଳିତ ଆର୍ଥିକ ବର୍ଷ ୨୦୨୨-୦୨୩ ଭାରତୀୟ ଅର୍ଥନୀତି ପାଇଁ ଏକ ଆହ୍ୱାନର ବର୍ଷ ହୋଇପାରେ । ଗତ ବର୍ଷ ଫେବୃଆରୀରେ ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଆରମ୍ଭ ହୋଇଥିବା ବିଶ୍ୱ ଅର୍ଥନୈତିକ ସଙ୍କଟ । ଏହି ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳର ମୂଲ୍ୟ ବିଶ୍ୱ ସ୍ତରରେ ବୃଦ୍ଧି ପାଇଲା । ଯାହା ଫଳରେ ଭାରତରେ ସମସ୍ତ ପ୍ରକାର ଆମଦାନୀ ଦିନକୁ ଦିନ ମହଙ୍ଗା ହେଲା । ଘରୋଇ ସାମ୍ନାରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାରୁ ଭୟଙ୍କର ପରିସ୍ଥିତି ଦେଖାଗଲା । ସାଧାରଣ ଭାରତୀୟ ଗ୍ରାହକ ଏସବୁ ଆଶା କେବେ କରିନଥିଲେ । କରୋନା ମହାମାରୀର ଦୁଇ କଠିନ ବର୍ଷ ପରେ, ସେମାନେ ସେମାନଙ୍କ ଆର୍ଥିକ ସ୍ଥିତିରେ କିଛି ଶକ୍ତି ଆଶା କରୁଥିଲେ, ଯାହା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ବେକାରୀ କାରଣରୁ ସମ୍ଭବ ନୁହେଁ । ଆମେରିକାର ଅର୍ଥନୈତିକ ନୀତି ଯୋଗୁଁ ଦ୍ୱିତୀୟ ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପ୍ରଭାବ ପକାଇଲା । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଚିନ୍ତିତ ଭାବେ ସୁଧ ହାର ବଢାଇଲା । ଯାହା ଡଲାରକୁ ଭାରତୀୟ ଟଙ୍କା ତୁଳନାରେ ଅଧିକ ଶକ୍ତିଶାଳୀ କରିଥିଲା ।

ଫଳତଃ ଭାରତୀୟ ଟଙ୍କା ଦୁର୍ବଳ ହୋଇ ଐତିହାସିକ ସ୍ତରରେ ପହଞ୍ଚିଛି । ଟଙ୍କାର ଦୁର୍ବଳତା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ ଝଟକା । କାରଣ ଏହା ଭାରତର ବିଶ୍ୱ କ୍ରୟକୁ ଅଧିକ ମହଙ୍ଗା କରିଦେଇଛି । ଫଳସ୍ୱରୂପ ଘରୋଇ ସାମ୍ନାରେ ମୁଦ୍ରାସ୍ଫୀତି ଘଟିଛି । ଏସବୁ ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ବିଶ୍ୱର ତଥା ଆଭ୍ୟନ୍ତରୀଣ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାରତୀୟ ଅର୍ଥନୀତିକୁ ମଜବୁତ କରିବାକୁ ରିଜର୍ଭ ବ୍ୟାଙ୍କ ବହୁତ ଭଲ ଉଦ୍ୟମ କରିଛି । ଉଦାହରଣ ସ୍ୱରୂପ ଚଳିତ ଆର୍ଥିକ ବର୍ଷରେ ସୁଧ ହାର ଚାରି ଗୁଣରୁ ଅଧିକ ପରିବର୍ତ୍ତନ କରାଯାଇଥିଲା ଏବଂ ରେପୋ ହାର ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ପାଇଲା । ବର୍ତ୍ତମାନ ପ୍ରାୟ ପନ୍ଦର ବର୍ଷ ପରେ ପ୍ରଥମଥର ପାଇଁ ଭାରତରେ ରେପୋ ହାର ୬.୦ ପ୍ରତିଶତ ରହିଛି । ଏହା ପଛର ମୁଖ୍ୟ କାରଣ ହେଉଛି ଆମେରିକାର ଫେଡ ଦ୍ୱାରା ସୁଧ ହାର ବୃଦ୍ଧି । ଯାହାର ଫଳସ୍ୱରୂପ ଭାରତୀୟ ଟଙ୍କା ଦୁର୍ବଳ ହୋଇ ଘରୋଇ ସାମ୍ନାରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା । ଯଦି ଏହା ହୋଇନଥାନ୍ତା ତେବେ ଅନେକ ନକାରାତ୍ମକ ପରିଣାମ ସାମ୍ନାକୁ ଆସିଥାନ୍ତା । ଯେଉଁଥିରେ ଅର୍ଥନୈତିକ ଅବନତି ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ ।

ଉଲ୍ଲେଖନୀୟ କଥା ହେଉଛି, ଆଜି ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ରାଷ୍ଟ୍ର । ଏହି ଦିନ ଉଭୟ ଆମେରିକା ଓ ଚୀନ୍, ଭାରତୀୟ ଅର୍ଥନୀତିର ସବୁଠାରୁ ବଡ଼ ଭାଗୀଦାର । ଯାହା ଏକ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଚାଇନାରେ କରୋନା ମହାମାରୀ ନିୟନ୍ତ୍ରଣ ବାହାରେ ଏବଂ ଅର୍ଥନୀତି ପୁଣି ଏକ ସଙ୍କଟ ଦେଇ ଗତି କରୁଥିବାବେଳେ ୨୦୨୦-୨୦୨୧ ମସିହାରେ ଆମେରିକାର ଅର୍ଥନୀତିରେ ଉଦ୍ଦେଶ୍ୟମୂଳକ ଭାବେ ବୃଦ୍ଧି ହୋଇଥିବା ତରଳ ପଦାର୍ଥ ବର୍ତ୍ତମାନ ଘରୋଇ ସ୍ତରରେ ମୁଦ୍ରାସ୍ଫୀତି ଗତ ପଚାଶଟି ତୁଳନାରେ ଅଧିକ କରିଛି । ଏହାର ପରିଣାମ ସ୍ୱରୂପ ଉଭୟ ଦେଶ ସେମାନଙ୍କର ଆର୍ଥିକ ନୀତିରେ ମୂଳ ପରିବର୍ତ୍ତନ କରିଛନ୍ତି । ସେଥିପାଇଁ ନିଶ୍ଚିତ ଭାବରେ ଏହାର ଅର୍ଥନୈତିକ ପାର୍ଶ୍ୱ ପ୍ରତିକ୍ରିୟା ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପଡ଼ିଲା । ତଥାପି ଆରବିଆଇର ସୁଦୂରପ୍ରସାରୀ ଚିନ୍ତାଧାରା ଯୋଗୁଁ ଭାରତ ଅତ୍ୟନ୍ତ ଜଟିଳ ପରିସ୍ଥିତିରେ ନାହିଁ ।

ଏସବୁ ମଧ୍ୟରେ ଏକ ସୁଖଦ ପରିସ୍ଥିତି ମଧ୍ୟ ଥିଲା ଯେ ଦୀର୍ଘ ସମୟ ପରେ ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣରେ ଥିବା ପରି ମନେହୁଏ । ନଭେମ୍ବର ୨୦୨୨ରେ ଗ୍ରାହକ ମୂଲ୍ୟ ସୂଚକାଙ୍କ ଯଥା ଏସବିଆଇ ଓ ହୋଲସେଲ ମୂଲ୍ୟ ସୂଚକାଙ୍କ ଯଥା ଡବ୍ଲୁପିଆଇ (WPI) ଯାହା ମୁଦ୍ରାସ୍ଫୀତି ହାର ନିର୍ଣ୍ଣୟ କରେ, ତାହା ଛଅ ପ୍ରତିଶତ ତଳେ ରେକର୍ଡ କରାଯାଇଥିଲା । ଜାନୁଆରୀ ସିପିଆଇ (CPI)ରେ ହ୍ରାସ ୨୦୨୨ ପରଠାରୁ ପ୍ରଥମ ଥର ପାଇଁ ଦେଖାଗଲା । ଅନ୍ୟପକ୍ଷରେ ଡବ୍ଲୁପିଆଇ (WPI) ୫.୮୫ ପ୍ରତିଶତରେ ରେକର୍ଡ କରାଯାଇଥିଲା । ଯେଉଁଥିରେ ୨୦୨୧ ବର୍ଷ ପରେ ପ୍ରଥମ ଥର ପାଇଁ ଏପରି ହ୍ରାସ ଦେଖିବାକୁ ମିଳିଥିଲା । ଏହା ପୂର୍ବରୁ ୮.୩୯ ପ୍ରତିଶତ ଥିଲା । ନିଶ୍ଚିତ ଭାବରେ ଚଳିତ ଆର୍ଥିକ ବର୍ଷରେ ଆରବିଆଇ ଦ୍ୱାରା ବୃଦ୍ଧି ହୋଇଥିବା ରେପୋ ହାର ଏହା ପଛରେ ଏକ ମୁଖ୍ୟ କାରଣ । କାରଣ ଏହା ଆର୍ଥିକ ସରଳତାକୁ ବହୁ ପରିମାଣରେ ନିୟନ୍ତ୍ରଣ କରିପାରିବ ।

ଅବଶ୍ୟ ଏହି ଦିଗ ବିଶ୍ଳେଷଣରେ ମଧ୍ୟ ଉଭା ହୋଇଛି ଯେ ଆଜିକାଲି ଫଳ ଓ ପନିପରିବା ଦର ହଠାତ୍ ବୃଦ୍ଧି ପାଇଛି । ଯେଉଁ କାରଣରୁ ସେମାନଙ୍କର ମୂଲ୍ୟ ହ୍ରାସ ପଞ୍ଜିକୃତ ହୋଇଛି ଏବଂ ଏହି କାରଣରୁ ହ୍ରାସ ସିପିଆଇ (CPI) ଏବଂ ଡବ୍ଲୁପିଆଇ (WPI)ରେ ପଞ୍ଜିକୃତ ହୋଇଛି । ସେଥିପାଇଁ ଆଲୋଚନା କରିବା ମଧ୍ୟ ସାଧାରଣ କଥା ଯେ ମୁଦ୍ରାସ୍ଫୀତି ହାର ହ୍ରାସ ହେବା ନକାରାତ୍ମକ ମନେହୁଏ । କାରଣ ଏହା ସାଧାରଣ ଲୋକଙ୍କୁ ଅର୍ଥନୈତିକ ଗତିବିଧି ଦେଇ ନାହିଁ । ଏସବୁ ମଧ୍ୟରେ ଭାରତୀୟ ଗଣତନ୍ତ୍ରରେ ଜନପ୍ରିୟ ରାଜନୀତି ମଧ୍ୟ ଏଭଳି ପର୍ଯ୍ୟାୟରେ ପ୍ରବେଶ କରିଛି । ଯାହା ଅର୍ଥନୈତିକ ସଙ୍କଟ ଆଶଙ୍କାକୁ ଆହୁରି ଗଭୀର କରିଦେଇଛି ।

ଆଜିକାଲି ଭାରତୀୟ ଅର୍ଥବ୍ୟବସ୍ଥାରେ ଆୟ ଖର୍ଚ୍ଚ ସହିତ ସମାନ ବୋଲି କୁହାଯାଉଛି । ମୁକ୍ତ ବିତରଣର ରାଜନୀତି ଏତେ ବ୍ୟାପକ ହୋଇଛି ଯେ ଭୋଟ୍ ପାଇବା ପାଇଁ ରାଜନୈତିକ ଦଳ ଅର୍ଥନୈତିକ ସଙ୍କଟର ପୂର୍ବାନୁମାନକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରୁଛନ୍ତି । ଏକ ରିପୋର୍ଟରେ ସଦ୍ୟତମ ତଥ୍ୟ ଅନୁଯାୟୀ ଆଜିକାଲି ଭାରତର ସମସ୍ତ ରାଜ୍ୟର ଆର୍ଥିକ ଋଣ ଭାରତୀୟ ଅର୍ଥନୀତିର ଜିଡିପିର ତିରିଶ ପ୍ରତିଶତରୁ ଅଧିକ ଅଟେ । ଏହି ପରିପ୍ରେକ୍ଷୀରେ ଏହା ମଧ୍ୟ ସ୍ପଷ୍ଟ କରିବା ଆବଶ୍ୟକ ଯେ ୨୦୧୮ରେ ସଂସଦ ଦ୍ୱାରା ପାଳିତ ହୋଇଥିବା ଆର୍ଥିକ ଦାୟିତ୍ୱ ଓ ବଜେଟ୍ ପରିଚାଳନା ଅଧିନିୟମ (FRBM) ଅଧିନିୟମ ଅନୁଯାୟୀ ଅର୍ଥନୀତିରେ ଋଣ ସୀମା ଷାଠିଏ ପ୍ରତିଶତ ହେବା ଉଚିତ । ଜିଡିପି, ଯେଉଁଥିରେ କେନ୍ଦ୍ରୀୟ ଅଂଶ ଚାଳିଶ ପ୍ରତିଶତ ଏବଂ ବାକି ରାଜ୍ୟଗୁଡିକର ଅଂଶ ରହିବା ଉଚିତ୍ । ବର୍ତ୍ତମାନ ରାଜ୍ୟଗୁଡିକର ଅଂଶ ବହୁ ବୃଦ୍ଧି ପାଇଛି, ଯାହା ଏକ ଚିନ୍ତାର ବିଷୟ । ନିଶ୍ଚିତ ଭାବରେ ଏହି ପ୍ରସଙ୍ଗରେ, ରାଜ୍ୟଗୁଡିକ ଆଗାମୀ ସମୟରେ କେନ୍ଦ୍ରରୁ ଅଧିକ ସାହାଯ୍ୟ ଆବଶ୍ୟକ କରିବେ । ଯାହା ଫଳରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଅଭିବୃଦ୍ଧି ହାରରେ ଦେଖାଯିବ ।

ଦିନକୁ ଦିନ ବଢୁଥିବା ଦଳ ଅଧୀନରେ ରାଜ୍ୟଗୁଡିକ ଦ୍ୱାରା ମୁକ୍ତ ବଣ୍ଟନ ରାଜନୀତି ଚାଲିଛି । ରୋଜଗାରର ଅଧିକରୁ ଅଧିକ ସମ୍ବଳ ବିକାଶ କରିବା ଏବଂ ଗ୍ରାମାଞ୍ଚଳ ଓ ଛୋଟ ସହରଗୁଡ଼ିକୁ ଅର୍ଥନୈତିକ ବିକାଶର ମୁଖ୍ୟ ସ୍ରୋତକୁ ନେବା ପରିବର୍ତ୍ତେ, ଚଳିତ ଆର୍ଥିକ ବର୍ଷ ୨୦୨୨-୦୨୩ ଭାରତ ପାଇଁ ପଡୋଶୀ ଦେଶଗୁଡିକର ବିଫଳତା ସହିତ ଯଥେଷ୍ଟ ହୋଇଛି । ସମସ୍ତେ ଶ୍ରୀଲଙ୍କାର ଆର୍ଥିକ ଦୁଃଖ, ବାଂଲାଦେଶ ତଥା ପାକିସ୍ତାନରେ କ୍ରମାଗତ ଭାବେ ହ୍ରାସ ପାଉଥିବା ଅର୍ଥନୀତିକୁ ଅନୁଭବ କରିଛନ୍ତି । ବିଶେଷକରି ଏହା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର ବିଷୟ । କାରଣ ଜଗତୀକରଣ ଯୁଗରେ ପଡୋଶୀ ଦେଶର ଆର୍ଥିକ ଦୁର୍ବଳତାକୁ ଛୁଇଁବା ସହଜ ନୁହେଁ । ବର୍ତ୍ତମାନ ଭାରତୀୟ ଅର୍ଥନୀତିରେ ମୁଣ୍ଡପିଛା କ୍ରୟ କ୍ଷମତା, ଆର୍ଥିକ ଋଣ ଓ ବୈଦେଶିକ ମୁଦ୍ରା ସଂଗ୍ରହ ଏକ ସମ୍ମାନଜନକ ସ୍ଥିତିରେ ଅଛି । ଯେଉଁ କାରଣରୁ ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ପାଇଁ କୌଣସି ସୁଯୋଗ ମିଳିବ ଏଥିରେ ସନ୍ଦେହ ନାହିଁ ।

ବର୍ତ୍ତମାନ ସରକାର ଅର୍ଥନୈତିକ ନୀତିରେ ଏପରି କିଛି ପରିବର୍ତ୍ତନ କରିବା ଉଚିତ୍, ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଜୀବନରେ ଦେଖିବାକୁ ମିଳିବ । ମୁଖ୍ୟତଃ ସମାଜର ଛୋଟ ବେତନ ପ୍ରାପ୍ତ ଲୋକଙ୍କୁ ଟିକସରୁ ମୁକ୍ତି ଦିଆଯିବା ଉଚିତ୍ । ବ୍ୟାଙ୍କିଙ୍ଗ ନୀତିରେ ମଧ୍ୟ ପରିବର୍ତ୍ତନ କରାଯିବା ଉଚିତ । ଏଭଳି କରାଯିବା ଉଚିତ୍ ଯେଉଁଥିରେ ନିର୍ମାଣ କ୍ଷେତ୍ର ଅନ୍ତର୍ଗତ ପିଏଲଆଇ (PLI) ଯୋଜନା ମାଧ୍ୟମରେ ସର୍ବାଧିକ ସଂଖ୍ୟକ ନିଯୁକ୍ତି ପ୍ରଦାନ କରୁଥିବା ଶିଳ୍ପକୁ ଆର୍ଥିକ ରିହାତି ପ୍ରଦାନ କରାଯିବା ଉଚିତ । ଏହା ବ୍ୟତୀତ ଗ୍ରାମୀଣ ଅର୍ଥନୀତିରେ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ଆବାସିକ ଏବଂ ନିର୍ମାଣ କ୍ଷେତ୍ରକୁ ଆହୁରି ବିସ୍ତାର କରାଯିବା ଉଚିତ୍ । ଫଳସ୍ୱରୂପ ସମସ୍ତ ମୁଖ୍ୟ କାରଣଗୁଡିକର ଚାହିଦା ବୃଦ୍ଧି ପାଇବ ଓ ଅର୍ଥନୀତି ମଧ୍ୟ ବୃଦ୍ଧି ପାଇବ । ଏହା ବ୍ୟତୀତ ଅନ୍ୟ ଏକ ମୁଖ୍ୟ ଆବଶ୍ୟକତା ମଧ୍ୟ ରହିଛି ଯେ ଅର୍ଥନୈତିକ ନୀତି ଅନୁଯାୟୀ ଘରୋଇ ସଞ୍ଚୟକୁ ଅଧିକରୁ ଅଧିକ ଉତ୍ସାହିତ କରାଯିବା ଉଚିତ । ଏସବୁ ଦୃଷ୍ଟିରୁ ଭିତ୍ତିଭୂମିର ବିକାଶ ପାଇଁ ନୂତନ ସରକାରୀ ଆବଣ୍ଟନ ଘୋଷଣା କରାଯିବା ଉଚିତ । ଏହା ସରକାରୀ ବିନିଯୋଗ ସହିତ ଘରୋଇ ପୁଞ୍ଜି ବିନିଯୋଗକୁ ସିଧାସଳଖ ଲାଭ ଦେବ । ଅର୍ଥନୈତିକ ବିକାଶ ପାଇଁ ମୁଖ୍ୟ ସ୍ରୋତରେ ରହିବ..!!!


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ - ୪
ମୋ: ୯୦୪୦ ୧୫୧୪୭୫


# ଜୈବ ବିବିଧତା ଓ ଆର୍ଦ୍ରଭୂମି



**ଅଲେଖ ଚନ୍ଦ୍ର ସାମଲ**

ବିଶ୍ୱର ଜୈବ ବିବିଧତା ମଧ୍ୟରେ ଆର୍ଦ୍ରଭୂମି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ । ଏହା ଅନେକ ବିରଳ ପ୍ରଜାତିର ପ୍ରାଣୀଙ୍କ ବାସସ୍ଥଳୀ । ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଆର୍ଦ୍ରଭୂମି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ବିଶ୍ୱରେ ଥିବା ଆର୍ଦ୍ରଭୂମି ଅଞ୍ଚଳର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଫେବୃୟାରୀ ଦୁଇ ତାରିଖରେ କାସ୍ପିଆନ୍ ସାଗର ତଟରେ ଅବସ୍ଥିତ ଇରାନୀୟ ସହର ରାମସର୍ ଠାରେ ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାକୁ ରାମସର୍ ସମ୍ମେଳନ କୁହାଯାଇଥାଏ । ଏଣୁ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରିବାକୁ ୧୯୯୭ରେ ବିଶ୍ୱର ବିଭିନ୍ନ ସଂଗଠନ ନିଷ୍ପତ୍ତି ନେଇଥିଲେ । ସେବେଠାରୁ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଦିବସରେ ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ସଂପ୍ରତି ଦ୍ରୁତ ସହରୀକରଣ ଅଭିବୃଦ୍ଧି ଓ ତୁଳନାତ୍ମକ ଭାବେ ବ୍ୟାପକ ଭାବରେ ଗଛ କଟାଯାଉଥିବାରୁ ପରିବେଶର ସନ୍ତୁଳନ ରହୁନାହିଁ ଯାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବ ଜୀବଜନ୍ତୁଙ୍କ ଠାରୁ ମଣିଷଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପଡୁଛି । ପ୍ରତିଦିନ ସମଗ୍ର ପୃଥିବୀରୁ ଟନ୍ ଟନ୍ ଆକାରର ପାହାଡ଼ ସଦୃଶ ବର୍ଜ୍ୟ ସାମଗ୍ରୀ ସମଗ୍ର ବିଶ୍ୱକୁ ଭୟଙ୍କର ଭାବେ ପ୍ରଦୂଷିତ କରି ନାନା ସମସ୍ୟା ସୃଷ୍ଟି କରୁଛି । ଦିନଥିଲା ପ୍ରକୃତିର ସୁନ୍ଦର ସଂରଚନାରେ ଛଅ ଗୋଟି ଋତୁକୁ ମଣିଷ ସମାଜ ଅନୁଭବ କରିବା ସହ ଉପଭୋଗ କରିବାକୁ ସକ୍ଷମ ହେଉଥିଲେ । ବର୍ତ୍ତମାନ କୌଣସି ଗୋଟିଏ ଋତୁର ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ତାର ଅବଧି ଶେଷ କରିପାରୁନାହିଁ । ଯାହାଦ୍ୱାରା ତୀବ୍ର ଖରାଯୁକ୍ତ ଗ୍ରୀଷ୍ମ ଦିନରେ କେଉଁଠି ବର୍ଷା ହେଉଛି ତ ଶୀତ ଦିନରେ କେତେକ ସ୍ଥାନରେ ଟାଣ ଖରା ଅନୁଭବ କରାଯାଉଛି । ଆଜି ସମଗ୍ର ବିଶ୍ୱରେ ଅନେକ ଦୁର୍ଲଭ ଓ ଦୁଃଷ୍ପ୍ରାପ୍ୟ ବିରଳ ପ୍ରଜାତିର ଜୀବଜନ୍ତୁଙ୍କ ଅବସ୍ଥିତି ଲୋପ ପାଇବାକୁ ବସିଲାଣି । ପରିବେଶକୁ ସଠିକ୍ ଭାବରେ ସନ୍ତୁଳନ ମାଧ୍ୟମରେ ମଣିଷର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଆର୍ଦ୍ରଭୂମି ଆଜି ସଙ୍କଟରେ । ମଣିଷର ଖାଦ୍ୟ ପାଇଁ ସବୁଠାରୁ ଅତ୍ୟାବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମୃତ୍ତିକା ସାଙ୍ଘାତିକ ଭାବେ ପ୍ରଦୂଷିତ ହେଉଛି । ଭୂଗର୍ଭରୁ ଜଳର ମାତ୍ରା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ କମି କମି ଯାଉଥିବାରୁ ଆଗାମୀ ଦିନରେ ବିଶ୍ୱ ଜଳ ପାଇଁ ହା ହାକାର ଓ ଅନାଟନ ଭିତରୁକ ପେଷି ହୋଇଯିବ ଏ ନେଇ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବୀ ମହଲ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ଏ ସବୁ ଦାୟିତ୍ୱ ଓ ନିର୍ଦ୍ଦେଶାବଳୀକୁ ଗ୍ରହଣ କରିବା ପାଇଁ ସବୁ କ୍ଷେତ୍ରରେ କେବଳ ସରକାରଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁ ଦାୟିତ୍ୱ ଯେ ରହିଛି ଏହାକୁ ଆମେ ଭୁଲିଯିବା ଅନୁଚିତ ।


ପୂର୍ବତନ ଡିଏଫଓ (କେନ୍ଦୁଲିଫ)
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩


## କପେ ଚା

**ରାହାସ କୁମାର ବେହେରା**



ଉତୁରି ଯାଉଥିବା ଚା'
ବିତିଯାଉଥିବା ବୟସ ପ୍ରାୟ ସମାନ ।

ଚା' ଫୁଟେ ଚୁଲିରେ
ବାସ୍ନାରେ ବିମୋହିତ କରେ ମନ,
ପ୍ରାଣ, ହୃଦୟ
ପାଗଳ ହୋଇ ଉଠେ ମଣିଷ
ବଞ୍ଚିପାରିବେନି ତାକୁ ଛାଡି
ଯେଣୁ କରିଛି
କେବେଠୁ ତା'ର ଅଭ୍ୟାସ ।

ଆୟୁଷ ସେମିତି ବଢିଚାଲେ
ଶିଝେ କେତେ ଘାତ ପ୍ରତିଘାତ,
ଦୁଃଖ ସୁଖ,
ଭଲ, ମନ୍ଦ, ଭୁଲ ବୁଝାମଣା,ରୋଗ
ଶୋକ ବ୍ୟାଧିରେ
ପରୀକ୍ଷା ଦିଏ ପ୍ରାଣୀ
ପ୍ରତିକ୍ଷଣେ ପ୍ରତି ମୁହୂର୍ତ୍ତ ।

ଚା' ଉତୁରି ଯାଏ ଚୁଲିରେ, ନିଆଁରେ/
ସ୍ୱାଦରେ, ଅବଶୋଷ,
ଅବସାଦରେ ।

ଆୟୁଷ ଉତୁରି ମଣିଷ ଯାଏ ମଶାଣିରେ
ଜଳେ ଶ୍ମଶାନରେ, ହୁଏ ମୁଠେ ପାଉଁଶ
ହଜିଯାଏ କାଳର କରାଳ ଗ୍ରାସରେ
ନା' ଥାଏ ପରେ ଆଉ କିଛି ବାକି
ନା' ରହେ କିଛି ସ୍ମୃତି, ବିସ୍ମୃତି,
ଆସକ୍ତି,
ଅନୁଭୂତି/ଆନୁରକ୍ତି
ଆଜି ପରେ କାଲିକି ସବୁ ଲାଗେ ବାସି
ବାସି ।


+ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ :୯୪୩୮୧୧୪୩୬୮


## ହୃଦୟ ଏ ତ ସ୍ୱାର୍ଥପର ସଂସାର

**ବିକାଶ ନାୟକ**



ସମୟ ସୁଅରେ ମଣିଷ ପଣିଆ
ଭାସିଯାଏ ବହୁ ଦୂର
ସମୟ ସୁଅରେ ନ ଭାବି ନିଜର
ସଭିଏଁ କରନ୍ତି ପର
ହୃଦୟ ଏ ତ ସ୍ୱାର୍ଥପର ସଂସାର

କାମ ଥିବା ଯାଏ ସଭିଏଁ ନିଜର
କାମ ସରିଗଲେ କିଏ ପୁଣି କାହାର
ହୃଦୟ ଏ ତ ସ୍ୱାର୍ଥପର ସଂସାରଟଙ୍କା
ପାଇଁ ମଣିଷ ହୁଏ ଅନ୍ଧ ବଧିର
ଏଠି ଟଙ୍କା କରିନିଏ ସଭିଙ୍କୁ ନିଜର
ଟଙ୍କା ସରିଗଲେ ପୁଣି କିଏ କାହାର
ହୃଦୟ ଏ ତ ସ୍ୱାର୍ଥପର ସଂସାର

ସବୁ ରାତି ନୁହେଁ ମିଠା ଜହ୍ନ ରାତି
ପୁଣି ସବୁ ଋତୁ ନୁହେଁ ଶୀତ କାକର
ସବୁ ଏଠି ନୁହନ୍ତି ନିଜର
ଆଉ ସବୁ ପୁଣି ନୁହନ୍ତି ସ୍ୱାର୍ଥପର

ଛାତ୍ର ମାନେ ଆଜି ସ୍ୱାର୍ଥ ପାଇଁ ଏଠି
ଭୁଲି ଯାନ୍ତି ନିଜ ଧର୍ମ କର୍ମ
ଗୁରୁଟିଏ ଆଜି ମୂଲ୍ୟହୀନ ହୁଏ
ପୂରା ହୋଇଗଲେ ପିଲାଙ୍କ କାମ
ହୃଦୟ ଏ ତ ସ୍ୱାର୍ଥପର ସଂସାର

ପ୍ରକୃତି ମାଆର ଅବଦାନ କଥା
ଭୁଲି ଯାଏ ଏଠି ନର
ପ୍ରକୃତି କୋଳରେ ବଢ଼ି ଏ ମଣିଷ
ପ୍ରକୃତିକୁ କରେ ନାରଖାର
ହୃଦୟ ଏ ତ ସ୍ୱାର୍ଥପର ସଂସାର ।


+ କଇଁପୁର, ଜାମଦା, ମୟୂରଭଞ୍ଜ
ମୋ: ୬୩୭୨୬୪୬୭୧୦


କବିତା କୋଣାର୍କ

## କିଏ ତୁମେ ?

**ସୁନୁଲତା ଘଡେଇ**



ପ୍ରଶ୍ନ ଥିଲା କିଏ ତୁମେ ?
କେମିତି କହିବି ମୋର କ'ଣ
ତୁମେ !!
ଅକାରଣେ ଓଠର ମୃଦ୍ୟୁହସର
କାରଣ ତୁମେ
ଶବ୍ଦ ହୀନ ପ୍ରେମର ପରିଭାଷା ତୁମେ
ସ୍ୱର୍ଶହୀନ ଗୋଧୂଳିର ମଳୟ ତୁମେ
ପୁଲ୍ଲକିତ ପ୍ରାଣର ମଧୂର ମୂର୍ଚ୍ଛନା ତୁମେ
ରୋମାଞ୍ଚିତ କାୟାର ଭାବନା ତୁମେ ।
ନୀରବତାର ଭାଷା, ଅଭିମାନର
ମାନ ତୁମେ
ପୂର୍ଣମୀ ଜ୍ୟୋସ୍ନାର ସ୍ନିଗ୍ଧତା ତୁମେ ।
ଲୁଚିଲୁଚି ସ୍ୱପ୍ନରେ ଆସୁଥିବା
ସ୍ୱପ୍ନନାୟକ ତୁମେ ।
କେମିତି କହିବି,
କାହିଁକି କହିବି ମୋ ପାଇଁ କ'ଣ ତୁମେ
ଏତିକି କ'ଣ ଯଥେଷ୍ଟ ନୁହେଁ ?
ଶବ୍ଦ ଠାରୁ ନୀରବତା ଭଲ
ସେ ନୀରବତାର ଧ୍ୱନି ତୁମେ !!
ସବୁ ସମ୍ପର୍କର କ'ଣ ପୂର୍ଣ୍ଣତା ଥାଏ.. ?

ପୂର୍ଣ୍ଣତା ଏକ କଳ୍ପନା....
ଯା ତୁ ଅର୍ଦ୍ଧ ସମ୍ପର୍କ ଟିଏ ହୋଇ
ଆସ୍ଥାନରେ ଥାଆ...


+ ସାନପଦନା, କେନ୍ଦୁଝର, ଓଡ଼ିଶା


## କନ୍ୟା ରତ୍ନ

**ପୁଷ୍ପଲତା ମିଶ୍ର**



ମାଆ ବାପା ଭାଇ ଶୁଣ ହେ ମୋ
ବାଣୀ
କନ୍ୟା ମୁଁ ଅଟଇ ରତ୍ନ,
ହତାଦର କେବେ କର ନାହି ତାକୁ
ନିଅ ହେ ତାର ଯତନ ।

ଯେତେ ପୁଅ ଥାଉ କି ଲାଭ ମିଳିବ
ଯଦି ଝିଅଟିଏ ନାହିଁ,
ମାଆ ବାପାଙ୍କର ସେବା ଯତ୍ନ କରେ
ଦୁଃଖ ଟି ବୁଝଇ ସେହି ।

କନ୍ୟାଟିଏ ଘରେ ଜନମ ହୋଇଲେ
ସରଗ ସୁଖ ଆସଇ,
ମନରେ ଅଶାନ୍ତି ରହିଥିଲେ କେବେ
ଦିଏ ତ ସବୁ ବୁଝାଇ ।

କନ୍ୟାକୁ ଯତ୍ନରେ ପାଳନ କରନ୍ତୁ
ହେଲା ନ କର ହେ ବନ୍ଧୁ,
ସେହି କନ୍ୟା ଅଟେ ସରଗର ପରୀ
ଦୁଃଖ ଦରିଆର ସିନ୍ଧୁ ।

କନ୍ୟା ପରା ଅଟେ ଦୁର୍ଗତୀ ନାଶିନୀ
ଅଟଇ ମାଆ ମଙ୍ଗଳା,
ଦୁଷ୍ଟ ସଂହାରିଣୀ ଦୁରିତ ନାଶିନୀ
ପୁଣି ସେ ମାଆ କମଳା ।

ଏହି ସଂସାରରେ ଅଘଟଣ ଘଟେ
ଆମ ଏ କନ୍ୟାର ପାଇଁ,
ଏଡ଼େ ଅମଣିଷ ଏହି ସଂସାରରେ
ସେ କଥା ବୁଝନ୍ତି ନାହିଁ ।

ଆମରି ଘରର ଅଟେ କୂଳ ଲକ୍ଷ୍ମୀ
ଆଣ ତାହାକୁ ପାଛୋଟି,
ପଢାଅ ବଢାଅ ଆମରି ଝିଅକୁ
ମୋର ଗୁହାରି ରଖଟି ।

କନ୍ୟା ଦିବସରେ ସଂକଳ୍ପ ନିଅ ହେ
ମନ କଥା ତାର ବୁଝ,
କନ୍ୟା ରତ୍ନଟିକୁ ଯତନରେ ପାଳ
ନ ଭାବ ତାହାକୁ ବୋଝ ।


+ ଭୁବନେଶ୍ୱର
ମୋ:୯୩୪୮୨୯୪୬୫୭





# ଏକ ବ୍ରତଉପନୟନର ଅନୁଭୂତି



## ଅନୀତା ପଟ୍ଟନାୟକ

ଅନେକ ଦିନ ପରେ ମୋର ସ୍କୁଲ ଦିନର ଏକ ବାନ୍ଧବୀ ସହିତ ଟ୍ରେନର ଏକ ପ୍ରଥମ ଶ୍ରେଣୀ ଡବାରେ ଦେଖାହେଲା । ସେ ବ୍ରାହ୍ମଣ ଘରର ଝିଅ ଦେଖିବାକୁ ଅପରୂପା ସୁନ୍ଦରୀ । ସାଥିରେ ସାତ ବର୍ଷର ପୁଅଟିଏ । ପିଲାଦିନେ ସେ ମୋ ସହିତ ବିଶେଷ ମିଶୁ ନଥିଲା କାରଣ ମୁଁ ଥିଲି ବାଉରୀ ଘରର ଝିଅ । ସମୟ ବଦଳିଲା । ସେ ଯେଉଁ ଜିଲ୍ଲାରେ ଡାକ୍ତରାଣୀ ଭାବରେ କାମ କରୁଥିଲା ମୁଁ ସେଠାରେ କଲେକ୍ଟର ଭାବରେ ଯୋଗ ଦେଇଥିଲି । ଟ୍ରେନରେ କିଛି ସମୟ କଥୋପକଥନ ପରେ ଆମେ ଦୁହେଁ ନିଜ ନିଜ ବାପଘରୁ କର୍ମ ସଂସ୍ଥାନରେ ଯୋଗ ଦେଇଥିବା ଜାଗାକୁ ଫେରୁଥିବାରୁ ସେ ବହୁତ ଖୁସି ହେଲା ।

ମୁଁ ତାକୁ କହିଲି ଗୁଣ ବିନା ରୂପ ବ୍ୟର୍ଥ । ସେ ତାର ଚିରାଚରିତ ବୁଦ୍ଧିରେ ମତେ ସେ ଦିନ କହିଥିଲା ଜାଣିଚୁ ନମ୍ରତା ବିନା ବିଦ୍ୟାବ୍ୟର୍ଥ । ଏମିତି କଥାରେ କଥାରେ କହିଥିଲି ଉପଯୋଗ ବିନା ଧନ ବ୍ୟର୍ଥ । ସେ ମତେ ତାର ଉତ୍ତରରେ କହିଥିଲା ସାହାସ ବିନା ଅସ୍ତ୍ରଶସ୍ତ୍ର ବ୍ୟର୍ଥ । ଏହି ସମୟରେ ଟ୍ରେନରେ କିଛି ଭୋଜନ ବିକ୍ରୟ କରୁଥିବା ଲୋକ ପହଞ୍ଚିଲା କିନ୍ତୁ ତାର ପୁଅକୁ କହିଲି କଣ ଖାଇବୁ ବୋଲି ମୁଁ ପଚାରିବାରୁ ସେ ମନା କରିଦେଲା । ମୁଁ କହିଲି ଭୋକ ବିନା ଭୋଜନ ବ୍ୟର୍ଥ । ସେ ତାର ଉତ୍ତରରେ କହିଥିଲା ପ୍ରେମ ବିନା ଭାଇ ବ୍ୟର୍ଥ । ଏହି ସମୟରେ ଆମେ ଦେଖିଲୁ ଗୋଟିଏ ଲୋକ ତାର ଗୋଡ଼ ଗୁଡ଼ିକ ସରୁ କିନ୍ତୁ ହାତରେ ଗୋଟିଏ କନା ଧରି ଟ୍ରେନ ଡବାର ଚଟାଣ ଗୁଡ଼ିକୁ ପୋଛୁଛି । ଆମ ଡବାଟିକୁ ମଧ୍ୟ ପରିଷ୍କାର କରିଦେଲା । ମୁଁ ଦଶ ଟଙ୍କିଆଟିଏ ଦେବାରୁ ସେ ଭଦ୍ରଲୋକଟିକୁ କୋଡିଏ ଟଙ୍କା ଦେଲା ଓ ମତେ କହିଲା ପରୋପକାର ବିନା ଜୀବନ ବ୍ୟର୍ଥ । ମୁଁ ତାକୁ କହିଲି ଭକ୍ତି ବିନା ଭକ୍ତ ବ୍ୟର୍ଥ ଓ ଆତ୍ମା ବିନା ଶରୀର ବ୍ୟର୍ଥ ।

ଆମେ ପିଲାଦିନର ଅନେକଥା ମନେ ପକାଇ ଆମର ଆତ୍ମୀୟତା ବଢ଼ାଇଲୁ । ସେ ମତେ ତାର ପୁଅର ବ୍ରତଘରକୁ ଆସିବା ପାଇଁ ଅନୁରୋଧ ରଖିଲା । ମତେ ସେ କହିଲା ତାର ସ୍ୱାମୀ ଜଣେ ହୋଟେଲ ବ୍ୟବସାୟୀ । ଭୁବନେଶ୍ୱରର ହୋଟେଲ ସ୍ୱସ୍ତିରେ ମୋର ପୁଅର ବ୍ରତଘର ହେବ । ତୁ ବ୍ରହ୍ମଚାରୀକୁ ଆଶୀର୍ବାଦ କରିବାକୁ ନିଶ୍ଚୟ ଆସିବୁ । ନୂଆବର୍ଷରେ ତାଙ୍କ ହୋଟେଲ ସ୍ୱସ୍ତିରେ ନବ ବର୍ଷ ପାଳନ ହୁଏ । ଅନେକ ପ୍ରକାର ଆମୋଦପ୍ରମୋଦ ବ୍ୟବସ୍ଥା କରାଯାଇଥାଏ । ମୁଁ କିନ୍ତୁ ନବ ବର୍ଷ ଆମୋଦ ପ୍ରମୋଦ, ଜନ୍ମଦିନ, ବିବାହ ବାର୍ଷିକୀ ଏ ସବୁରେ ବିଶେଷ ଉତ୍ସାହ ଦେଖାଇ ନଥାଏ କାରଣ ଏସବୁ ଆମ ଗରୀବ ପରିବାରେ ନଥିଲା । ମୁଁ ତାକୁ କହିଲି ଜାଣିଚୁ ନିଦ୍ରା ଦୁଇ ପ୍ରକାର । ପ୍ରଥମଟି କ୍ଷୁଦ୍ର ନିଦ୍ରା ଓ ଦ୍ୱିତୀୟଟି ଚିରନିଦ୍ରା । କ୍ଷୁଦ୍ରନିଦ୍ରା ଭଙ୍ଗ ହେଲେ ମନୁଷ୍ୟ ଜାଣିପାରେ ଯେ ଜୀବନର ପ୍ରତିଟି ମୁହୂର୍ତ୍ତ ନୂତନ ଏବଂ ଗୋଟିଏ ମୁହୂର୍ତ୍ତ ଅନ୍ୟ ଠାରୁ ଭିନ୍ନ ନୁହେଁ ଓ ଡାକ୍ତରାଣୀଙ୍କୁ ଚିର ନିଦ୍ରା ବୁଝାଇବା ଦରକାର ନାହିଁ । ଏ ପୃଥିବୀରେ ହଜାର ହଜାର ବର୍ଷ ବିତିଗଲାଣି । ଲକ୍ଷ ଲକ୍ଷ ସମୟ ମଧ୍ୟ ବିତିଗଲାଣି । ତେଣୁ ମୁଁ ନବ ବର୍ଷରେ ବିଶ୍ୱାସ ନ ରଖୁଥିଲେ ମଧ୍ୟ ତୋର କଥା କିନ୍ତୁ ରଖିବି ।

ଟ୍ରେନରୁ ଓହ୍ଲାଇ ଯେ ଯାହାର ଗନ୍ତବ୍ୟ ପଥରେ ଚାଲିଗଲୁ । ନବ ବର୍ଷ ଦିନ ଓ ବ୍ରତ ଉପନୟନ ଦିନ ମୁଁ ମୋର ବାନ୍ଧବୀର କଥା ରଖି ହୋଟେଲ ସ୍ୱସ୍ତିକୁ ଯାଇଥିଲି । ମୋର ବ୍ରତ ଉପନୟନ ବିଷୟରେ ବିଶେଷ କିଛି ଜ୍ଞାନ ନଥିଲା । ତେଣୁ ସେଥିପାଇଁ ମୋର ବହୁତ କୌତୁହଳ ଥିଲା । ସକାଳ ଓଳି ଅନେକ କର୍ମ କରାଯାଇଥିଲା । ମୁଁ ପଚାରିବାରୁ ବ୍ରାହ୍ମଣ କହିଥିଲେ ନଅ କର୍ମ ମଧ୍ୟରୁ ଚାରିକର୍ମ ସରିଗଲାଣି । ଏସବୁ କର୍ମ ସଂସ୍କାର ପାଇଁ କରାଯାଏ । ଦେଖିଲି ବ୍ରତଘରେ କର୍ଣ୍ଣମନ୍ତ୍ର, କର୍ଣ୍ଣବେଦ, ବଳକଳ ପରିଧାନ, ପଳାଶଦଣ୍ଡ ଧାରଣ, କଠଉ ପରିଧାନ, ମୁକୁଟ ପରିଧାନ ପ୍ରଭୃତି କରାଗଲା । କୌତୁହଳବଶତଃ ବ୍ରାହ୍ମଣଙ୍କୁ ପଚାରିବାରୁ ସେ କହିଥିଲେ ବ୍ରହ୍ମ ଉପଦେଶ ହେଉଛି ଉପନୟନ । ଉପନୟନ ଅର୍ଥ ନିକଟକୁ ନେବା । ବାଳବ୍ରହ୍ମଚାରୀଙ୍କୁ ବ୍ରହ୍ମଙ୍କ ନିକଟକୁ ନେବା ହେଉଛି ଏହାର ଉଦ୍ଦେଶ୍ୟ ଏଠାରେ ବ୍ରହ୍ମ ଜିଜ୍ଞାସା କରାଯାଇ ବ୍ରହ୍ମଙ୍କ ନିକଟକୁ ଯିବାର ପଥକୁ ବତାଇ ନିଆଯାଏ । ସଂସ୍କାର ଦ୍ୱାରା କର୍ମରେ ପବିତ୍ରତା ଅଣାଯାଇଥାଏ । ସଂସ୍କାର ନୂତନ ଚରିତ୍ର ଗଠନ କରେ । ମନକୁ ପବିତ୍ର କରି ପୁର୍ନଗଠନ କରେ । ସେ ଦିନ ସେ ଦ୍ୱିଜ ହୁଏ (ଦୁଇଥର ଜନ୍ମ) ପ୍ରଥମେ ପିଲାଟି ଜନ୍ମ ହୋଇଥାଏ ସାଧକ ଭାବେ ପରେ ସେ ବ୍ରହ୍ମଚାରୀ ହୋଇ ବ୍ରହ୍ମ ମାର୍ଗରେ ଚାଲିଥାଏ । ତେଣୁ ଏହା ଏକ ଅତି ପବିତ୍ର ଦିନ । ତାର ହୃଦୟ ଭଗବାନଙ୍କୁ ପାଇବା ପାଇଁ ସେହିଦିନ ଠାରୁ ନୂତନ ମୋଡ଼ ନିଏ ଓ ଭଗବାନଙ୍କ ନିକଟରୁ ସେ ଯେପରି ଦୂରେଇ ନଯାଏ ସେଥିପାଇଁ ଚେଷ୍ଟିତ ହୁଏ । ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଏ । ବ୍ରାହ୍ମଣ ଜଣକ ମଧ ମତେ ବୁଝାଇ କହିଲେ ଗାୟତ୍ରୀ ମନ୍ତ୍ର ମଧ ଏକ ଓଁ କାରର ଧ୍ୱନୀ ଯାହାକି ସଚରାଚର ଜଗତରେ ପ୍ରତିଧ୍ୱନିତ ହେଉଛି । ସେହି ଶବ୍ଦକୁ ଶୁଣିବାକୁ ହେଲେ ନିସ୍ତବ୍ଧତା ନିତ୍ୟାନ୍ତ ଆବଶ୍ୟକ । ଶବ୍ଦ ମଧ୍ୟରେ ନିସ୍ତବ୍ଧତା ଥାଏ । ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଥାଏ । ଶବ୍ଦ ମଧ୍ୟରେ ଓଁକାରର ଧ୍ୱନିକୁ ଯୋଗୀ ଋଷିମାନେ ଶୁଣି ପାରନ୍ତି କିନ୍ତୁ ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଶୁଣିବାକୁ ଆମର ସାଧନାର ଆବଶ୍ୟକତା ରହିଛି । ଆଖିପତା ଉଠୁଥିବା ପଡୁଥିବା ସମୟରେ ଶୀତ ଦିନେ ପତର ଉପରେ କାକର ପଡୁଥିବା ସମୟରେ ମଧ ଓଁକାରର ଧ୍ୱନି ପ୍ରତିଧ୍ୱନିତ ହୁଏ । ମୁଁ ପଚାରିଲି ମନ୍ତ୍ର ଶବ୍ଦର କଣ କିଛି ମୂଲ୍ୟ ଅଛି ? ସେ କହିଲେ ଯଦି ଶବ୍ଦର କୌଣସି ଅର୍ଥ ନାହିଁ ତେବେ ବିଷଧର ସର୍ପ ସଂଗୀତରେ ବିମୋହିତ ହେଉଛି କିପରି ? ପିଲାଟି ଦୋଳିରେ ଥାଇ କାନ୍ଦୁଥିବା ସମୟରେ ଶାନ୍ତ ହେଉଛି କିପରି ତେଣୁ ଗାୟତ୍ରୀ ମନ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ଓ ପ୍ରଣବ ସ୍ୱରୂପ । ନିଷ୍କଳ ଆତ୍ମତତ୍ତ୍ୱକୁ ନିର୍ମଳତା ଓ ବିଶ୍ୱାସ ରଖିଲେ ପାଇହୁଏ । ଆମେ କୌଣସି ଜିନିଷ ପ୍ରାପ୍ତ ହେଲେ ଖୁସି ହେଉ କିମ୍ବା ନପାଇଲେ ଦୁଃଖିତ ହେଉ । ବିଶ୍ୱାସ ଏକ ଶକ୍ତି ନୁହେଁ ଯାହାଦ୍ୱାରା କି ଆମେ ଯେପରି ଚାହୁଁଛୁ ସେପରି ହେବ । ବିଶ୍ୱାସ ହେଉଛି ଏକ ସାହାସ ଯାହାଦ୍ୱାରା କି କୌଣସି କାର୍ଯ୍ୟକୁ ସମ୍ମୁଖିନ ହେବାରେ ସାହାଯ୍ୟ କରେ । ମୁଁ ତାଙ୍କୁ ପଚାରିଲି ଜଣେ ବ୍ରହ୍ମଚାରୀ କିପରି ଜୀବନ ବିତାଇବା ଦରକାର ? ସେ କହିଲେ ଜପଧ୍ୟାନ ତାର ଜଳଖିଆ, ପୂଜାର୍ଚ୍ଚନା ତାର ମଧ୍ୟାହ୍ନ ଭୋଜନ, ସଦଗ୍ରନ୍ଥ ପଠନ, ପାରାୟଣ, ସତଚିନ୍ତନ, ଲକ୍ଷିତଜପ, ଅପରାହ୍ନର ଚା ପାନର ସମୟ । ଆତ୍ମଶାନ୍ତି ଓ ସୁସ୍ଥ ଜୀବନ ପାଇଁ ଶୋଇବା ପୂର୍ବରୁ କ୍ଷୀର କପେ ଓ ଆତ୍ମ ଚିନ୍ତନ ନିତ୍ୟାନ୍ତ ଆବଶ୍ୟକ ।

ଦେଖିଲି ବ୍ରହ୍ମଚାରୀ ଶାନ୍ତଶିଷ୍ଟ ଭାବେ ବସିଛନ୍ତି । ଅତିଥିଗଣ ବିଭିନ୍ନ ପ୍ରକାର ଉପହାର ବ୍ରହ୍ମଚାରୀଙ୍କୁ ପ୍ରଦାନ କରୁଛନ୍ତି । ହୋଟେଲରେ ଧାଡ଼ି ଧାଡ଼ି ହୋଇ ଆମିଷ ନିରାମିଷ ଖାଦ୍ୟ ବଢ଼ାଯାଇଛି । ସୁନ୍ଦର ତରୁଣୀମାନେ ପରିଚାରିକା ଭାବେ କାମ କରୁଛନ୍ତି । ବାଉରୀ ଘରର ଝିଅଟିଏ ମୁଁ । ମୁଁ ଭାବିଲି ଏହା କଣ ବ୍ରହ୍ମଙ୍କ ପାଖକୁ ଯିବା ରାସ୍ତା ? ତେଣୁ ପିଲାଟିକୁ ଆଶୀର୍ବାଦ କରି ଘରକୁ ଫେରି ଆସିଲି ।

ଅବସରପ୍ରାପ୍ତ ପ୍ରଧାପିକା,
ସେକ୍ଟର-୧୦,
ସିଡିଏ, କଟକ,
(ମୋ)୯୬୯୨୯୮୦୦୨୬

## ଆଜିର କବିତା

### ତୁମକୁ ଖୋଜୁଛି

**ପୁଷ୍ପାଞ୍ଜଳି ମିଶ୍ର**



ତୁମକୁ ଖୋଜୁଛି ପ୍ରତି ମୁହୂର୍ତ୍ତରେ
ଭାବନାର ଶିକୁଳି ଖୋଲି
ମୋହ ମାୟା ଆସକ୍ତିରେ
ନିବସ୍ତ୍ର ହେବା ପର୍ଯ୍ୟନ୍ତ
ଆଞ୍ଜୁଳାଏ ସ୍ୱପ୍ନରେ
ବିନ୍ଦୁ ବିନ୍ଦୁ ଶୋଷରେ
ପ୍ରତିକ୍ଷିତ ସାଗରଠାରୁ
ପାହାନ୍ତିର ଝାପ୍ସା ଆଲୁଅ ଯାଏ
ଭାବଠାରୁ ବୈଭବ ପର୍ଯ୍ୟନ୍ତ
ଖୋଜୁଛି ତୁମକୁ
ନିବିଡ ନୀରବତାରେ
ଶବ୍ଦ କରୁଥିବା ରାଗିଣୀରେ
ଅସଜଡା ମୋଡରେ
ଓଦା ଓଦା ମନରେ
ଅସଂଜତ ଆବେଗରେ
ବର୍ଷା ରେ ବତୁରିବା ପର୍ଯ୍ୟନ୍ତ
ତୁମକୁ ଖୋଜୁଛି
ଦୀର୍ଘଶ୍ୱାସର କୋହରେ
ନିରୋଳାର ନିଷ୍ଠୁର ନିଯ୍ୟାସରେ
ଅବିଶ୍ୱାସର ଆକାଂକ୍ଷାରେ
ସଂଭୋଗ ସ୍ୱପ୍ନରେ କ୍ଷତାକ୍ତ
ହେବା ପର୍ଯ୍ୟନ୍ତ
ଖୋଜୁଥାଏ ତୁମକୁ ।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୭୬୪୩୯୨୧

### ଆତ୍ମୀୟ

**ରତ୍ନକାନ୍ତି ମିଶ୍ର**



ମୁଁ କ'ଣ ବା ମାଗିଥିଲି ତୁମକୁ !
ମାଗିଥିଲି ଦିନକୁ ମୁଠେ ଭାତ
ରାତି ପାଇଁ ଗୋଟେ ସ୍ୱପ୍ନ
ବେଶୀ କ'ଣ ମାଗିଦେଲି କି
ଫେରେଇ ଦେଲ ମୋତେ
କଟୁକଥା କହି....!!!

ଅଳ୍ପକେ ସନ୍ତୁଷ୍ଟ ମଣିଷ ମୁଁ
ବଢେଇଥିଲି କି ଆକାଶକୁ ହାତ !
ଚାହିଁଥିଲି କି ଉଡିବାକୁ ଦୂରନ୍ତ ଦିଗନ୍ତ !
ଯାଚନା କରିଥିଲି ତ ମାତ୍ର
ତୁମ ଉତ୍ତରଣ ଖଣ୍ଡେ
ଯାହା ମୋତେ ହେଲାନି ପ୍ରାପତ
ମୁଁ କ'ଣ ବସେଇଥିଲି
ତୁମେ ହାତେଇଥିବା ସମ୍ପତ୍ତିରେ ଭାଗ !
କୁହ ତେବେ
ତଥାପି କାହିଁକି ଏତେ ରାଗ...!!!

ମାଗିଥିଲି ତ ଆଲୁଅ ପାଇଁ ଆଞ୍ଜୁଳାଏ ଖରା
ରାତି ଅନ୍ଧକାର ପାଇଁ ପୁଞ୍ଜିଏ ତାରା
କୋମଳ ଜୋଛନା ପରି ତୁମ ଦରଦୀ ମନ
ବେଶୀ କ'ଣ ମାଗିଦେଲି ଯେ
ଚାଲିଗଲ ମୁହଁ ଫେରାଇ
ସଦର ଦରଜା ବନ୍ଦ କରିଦେଇ

ତଥାପି, ମୁଁ ମୋର ଈଶ୍ୱର ଦତ୍ତ
ସୀମାରେଖାରେ ଠିଆ ହୋଇ
ପ୍ରାର୍ଥନା କରୁଛି
ତୁମକୁ ସବୁ ସୁଖ ମିଳୁ
ତୁମର ମଙ୍ଗଳ ହେଉ,
ମୋର ଏତିକି ମାଗୁଣି
କେଉଁ ଷଡ଼ଯନ୍ତ୍ରରେ ନାହିଁ
ଚାହୁଁଛି କେବଳ ଅନ୍ତଃକରଣରେ
ତୁମଠି ସଦ୍‌ବୁଦ୍ଧି ଜାଗ୍ରତ ହେଉ...!!!

+ଆଳି, କେନ୍ଦ୍ରାପଡା

# ଫରକ



## ବର୍ଷାରାଣୀ ମହାମଲ୍ଲିକ

ସକାଳ ପହଁରୁ ରୀମା ତା'ର ବହିପତ୍ର ସଜାଡ଼ି ମୁଣି ଭିତରେ ରଖୁଥିଲା । ଯା ଭିତରେ ମା' ତାକୁ ଡାକ ପକାଇଲେ.. ହଇ ଲୋ, ଏ ରୀମା ! ତୋତେ କେତେ ଡାକିଲିଣି, ତୁ କ'ଣଟା କାମ କରୁଛୁ ଯେ ମୋ ତଣ୍ଟି ଶୁଖିଗଲାଣି ଅଥଚ ମହାରାଣୀଙ୍କୁ ମୋ କଥାଟା ଶୁଣାଯାଉନି, ଏତିକି କହି କହି ସେ ରାଗ ଗରଗର ହୋଇ ପାଖକୁ ଆସିଲେ । କିନ୍ତୁ ରୀମା ତା'ର ବହିପତ୍ର ସଜାଡ଼ିବାରେ ଏତେ ବ୍ୟସ୍ତ ଥିଲା ଯେ, ବାହାରର ଶବ୍ଦ ତା'ର କୁନି ମନକୁ ସ୍ପର୍ଶ କରୁନଥିଲା । ମାଁ ରାଗିଯାଇ ଇଆଡୁ ସିଆଡୁ ବାରକଥା କହିଚାଲିଲେ, ରୀମା ବିଚାରି ତୁନି ହୋଇ ନୀରବରେ ସବୁ ସହିନେଲା । ରୀମାର ମାଁ ସବୁବେଳେ ଏମିତି, ଛୋଟ ଛୋଟ କଥାରେ ସେ ରାଗି ଉଠନ୍ତି ତାଙ୍କ ନିଜ ଝିଅ ଉପରେ, ରବି କିନ୍ତୁ ତାଙ୍କର ଗେଲ୍‌ହା ପୁଅ.. ସବୁ କାଳରେ ମାଁ ମାନଙ୍କର ପୁଅ ମାନଙ୍କ ପ୍ରତି ଟିକିଏ ଅଧିକା ସ୍ନେହ ଶ୍ରଦ୍ଧା ଥାଏ ଝିଅ ମାନଙ୍କ ଅପେକ୍ଷା । କିନ୍ତୁ ରବି ଚାଲିଲା ଶଗଡ଼ରେ ହାତ ଦେବା ପିଲା, ଜନ୍ମରୁ ବିଛୁଆତି । ତଥାପି ମଧ ସେ ବେଶୀ ଭଲ ପାଆନ୍ତି ପୁଅ ରବିକୁ, ସେଥିରେ ଯେ କୌଣସି ଉଦ୍ଦେଶ୍ୟ ଥାଉ ନା କାହିଁକି, କୁଳ ଉଦ୍ଧାର ପାଇଯିବା ହେତୁ ଅଥବା, ପୁଅ ସବୁଦିନ ବାପା ମାଁଙ୍କ ସେବା କରିବାର କ୍ଷେତ୍ରରୁ ହେଉ ।

ରୀମା ଉପରେ କଥା କଥାରେ ହାତ ଉଠାଏ ରବି, ତା'ର ଖାଇବା, ପିନ୍ଧିବା, ପଢିବା ସବୁଠାରେ ଆସି କଳି କରିଯାଏ ରବି । କିନ୍ତୁ ବାପା ଠିକ୍ ବୁଝି ପାରନ୍ତି ରୀମାକୁ, ରୀମା ସରଳ, ନିରୀହ, ଭଲ ଝିଅଟିଏ, ଭଲ ପାଠ ପଢ଼େ, ହେଲେ ମାଁ ଚାହାଁନ୍ତିନି ଯେ ରୀମା ବେଶୀ ପାଠ ପଢୁ ବରଂ ତାଙ୍କର ଇଚ୍ଛା ସେ ଘର କାମରେ ସହଯୋଗ କରୁ । ରୀମା ରବିଠାରୁ ୪ ବର୍ଷ ବଡ଼ । ସାନଭାଇ ହିସାବରେ ଯେଉଁ ସ୍ନେହଶ୍ରଦ୍ଧା ଦେବା କଥା ରୀମା ଦେଇଚି, କିନ୍ତୁ ବଡ଼ ଭଉଣୀ ଭାବରେ ରବିଠାରୁ ଯେଉଁ ସମ୍ମାନ ପାଇବାର ଅଧିକାରୀ, ସିଏ ସେଥିରୁ ସମ୍ପୂର୍ଣ୍ଣ ବଞ୍ଚିତ । ସର୍ବଦା ମାଁଙ୍କର ପ୍ରଶ୍ରୟ ଯୋଗୁଁ ସେ ଅନୁଶାସନୁବଦ୍ଧ ନ ହୋଇ ହୋଇ ଉଠିଛି ଉଚ୍ଛୃଙ୍ଖଳ । ରୀମା ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କଲେଜ ପାସ୍ କରି ବି. ଏ ପାଠ ପଢିସାରିଲା.. ବୟସ ହେଲାରୁ ଭଲ ପୁଅ ଦେଖି ତା'ର ବାହାଘର ମଧ କରେଇ ଦିଆଗଲା । ଏ ପଟେ ବିଛୁଆତି ଦୁଇ ପତ୍ରରୁ କୁଣ୍ଢେଇ ହେଲା ପରି ରବିର ଉତ୍ପାତ୍ କଳାନୁକ୍ରମେ ବଢ଼ି ଚାଲିଛି । ପାଠ-ଶାଠ ପ୍ରତି ଧ୍ୟାନ ନ ଦେଇ +୨ ଫେଲ୍ ହୋଇ ବୁଲା ବୁଲି କରିଛି । କୁସଙ୍ଗରେ ସଙ୍ଗ ହୋଇ ମଦ୍ୟପାନ, ଜୁଆ ଆଦି ଖରାପ କାମରେ ଲିପ୍ତ ରହି ଜୀବନ ଅତିବାହିତ କରିଛି । ମଦ ପିଇ ଘରକୁ ଆସିଛି ବାପା କ'ଣ ଟିକିଏ କହିଲେ ମୁହଁ ଉପରେ ଜବାବ୍ ଦଉଛି । ତା ମାଁ ଙ୍କୁ ମଧ ନିଶାର ପ୍ରଭାବରେ କେତେଥର ହାତ ଉଠାଇଛି, ନାନା ଅଶ୍ଳୀଳ, ଅଭଦ୍ର, ଅଶ୍ରାବ୍ୟ ଭାଷାର ଉଚ୍ଚାରଣ କରି ଜନ ସମାଜରେ ଏକ ଖରାପ ବ୍ୟକ୍ତି ହୋଇସାରିଛି । ବିଚରା ବାପା ନୀରବ । ସବୁବେଳେ ରୀମାବୋଉଙ୍କୁ କହନ୍ତି, 'ତୁମରି ଏଭଳି ଅତି ଗେଲ୍‌ହା ଓ ସବୁ କାମରେ ତା'କୁ ପ୍ରଶ୍ରୟ ଦେବା ପାଇଁ ସିଏ ଏଭଳି କାଣ୍ଡ କରିପାରୁଛି', ଏବେ କେମିତି ତା'କୁ ସମ୍ଭାଳିବ ସମ୍ଭାଳ । ରୀମାବୋଉ ମଧ୍ୟ ମନେମନେ ଅନୁତାପ କରନ୍ତି, ତାଙ୍କରି ଯୋଗୁଁ ଏ ସବୁ ବୋଲି ସେ ଭାବନ୍ତି... ଏଭଳି ନାନା ଦୁଃଖ, ଯନ୍ତ୍ରଣା ଓ ମାନସିକ ଭାରସାମ୍ୟ ହରାଇ ଦେଇ ତଥା ରବିକୁ ତାଙ୍କର ଆଖି ସାମ୍ନାରେ ଖରାପ ହେବାର ଦେଖି ସେ କ୍ରମେ ଅସୁସ୍ଥ ହୋଇପଡ଼ିଲେ, ଦିନେ ହଠାତ୍ ସେ ଇହଧାମ ଛାଡ଼ି ଚାଲିଗଲେ । ଏ ପଟେ ଏ ସବୁ ଘଟଣା ଘଟିଯିବା ସତ୍ତ୍ୱେ ରବିର ମଦ ପିଇବା କମ୍ ହେଲା ନାହିଁ । ସେ ଆହୁରି ବିଗିଡିବାକୁ ଲାଗିଲା । ରୀମା ମଧ୍ୟ ବୋଉର ଯିବାର କଥା ଶୁଣି ଅନେକ ଦୁଃଖ କଲା, ହେଲେ ବିଚାରୀ ସେ କ'ଣ ବା କରିବ ? ରବି ଦିନେ ଜାତିରେ ଅଚଳ ଏକ ଝିଅକୁ ବାହା ହୋଇ ଆସିଲା । ତା'ର ବାପାର ଅବସ୍ଥା ଏବେ ବୋଝ ଉପରେ ନଳିତା ବିଡା ସଦୃଶ । ଝିଅଟି ରବିକୁ ବଢିକି । ବାପା ଙ୍କ ଉପରେ କାହାର ନିଘା ନାହିଁ, ଓଲଟି ତାଙ୍କୁ ପୁଅ, ବୋହୂ କେହି ବି ଠିକ୍ ସେ ପଚାରିଲେ ନାହିଁ । ଖାଇବାକୁ ବି ଠିକ୍ ସେ ଦେଲେନି । ବୁଢ଼ା ବାପାର ଦେହ ଦିନକୁ ଦିନ ଅଧିକ ଖରାପ ହେବାକୁ ଲାଗିଲା । ସେ ଦୁଃଖରେ ଅସହାୟ, ନିସହାୟ ଭାବରେ ଘରେ ପଡ଼ି ରହିଲେ । ସଦା ଅବହେଳିତ ହୋଇ ଘର କୋଣରେ ପଡ଼ି ରହିଥିଲେ । ଦିନେ ଅସମୟରେ ପାଖ ଗାଁରେ କିଛି କାମ ଥିବାରୁ ରୀମା ଓ ତାର ସ୍ୱାମୀ ବାପାଙ୍କ ଘରକୁ ଆସିଥିଲେ । ସେ ବାପାଙ୍କ ଏଭଳି ଅବସ୍ଥା ବିଷୟରେ ଅବଗତ ନ ଥିଲା । ତାଙ୍କୁ ଦେଖି ଆଖିରୁ ଲୁହ ଗଡିଗଲା ରୀମାର, ଏସବୁ ସହି ନ ପାରି ସ୍ୱାମୀର ମତ ନେଇ ସେ ତା ବାପାଙ୍କୁ ଘରକୁ ନେଇଗଲା । ସ୍ୱାମୀ ସ୍ତ୍ରୀ ବୁଢ଼ା ବାପାର ସେବା ଯତନ କରି ଭଲ ଭାବରେ ଦେଖାଶୁଣା କଲେ । ବୁଢ଼ା ମଧ୍ୟ ସେବା ଯତନ ପାଇଁ ସୁସ୍ଥ ହୋଇଗଲେ । ଖୁସିରେ ଜୀବନ ବଞ୍ଚିଲେ । ଉପରକୁ ଚାହିଁ ସ୍ୱର୍ଗରେ ଥିବା ରୀମାବୋଉଙ୍କୁ କହୁଥିଲେ ଦେଖିଲ ତ ପୁଅ- ଝିଅ ଭିତରେ ତୁମେ କେତେ ଫରକ କରୁଥିଲ, ଏବେ ସେ ଫରକ ତୁମେ ବେଶ୍ ଦେଖି ପାରୁଥିବ ରୀମାବୋଉ ।

+ବରଗଡ
୮୨୬୦୬୫୯୩୩୨

# ନାରୀ ଏବେ ଦେବୀ ନା ଦାନବୀ ?

## ଶ୍ୱେତା ରାଉତ୍

ନାରୀ ସଶକ୍ତିକରଣ ପାଇଁ ଆମେ ଅହନିଶ ଅଣ୍ଟା ଭିଡ଼ି ଆଗେଇବା ବେଳେ ଏ ବ୍ୟତିକ୍ରମ ସତରେ ବଡ ଦୁଃଖଦ ମନେ ହେଉଛି ।ଆଜିକାଲି ସାମାଜିକ ଗଣମାଧ୍ୟମରେ ସବୁବେଳେ ପୁରୁଷମାନେ ନିର୍ଯ୍ୟାତିତ ହେବା, ଧୋକା, ପ୍ରତାରଣା ଓ ହତ୍ୟାର ଶିକାର ହେବା ଘଟଣା ବହୁଳ ଭାବେ ପ୍ରଚାରିତ ହେବା ଦେଖିବାକୁ ମିଳୁଛି । ସବୁଠୁ ନିନ୍ଦନୀୟ କଥା ଅଧିକାଂଶ ହତ୍ୟା ସ୍ତ୍ରୀ ଦ୍ୱାରା ଘଟୁଛି ଯାହା ଅବିଶ୍ୱସନୀୟ ହେଲେ ବି ସତ । ବିନା ଦୋଷରେ ସାମାନ୍ୟ କଳି ଝଗଡ଼ାରେ ନାରୀଟିଏ ଆଇନ୍‌ର ସାହାଯ୍ୟ ନେଇ ପୁରୁଷକୁ ଆଜୀବନ ସଜା କରାଉଥିବା ବେଳେ, ପୁରୁଷର ହତ୍ୟା କରି ନାରୀ ଖୁବ୍ ସ୍ୱଚ୍ଛନ୍ଦରେ ବୁଲିପାରୁଛି । ମାନ୍ୟବର ସୁପ୍ରିମକୋର୍ଟ ପରକୀୟା ପ୍ରୀତି ଆଇନ୍ ସମ୍ମତ ଘୋଷଣା କରିବା ପରେ ସମଗ୍ର ଭାରତ ବର୍ଷରେ ଆମ ରାଜ୍ୟ ଓଡ଼ିଶାର ଅଧିକାଂଶ ନାରୀ ଏ ପଦକ୍ଷେପକୁ ଗର୍ବର ସହିତ ଆପଣେଇ ନିଜ ନିଜ ସୁନା ସଂସାରକୁ ଚୁନା କରିବାରେ ଲାଗିପଡିଛନ୍ତି । ବିବାହ ଭଳି ଏକ ସ୍ୱର୍ଗୀୟ ବନ୍ଧନ, ସ୍ୱାମୀର ଆତ୍ମୀୟତା, ପିଲାମାନଙ୍କ ମମତା, ସଂସାରର ମୋହ ସବୁକୁ ତୁଚ୍ଛ ମନେକରି ନିଜ କାମନାର ଭୋକ ପାଇଁ ଅନ୍ୟ ପୁରୁଷର ଛଦ୍ମ ପ୍ରେମରେ ପାଗଳୀ ହୋଇ ଚାଲିଯାଉଛନ୍ତି । ପରିବାରରେ ଯଦି କେହି ବାଧକ ସାଜେ ଅଥବା ପିଲା କିମ୍ବା ନିରୀହ ସ୍ୱାମୀର ହତ୍ୟା କରି ନିଜ ବାଟରୁ ହଟେଇ ଦେଉଛନ୍ତି । ଭ୍ରମ ସେମାନଙ୍କୁ ପ୍ରେମ ପରି ଦିଶୁଛି ।

ଗୃହସ୍ଥଠୁ ବଡ ଧର୍ମ ନାହିଁ, ସଂସାରଠୁ ବଡ ସେବା ନାହିଁ, ପିଲାଠୁ ବଡ ଆନନ୍ଦ ନାହିଁ, ସ୍ୱାମୀଠୁ ବଡ ଦେବତା ନାହିଁ । କ୍ଷଣିକ ଉତ୍ତେଜନା, ସାମୟିକ ଦୈହିକ ସୁଖର ପ୍ରଲୋଭନରେ ଏତେ ଅମୂଲ୍ୟ ସମ୍ପଦକୁ ପାଦରେ ଦଳିଦେଇ କଣ ମିଳୁଛି ! କେବଳ ଲୋକଲଜ୍ଜ୍ୟା ।

ବିଶେଷକରି ପରିପକ୍ୱ ମହିଳା ଅର୍ଥାତ୍ ୩୦-୫୦ ବର୍ଷର ମହିଳାମାନେ ଯେଉଁ ବୟସରେ ସଂସାର ମୋହରେ ବାନ୍ଧି ହୋଇ ସ୍ୱର୍ଗୀୟ ଆନନ୍ଦ ଲଭିବା କଥା, ସେତେବେଳେ ହିଁ ସେମାନଙ୍କ ମସ୍ତିଷ୍କରେ ହୀନ ବୁଦ୍ଧି, କାମନା ଲାଳସାର ବୃଦ୍ଧି ଘଟୁଛି । କେତେବେଳେ ପିଲାକୁ ମାରି ଦେଉଛନ୍ତି ତ କେତେବେଳେ ସ୍ୱାମୀକୁ । ନିଜ ସ୍ୱାମୀ ଆଉ ଭଲ ଲାଗୁନାହିଁ ।ଏଭଳି ବିଚାର ଆସିବା ପୂର୍ବରୁ, ସଂସାର ଉଜଡ଼ିବା ଆଗରୁ ଭଲ ହୁଅନ୍ତା ଏଭଳି ନାରୀମାନେ ଆତ୍ମହତ୍ୟା କରିଦିଅନ୍ତେ ।ଅନ୍ତତଃ ସେମାନଙ୍କ ପିଲାମାନଙ୍କୁ ଲଜ୍ଜାରେ ମୁଣ୍ଡ ନୁଆଇଁ ଦୁର୍ଦ୍ଦିନ ଦେଖିବାକୁ ପଡ଼ନ୍ତାନି । ନାରୀକୁ ସଶକ୍ତ କରିବା ପାଇଁ ହଜାର ଯୋଜନା ହେଉନା କାହିଁକି ଯଦି ନାରୀ ଭିତରେ ସଂସ୍କାର ନଥାଏ,ସେ ନାରୀ ପୃଥିବୀ ପାଇଁ ବୋଝ ହୋଇଥାଏ । ଯିଏ ସୃଷ୍ଟି କରେ ସେ ଯଦି ହତ୍ୟା ରଚେ, ତେବେ ସେ ଦେବୀ ନୁହେଁ ଦାନବୀ ।ଏଭଳି ଗୋଟେ ଗୋଟେ ଦାନବୀ ଗଢିବାରେ ପ୍ରମୁଖ ଭୂମିକା ରହୁଛି ସେମାନଙ୍କ ମାଆମାନଙ୍କର ।

ଯେତେବେଳେ ମା ନିଜେ ଯୌଥ ପରିବାରରେ ରହିବା ପସନ୍ଦ କରୁନି, ଶାଶୁ ଶ୍ୱଶୁର, ପରିବାରକୁ ବୋଝ ମନେ କରୁଛି, କାମକୁ ବୋଝ ମନେ କରୁଛି, ନିଜ ଭିତରେ ସଂସ୍କାର ରଖୁନାହିଁ, ତେବେ ସେ ମାଆର ପିଲାଟି(ଝିଅ)କଣ ଶିଖିବ ? ବଡ ବଡ ମୋବାଇଲ ଧରେଇ, ଛୋଟ ଛୋଟ ଡ୍ରେସ୍ ପିନ୍ଧେଇ ମାଆ ଯେତେବେଳେ ଝିଅକୁ ମର୍ଡନ (ଆଧୁନିକା) କରାଉଛି, ସକାଳ ସନ୍ଧ୍ୟାରେ ପ୍ରାର୍ଥନା ଛାଡ଼ି ସ୍କୁଟି ଧରି ବାହାରକୁ ବୁଲିବାକୁ ଛାଡୁଛି, ଯେତେ ରାତିରେ ଆସିଲେ କି ମଦ ପିଇଲେ ଚିନ୍ତା ନାହିଁ ଆମେ ଝିଅକୁ ଗେହ୍ଲା କରିଛୁ, ସତେ ଯେମିତି ୧୦୦୦ବର୍ଷ ପୂର୍ବରୁ ଝିଅମାନେ ଗେହ୍ଲା ହେଉନଥିଲେ ! ଏଭଳି ମାଆକୁ ଆଉ କଣ କୁହାଯିବ । ଯୌଥ ପରିବାରରେ ଝିଅର ଅବ୍ୟବହାର ଦେଖି ଯଦି କେହି ପଦେ କୁହେ, କି ଆକଟ କରେ ପ୍ରଥମେ ମାଆ ତରଫରୁ ଯୁଦ୍ଧ ଆରମ୍ଭ ହୋଇଯାଏ । 'ମୋ ଝିଅ ବୁଲିବ, ଆଉ କାହାକୁ କାହିଁକି ଈର୍ଷା ହେଉଛି' ? ତେଣୁ ଅନ୍ୟମାନେ ବି ଚୁପ୍ । ମାଆର ସହଯୋଗ ପାଇଲେ ଝିଅ ଆହୁରି ଉଚ୍ଛୃଙ୍ଖଳିତ ହୁଏ, ଜୀବନକୁ କେବଳ ସଉକ୍ ଭାବେ, ସମ୍ପର୍କର ଅର୍ଥ ବୁଝି ପାରେନାହିଁ, ସମ୍ପର୍କକୁ ସଜାଡ଼ିବା ଶିଖି ପାରେନାହିଁ । ତେଣୁ ଯେତେବେଳେ ବିବାହ କରି ଅନ୍ୟତ୍ର ଯାଏ, ତାର ବ୍ୟବହାର ପୂର୍ବ ପରି ଉଚ୍ଛୃଙ୍ଖଳିତ ରହିଥାଏ, କାହା ଅଧୀନରେ ରହିବା ପସନ୍ଦ କରେନି, ସ୍ୱାମୀ ସହ ସମ୍ପର୍କକୁ ସାମାନ୍ୟ ମନେ କରି ବିବାହକୁ ବିବାଦରେ ପରିଣତ କରିଦିଏ ।

ମୁଁ କହୁନି ସବୁ ନାରୀ ଖରାପ । ସେଇ ନାରୀମାନଙ୍କ କଳା କର୍ତ୍ତୃତ୍ୱ ଦେଖି ଜଣେ ନାରୀ ହିସାବରେ ଲଜ୍ଜାବୋଧ ହେଉଛି । ଯେଉଁମାନେ ନିଜ କାମନାର ଭୋକ ମେଣ୍ଟେଇବାକୁ ନିଜ ହାତରେ ନିଜ ସଂସାରକୁ ଜାଳି ଦେଉଛନ୍ତି । ନିଜ ମମତାକୁ (ପିଲାକୁ), ମଥାର ସିନ୍ଦୂର, ଅର୍ଦ୍ଧାଙ୍ଗ ଈଶ୍ୱର ସ୍ୱାମୀର ହତ୍ୟା କରି ପିଶାଚିନୀ ପାଲଟି ଯାଉଛନ୍ତି । କେଡେ ନିନ୍ଦନୀୟ ସତରେ !! ସିନ୍ଦୂର ପୋଛିଦେଲେ ଆଉ ଥରେ ପିନ୍ଧି ପାରିବ, କିନ୍ତୁ ଯେଉଁ ମାଆ କୋଳରୁ ଏତେ ବଡ ପୁଅକୁ ଛଡ଼ାଇ ନେଉଛନ୍ତି, ତା କୋଳ ଉଜାଡି ଦେଉଛନ୍ତି, ସେ ମାଆକୁ ଆଉ କଣ ତା ପୁଅ ମିଳିବ ? ସରକାର ଚେଇଁ ଶୋଇଲେ ହେବନାହିଁ । ଏଭଳି ନାରୀମାନେ ସମାଜ ପାଇଁ, ସଂସାର ପାଇଁ, ପୃଥିବୀ ପାଇଁ ବୋଝ । ଏମାନଙ୍କୁ ଉଚିତ୍ ଦଣ୍ଡ ମିଳିବା ନିହାତି ଆବଶ୍ୟକ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ସମ୍ପର୍କର ଗୁଞ୍ଜ



# ଜିଓ ପକ୍ଷରୁ ବଲାଙ୍ଗୀର ଓ ନାଲ୍‌କୋରେ ଟ୍ରୁ-୫ଜିର ଶୁଭାରମ୍ଭ, ସାରା ଓଡ଼ିଶାର ୧୨ଟି ସହରରେ ପହଂଚିଲା ଟ୍ରୁ-୫ଜି

ଭୁବନେଶ୍ୱର, ୧/୦୨ (ନି.ପ୍ର): ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ବଲାଙ୍ଗୀର ସହର ଓ ଅନୁଗୁଳ ଜିଲ୍ଲାର ନାଲ୍‌କୋ ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଆଜି ଘୋଷଣା କରାଯାଇଛି । ଏହା ସହିତ ଓଡ଼ିଶାର ୧୨ଟି ସହରରେ ଜିଓ ଗ୍ରାହକମାନେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି । ପୂର୍ବରୁ ଜିଓ ଟ୍ରୁ-୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଓ ସମ୍ବଲପୁର ଭଳି ୧୦ଟି ସହରରେ ଶୁଭାରମ୍ଭ ହୋଇଥିଲା । ଜାତୀୟ ସ୍ତରରେ ୩୪ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆଜି ରିଲାଏନ୍ସ ଜିଓ ପକ୍ଷରୁ ଘୋଷଣା କରାଯାଇଛି ଯାହା ଫଳରେ ଜିଓ ଗ୍ରାହକମାନେ ୨୨୫ଟି ସହରରେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି ।

ଏହି ସବୁ ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ଜିଓ ପକ୍ଷରୁ ୫ଜି ସେବାର ଶୁଭରମ୍ଭ କରାଯାଇଛି । ଆଜିଠାରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତର ଅସୀମିତ ଡାଟା ଅନୁଭୂତି ହାସଲ କରିବା ଲାଗି ଏହି ସହରଗୁଡ଼ିକରେ ଜିଓ ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫରରେ ଆମନ୍ତ୍ରଣ କରାଯିବ ।

ଏହି ଅବସରରେ ଜିଓର ପ୍ରବକ୍ତା କହିଛନ୍ତି ଯେ, "ଅତିରିକ୍ତ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ । ଦେଶର ମୋଟ ୨୨୫ଟି ସହରରେ ଏବେ ଏହି ସେବା ପହଂଚିପାରିଛି । ବିଟା ପରୀକ୍ଷଣର ଶୁଭାରମ୍ଭ ପରେ ୧୨୦ ଦିନରୁ କମ୍ ସମୟ ଭିତରେ ଜିଓ ଏହି ମାଇଲଖୁଂଟ ହାସଲ କରିଛି ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ବୈପ୍ଳବିକ ଜିଓ ଟ୍ରୁ-୫ଜି ସେବା ସହ ସାରା ଦେଶକୁ ଯୋଡ଼ିବା ପଥରେ ଏହା ଅଗ୍ରସର ରହିଛି । ବିଶ୍ୱରେ ପ୍ରଥମ ଥର ପାଇଁ କୌଣସି ଅଂଚଳରେ ଏତେ ବ୍ୟାପକ ଭାବେ ଏକ ୫ଜି ନେଟ୍‌ୱର୍କର ଶୁଭାରମ୍ଭ କରାଯାଇଛି ଏବଂ ୨୦୨୩ ଭାରତ ପାଇଁ ଏକ ମାଇଲଖୁଂଟ ବର୍ଷ ସାବ୍ୟସ୍ତ ହେବାକୁ ଯାଉଛି ଯେତେବେଳେ ଜିଓର ଉତ୍କୃଷ୍ଟ ନେଟ୍‌ୱର୍କ ଭିତ୍ତିଭୂମି ଜରିଆରେ ସମଗ୍ର ଦେଶ ବୈପ୍ଳବିକ ଟ୍ରୁ-୫ଜି ପ୍ରଯୁକ୍ତିର ଲାଭ ହାସଲ କରିବ । ଆମ ଦେଶକୁ ଡିଜିଟାଇଜ୍ କରିବା ଲାଗି ଆମ ଉଦ୍ୟମରେ ଆମକୁ ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ନିକଟରେ ଆମେ କୃତଜ୍ଞ ।'

# ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ପ୍ରୟାସ

ଭୁବନେଶ୍ୱର, ୧/୦୨ (ନି.ପ୍ର): ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସରକାରୀ ସ୍ତରରେ ଯାରି ପ୍ରୟାସକୁ ଆହୁରି ବ୍ୟାପକ କରାଯିବ । ଦୈନିକ ଆର୍ଥିକ ଏବଂ ମହିଳା ଓ ଶିଶୁମାନଙ୍କ ଉପରେ ଯୌନଜନିତ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥି ନିମନ୍ତେ ଏକ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ତୃଣମୂଳ ସ୍ତରରେ ସାଇବର ଅପରାଧ ବିରୋଧି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ଉକ୍ତ ଅଭିଯାନରେ ସବୁ ବର୍ଗକୁ ସାମିଲ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ୩୪ଟି ସଚେତନତା ରଥ ରାଜ୍ୟର ପ୍ରତ୍ୟେକ ଥାନାକୁ ଗସ୍ତ କରି ଭିଡ଼ିଓ ଅଡ଼ିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ । ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର କାନ୍ଥରେ ପେଂଟିଂ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଏପରିକି ବିଦ୍ୟାଳୟ ସ୍ତରରେ ଅଭିଭାବକ-ଶିକ୍ଷକ ମାନଙ୍କ ବୈଠକରେ ସାଇବର କ୍ରାଇମ ପ୍ରତି ସଚେତନ ରହିବାକୁ ମଧ୍ୟ ଆଲୋଚନା ହେବ । ଅର୍ଥ ନେଣଦେଣ ପୂର୍ବରୁ ସତ୍ୟତା ଯାଂଚ କରିବା, ଅଜଣା ବ୍ୟକ୍ତିଙ୍କ ସହ ଅନାବଶ୍ୟକ ବନ୍ଧୁତା ରକ୍ଷା ନକରିବା, ଅଜଣା ଏସ୍.ଏମ୍.ଏସ୍, ଲିଙ୍କ କିମ୍ବା ସନ୍ଦେହାତ୍ମକ ଆପ୍ ଡାଉନଲୋଡ ନକରିବା ଉପରେ ମୁଖ୍ୟତଃ ସଚେତନ ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ମଧ୍ୟ ଅଭିଯାନ ଯାରି ରହିବ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ୍ୟ ନିୟମିତ ଭାବେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ବାର୍ତ୍ତା ପ୍ରଦାନ କରାଯିବ । ଏଥି ନିମନ୍ତେ ବିଭିନ୍ନ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ କରାଯିବ । ଏପରିକି "ସଚେତନ ରହିବା ଏବଂ ସୁରକ୍ଷିତ ରହିବା-ସାଇବର ଅପରାଧ ମୁକ୍ତ ଓଡ଼ିଶା" ଉପରେ ରୋଡ ରନ, ସାଇକ୍ଲୋଥନ, ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତି ଯୋଗିତା ମଧ୍ୟ କରାଯିବ । ଏଭଳି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ ।

ସୂଚନାଯୋଗ୍ୟ ଦେଶରେ ୨୦୨୧ ମସିହାରେ ୫୨ ହଜାର ୯୭୫ ମାମଲା ପଞ୍ଜିକୃତ ହୋଇଥିଲା ଯାହା ଏହାର ପୂର୍ବ ବର୍ଷ ଅପେକ୍ଷା ସାଇବର ଅପରାଧଜନିତ ମାମଲାରେ ୫.୯ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିଭଳି ଓଡ଼ିଶାରେ ୨୦୧୯ ମସିହାରେ ୧୪୮୫ଟି, ୨୦୨୦ ରେ ୧୯୩୧ ଏବଂ ୨୦୨୧ ରେ ୨୦୩୭ଟି ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ରାଜ୍ୟରେ ୨୦୨୧ ମସିହାରେ ୩୪୦୨ଟି ପିଟିସନ ଗ୍ରହଣ କରାଯାଇଥିବା ବେଳେ ୨୦୨୨ ମସିହାରେ ୭୭୦୦ଟି ପିଟିସନ ଗ୍ରହଣ କରାଯାଇଛି । କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସଂପର୍କରେ ଅଭିଯୋଗ କରିବାକୁ ହେଲେ ୧୯୩୦ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ ।

ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଇଲୋକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ଼ଃ ସନ୍ତୋଷ ବାଲା, ଡିଜିପି ଶ୍ରୀ ସୁନିଲ ବଂଶଲ, ମିଶନ ଶକ୍ତି ବିଭାଗ ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଆଇଜି ଅଫ ପୋଲିସ ସି.ଆଇ.ଡି. ସି.ବି ସିଫିନ୍ ଅହମ୍ମଦ କେ. ପ୍ରମୁଖ ଉପସ୍ଥିତ ଥିଲେ ।

# ୧୭ତମ ତୋଷାଳି ମେଳାରେ ସମ୍ବର୍ଦ୍ଧିତ ହେବେ ଓଡ଼ିଶାର କୃତୀ ହସ୍ତଶିଳ୍ପୀବୃନ୍ଦ

ଭୁବନେଶ୍ୱର, ୧/୦୨ (ନି.ପ୍ର): ରାଜ୍ୟ ସରକାର ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ପୁରସ୍କାରର ଘୋଷଣା କରିଛନ୍ତି । ପଦ୍ମ ବିଭୂଷଣ ଡଃ ସୁଦର୍ଶନ ସାହୁ, ଶ୍ରୀ ବେଣୁଧର ମହାପାତ୍ର ଓ ଶ୍ରୀ ଦେବେନ୍ଦ୍ର ମିଶ୍ରଙ୍କୁ ଯଥାକ୍ରମେ ୨୦୧୯, ୨୦୨୦ ଓ ୨୦୨୧ ବର୍ଷ ନିମନ୍ତେ ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ । ସେହିପରି ଶ୍ରୀ ଉଦୟ ମହାନ୍ତି (ପଥର ଖୋଦେଇ), ଶ୍ରୀ ନିର୍ମଳ ଚନ୍ଦ୍ର ଦାସ (ତାଳପତ୍ର ଖୋଦେଇ), ଶ୍ରୀ ପୂର୍ଣଚନ୍ଦ୍ର ମହାପାତ୍ର (ପଟ୍ଟଚିତ୍ର) ଙ୍କୁ ୨୦୨୦ ବର୍ଷ ନିମନ୍ତେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ । ଅନୁରୂପ ଭାବରେ ଶ୍ରୀମତୀ ବବିତା ପ୍ରଧାନ (ପଟ୍ଟଚିତ୍ର), ଶ୍ରୀ ପ୍ରମୋଦ କୁମାର ମହାରଣା (ତାଳପତ୍ର ଖୋଦେଇ), ଶ୍ରୀ ପ୍ରମୋଦ କୁମାର ମହାରଣା (ପଥର ଖୋଦେଇ), କୁମାରୀ ପ୍ରଭାତୀ ପାତ୍ର (ଲାଖ କାମ), ଶ୍ରୀ ଅମିୟ ପୋଦାର (କତା ଶିଳ୍ପ ) ଓ ଶ୍ରୀମତୀ ଉର୍ବଶୀ ମହାରଣା (ମାଟି ମୂର୍ତ୍ତି କାମ) ଙ୍କୁ ୨୦୨୧ ବର୍ଷ ନିମନ୍ତେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ ।

ଶ୍ରୀ ପ୍ରଫୁଲ୍ଲ କୁମାର ମହାରଣା (କାଠ ଖୋଦେଇ), ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର (ଚାନ୍ଦୁଆ କାମ), ଶ୍ରୀ ନଳିନୀ କାନ୍ତ ଓଝା (କାଠ ଖୋଦେଇ), କୁମାରୀ କୁନି ପାତ୍ର (ନଡା ହସ୍ତଶିଳ୍ପ)ଙ୍କୁ ୨୦୨୦ ବର୍ଷ ନିମନ୍ତେ କଳାକୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ । ସେହିପରି କୁମାରୀ ରଶ୍ମିତା ସାହୁ (ପଟ୍ଟଚିତ୍ର), ଶ୍ରୀ ଅନନ୍ତ ମହାରଣା (ପଥର ଖୋଦେଇ), ଶ୍ରୀମତୀ କନକ ଲତା ଦାସ (ଲାଖ କାମ), କୁମାରୀ ସରୋଜିନୀ ଦାସ (ବେତ ଓ ବାଉଁଶ କାମ) ଙ୍କୁ ୨୦୨୧ ବର୍ଷ ନିମନ୍ତେ କଳାକୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ ।

ଚୟନ କରାଯାଇଥିବା ହସ୍ତଶିଳ୍ପୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ନିମନ୍ତେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ । ସେହିପରି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ପୁରସ୍କାର ରାଶି ରୂପରେ ୧ ଲକ୍ଷ ଟଙ୍କା, ପ୍ରମାଣପତ୍ର ଓ ଉପଢୌକନ ଏବଂ କଳାକୃତି ପୁରସ୍କାର ପାଇଁ ଚୟନ ହୋଇଥିବା ହସ୍ତଶିଳ୍ପ କାରିଗରମାନଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ଏହି କୃତୀ ହସ୍ତଶିଳ୍ପୀମାନଙ୍କୁ ଫେବୃଆରୀ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୧୭ ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଉଦଘାଟନୀ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବ ।

# ରାଷ୍ଟ୍ରୀୟ ଓବିସି କମିଶନଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କଲା ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା

## ଓବିସି ବର୍ଗଙ୍କ ସର୍ଭେ ଏବଂ ସଂରକ୍ଷଣକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ରାଜ୍ୟ ସରକାର: ସୁରଥ ବିଶ୍ୱାଳ

ଭୁବନେଶ୍ୱର, ୧/୦୨ (ନି.ପ୍ର): ଓଡ଼ିଶାରେ ଓବିସି ଓ ଏସିବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଉତ୍ଥାନ ଚାହୁଁ ନାହିଁ ବିଜେଡି ସରକାର । ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଯାହାକି ପାଖାପାଖି ୨.୫ କୋଟି ଓବିସି ଓ ଏସଇବିସି ବର୍ଗର ଲୋକଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ ରଖାଯାଉଛି । ପଂଚାୟତ ଓ ମ୍ୟୁନିସପାଲଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଏ ସଂପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି ସରକାର ଓବିସି ଜନଗଣନା କରି ତାଲିକା ପ୍ରସ୍ତୁତ କରିଥିବାବେଳେ 'ଆମ ପାଖରେ ଓବିସି ଓ ଏସଇବିସିଙ୍କର କୌଣସି ତଥ୍ୟ ନାହିଁ' ବୋଲି କହି ରାଜ୍ୟ ସରକାର ମାନ୍ୟବର ହାଇକୋର୍ଟଙ୍କୁ ସତ୍ୟପାଠ ଦାଖଲ କରି ବିନା ଓବିସି ସଂରକ୍ଷଣରେ ନିର୍ବାଚନ କରାଇଲେ । "ସର୍ଭେ ଦାୟୀତ୍ୱ ଆମର ନୁହେଁ, ଏହା କେନ୍ଦ୍ର ସରକାରଙ୍କ" ବୋଲି କହି ନିଜ କାନ୍ଧରୁ ଦାୟୀତ୍ୱକୁ ଖସାଇ ଚାଲିଛି ବିଜେଡି ସରକାର । ଭାରତୀୟ ଜନତା ପାର୍ଟି ତରଫରୁ ଓବିସି ଓ ଏସଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିର୍ଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି । ବିଜେପିର ବାରମ୍ବାର ଆନ୍ଦୋଳନ ପରେ ୩ ବର୍ଷ ପୂର୍ବରୁ ଗଠିତ ହୋଇଥିବା ରାଜ୍ୟ ଓବିସି କମିଶନ ବର୍ତ୍ତମାନ ମଧ୍ୟ ସ୍ଥାଣୁ ପାଲଟିଛନ୍ତି । ଏପରିକି ତାଙ୍କ ପାଖରେ କୌଣସି କ୍ଷମତା ନଥିବାର ସେ ନିଜେ ସ୍ୱୀକାର ମଧ୍ୟ କରିଛନ୍ତି । ଭାରତୀୟ ଜନତା ପାର୍ଟୀ ତରଫରୁ ଏ ସଂପର୍କରେ ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ବିଜେଡି ସରକାର ଦ୍ୱାରା ଅଗଣିତ ଓବିସି ବର୍ଗ ଭାଇ ଓ ଭଉଣୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ହସ୍ତକ୍ଷେପ କରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ତରଫରୁ ଆଜି ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ କମିଶନ ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

ସେହିପରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଓବିସି ବର୍ଗଙ୍କୁ ପ୍ରତାରଣା କରିଆସୁଛି ବିଜେଡି ସରକାର । ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ ସରକାର କ୍ରମାଗତ ଭାବେ ଅଣଦେଖା କରିଆସୁଥିବାରୁ ବହୁ ସଂଖ୍ୟାରେ ଆର୍ଥିକ ଅନଗ୍ରସର ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଆଜି ସମାଜର ବିକାଶ ସ୍ରୋତରେ ସାମିଲ ହେବାରୁ ବଂଚିତ ହେଉଛନ୍ତି । ପଛୁଆ ବର୍ଗର ଯୁବକ ଯୁବତୀମାନଙ୍କ ପାଇଁ ଥିବା 'ପଛୁଆ ବର୍ଗ ଫାଇନାନ୍ସ ଆଣ୍ଡ ଡେଭେଲପମେଂଟ କୋଅପରେଟିଭ କର୍ପୋରେସନ' ମଧ୍ୟ ଅଚଳ ହୋଇପଡିଥିବାରୁ ଆର୍ଥିକ ବିକାଶ ସମ୍ଭବ ହେଉନାହିଁ । ରାଜ୍ୟରେ ବାସ କରୁଥିବା ପଛୁଆ ବର୍ଗଙ୍କ ସ୍ୱାର୍ଥ ପାଇଁ ଜାତୀୟ ଓବିସି କମିଶନ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବୀ ଜଣାଇଛନ୍ତି ।

ଏହି ପ୍ରତିନିଧି ଦଳରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ପତାକା ଅବତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୧/୦୨ (ନି.ପ୍ର): ସାଧାରଣତନ୍ତ୍ର ଦିବସ ପରେ ପରେ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଓ.ଏସ୍.ଏ.ପି ସପ୍ତମ ବାଟାଲିୟନ୍ ପରିସରରେ ପତାକା ଅବତରଣ ଉତ୍ସବ ୨୦୨୩ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ପୁରାତନ ସମୟରେ ସୂର୍ଯ୍ୟାସ୍ତ ହେବା କ୍ଷଣି ସୈନ୍ୟମାନଙ୍କୁ ରଣକ୍ଷେତ୍ରରୁ ଯୁଦ୍ଧନିବୃତ କରିବା ନିମନ୍ତେ ଏକ ସାମରିକ ପରମ୍ପରା ଭାବେ ଯୁଦ୍ଧାବସାନ ବାଦ୍ୟ ପ୍ରସ୍ତୁତ କରାଯାଉଥିଲା । ଏହି ପ୍ରାଚୀନ ପ୍ରଥାର ସ୍ମୃତିଚାରଣପୂର୍ବକ ଯୁଦ୍ଧାବସାନ ବାଦ୍ୟ ବାଜିବା କ୍ଷଣି ସ୍ଥିର ଭାବେ ଦଣ୍ଡାୟମାନ ହେବାର ପ୍ରଥା ଆଜି ବି ପ୍ରଚଳିତ । ଏହି ସମୟରେ ଅସ୍ତ୍ରଶସ୍ତ୍ରାଦି କୋଷବଦ୍ଧ ହେବା ସହିତ ପତାକାକୁ ଅବତରଣ କରାଯାଇଥାଏ । ଏହି ପୁରାତନ ପ୍ରଥାକୁ ସମୟ କ୍ରମେ ନୂତନ ପରମ୍ପରାରେ ଅଖ୍ୟାୟିତ କରାଯାଇ ପତାକା ଅବତରଣ ନାମରେ ଅଭିହିତ କରାଯାଇଛି । ତେବେ ସପ୍ତମ ବାଟାଲିୟନ୍‌ଠାରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂଶଲ ଯୋଗଦେ ଇ ପତାକା ଅବତର ଣ କରିଥିଲେ । ଅନ୍ୟମାନ ଙ୍କ ମଧ୍ୟରେ ପୋଲ ସି କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ଏସିପି(ଆର୍ମଡ୍) ଶ୍ରୀ ଶ୍ରଦ୍ଧାକର ଧରୁଆ, ସପ୍ତମ ବାଟାଲିୟନ୍ କମାଣ୍ଡାଂଟ ଶ୍ରୀ କାହ୍ନୁ ହାଂସଦା, ପୋଲିସ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ, ୧/୦୨ (ନି.ପ୍ର): ପୁରୀ ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରାଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ବେହେରା ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଜଣେ ଦକ୍ଷ ଶିକ୍ଷୟିତ୍ରୀ ରୂପେ ପୁରୀ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଅନେକ କୁନି କଳିକାଙ୍କ ଭାଗ୍ୟ ନିର୍ମାତ୍ରୀ ରୂପେ ସମଗ୍ର ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପୁରୀ ଜିଲ୍ଲା ସ୍କୁଲ୍ ଠାରେ ଦୀର୍ଘ ୧୪ ବର୍ଷର ସେବାଦାନ ସମୟରେ ସେ ନିଜର ମିଷ୍ଟଭାଷୀତା, ସରଳତା, ସମୟାନୁବର୍ତ୍ତୀତା, ଓଜସ୍ୱୀ ବାକ୍ ପଟୁତା ଓ ସ୍ନେହ ସୌହାର୍ଦ୍ଦ୍ୟ ବଳରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନଙ୍କ ହୃଦୟ ଜିଣି ପାରିଛନ୍ତି । ବିଦ୍ୟାଳୟରୁ ସେ ମହାଶୟାଙ୍କ ବିଚ୍ଛେଦ ଆଜି ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା । ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଓ ଶିକ୍ଷକ ବିଦ୍ୟାଧର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉତରୀୟ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ତାଙ୍କର ଅବଶିଷ୍ଟ ଜୀବନ ନୀରୋଗ ଓ କୁସୁମିତ ହେବାପାଇଁ ପ୍ରତ୍ୟେକ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୃଢ଼ ଇଚ୍ଛା ବ୍ୟକ୍ତ କରିଥିଲେ । ଶେଷରେ ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦୨୩-୨୪ ଶିକ୍ଷାବର୍ଷରୁ ଏନ୍.ସି.ସିକୁ ସ୍ନାତକ ପାଠ୍ୟକ୍ରମରେ ସାମିଲ କରାଯିବ

ଭୁବନେଶ୍ୱର, ୧/୦୨ (ନି.ପ୍ର): ୟୁନିର୍ଭର୍ସିଟି ଗ୍ରାଂଟ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏବଂ ତା. ୨୧/୧୦/୨୦୨୨ରିଖରେ କୁଳପତିଙ୍କ ନିଷ୍ପତି କ୍ରମେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏନ୍‌ସିସିକୁ ସ୍ନାତକ (ୟୁଜି) ସ୍ତରରେ ପାଠ୍ୟକ୍ରମରେ ସାମିଲ କରାଯିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ୟୁଜିସିର ମଡେଲ ସିଲାବସ୍ ଆଧାରରେ ୟୁଜିସ୍ତରରେ ଏନ୍‌ସିସିକୁ ଜେନେରାଲ ଇଲେକଫିଭ୍ ବିଷୟବସ୍ତୁ ଭାବେ ପଢ଼ାଯିବ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ବର୍ତ୍ତମାନ ଏନ୍‌ସିସି ଏକ ପାଠ୍ୟକ୍ରମ ବାହାର କାର୍ଯ୍ୟକ୍ରମ ଭାବେ ରହିଥିବାରୁ ଛାତ୍ରଛାତ୍ରୀମାନେ ଏନେଇ ସେମାନଙ୍କର ପାଠ୍ୟକ୍ରମରେ କୌଣସି ଲାଭବାନ ପଏଂଟ ପାଇପାରୁ ନାହାନ୍ତି । ୨୦୨୦ ଜାତୀୟ ଶିକ୍ଷାନୀତି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ବିଷୟବସ୍ତୁ ଓ ବାହ୍ୟବିଷୟବସ୍ତୁ କାର୍ଯ୍ୟକଳାପ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି । ସେଥିପାଇଁ ୟୁନିର୍ଭର୍ସିଟି ଗ୍ରାଂଟ କମିଶନ (ୟୁଜିସି) ଏନ୍‌ସିସି ଡି.ଜି., ନୂଆଦିଲ୍ଲୀଙ୍କ ପ୍ରସ୍ତାବ କ୍ରମେ ଏନ୍‌ସିସିକୁ ଏକ ଇଲେକ୍‌ଟିଭ୍ ବିଷୟବସ୍ତୁ ଭାବରେ ଗ୍ରହଣ କରିବା ସହିତ ଏ ନେଇ ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କୁ ଚଏସ୍-ବେସଡ୍ କ୍ରେଡିଟ୍ ସିଷ୍ଟମ୍ (ସିବିସିଏସ୍) ଅଧୀନରେ ଏନ୍‌ସିସିକୁ ଏକ ଜେନେରିକ୍ ଇଲେକଫିଭ୍ କ୍ରେଡିଟ୍ କୋର୍ସ ଭାବରେ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ।

ଆସନ୍ତା ଶିକ୍ଷାବର୍ଷଠାରୁ ଏହା ଲାଗୁ ହେବ । ଯୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ଏବଂ ଏନ୍‌ସିସି ୟୁନିଟ୍ ଥିବା ୧୮୩ଟି ମହାବିଦ୍ୟାଳୟରେ ଉପଲବ୍ଧ ହେବ । ଏଥିରେ ସିଲାବସ୍ କ'ଣ ରହିବ ଏବଂ ପରୀକ୍ଷା କିପରି ହେବ, ସେ ନେଇ ମଧ୍ୟ ଚିଠିରେ ସମସ୍ତ ସୂଚନା ପ୍ରଦାନ କରାଯାଇଛି । ଏହି ବିଷୟ ପାଇଁ ୪ଟି ସେମିଷ୍ଟରର ୪୦୦ ମାର୍ଗର ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତି ସେମିଷ୍ଟାରରେ ୪ଟି ୟୁନିଟ୍, ୬ଟି କ୍ରେଡିଟ୍, ୧୦୦ ମାର୍ଗ ଥାଇ ଗୋଟିଏ ପେପର ପରୀକ୍ଷା କରାଯିବ । ପ୍ରଶିକ୍ଷଣପ୍ରାପ୍ତ ଏନ୍‌ସିସି ଅଫିସରମାନେ ଫାକଲ୍‌ଟି ଭାବେ କାର୍ଯ୍ୟକରିବେ । ସେମାନଙ୍କୁ ଉଭୟ ପ୍ରାକଫିକାଲ ଓ ଲିଖିତ ପରୀକ୍ଷା ପାଇଁ ଡି.ଜି. ଏନ୍‌ସିସିଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଭଳି ପାଠ୍ୟକ୍ରମ ନିର୍ଶ୍ଚିତ ଭାବେ ଯୁବକଯୁବତୀମାନଙ୍କୁ ଭବିଷ୍ୟତରେ ଦେଶର ସେବା ଓ ଦେଶଗଠନରେ ସହାୟକ କରାଇପାରିବ । ଏହି ପାଠ୍ୟକ୍ରମ ସଂପୂର୍ଣ୍ଣ କରିବା ପରେ ଛାତ୍ରଛାତ୍ରୀମାନଙ୍କୁ କ୍ରେଡିଟ୍ ପଏଂଟ ପ୍ରଦାନ କରାଯିବ, ଯାହା ତାଙ୍କର ନିର୍ଦ୍ଧାରିତ ଡିଗ୍ରୀରେ ଉତୀର୍ଣ୍ଣ ହେବାରେ ସହାୟକ ହେବ ।

# ଅବକାରୀ ଅଧିକାରୀଙ୍କ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା

ଭୁବନେଶ୍ୱର, ୧/୦୨ (ନି.ପ୍ର): ଅବକାରୀ ଆଇନ୍‌ର ବିଭିନ୍ନ ଦିଗ ଉପରେ ତଥା ମାନ୍ୟବର ଅଦାଲତଙ୍କ ନିକଟରେ ସାକ୍ଷ୍ୟ ପ୍ରଦାନ ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳାକୁ ଆଜି ଅବକାରୀ କମିଶନର ଶ୍ରୀ ଆଶିଷ କୁମାର ସିଂହ ଉଦାଘଟନ କରିଛନ୍ତି । ଏହି କର୍ମଶାଳାରେ ସମଗ୍ର ଓଡିଶାରୁ ଅବକାରୀ କର୍ମଚାରୀମାନେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ । କର୍ମଶାଳାରେ ଶ୍ରୀ ରାକେଶ କୁମାର ପୋଥାଲ ଓ ଶ୍ରୀ ବିଶ୍ୱ ରଞ୍ଜନ ରାଉତ, ସହକାରୀ ଅଭିଯୋଜକ, ଭୁବନେଶ୍ୱର, ଯୋଗଦେଇ ଅନଲାଇନ୍ ମାଧ୍ୟମରେ ଅବକାରୀ ଆଇନ୍‌ର ବିଭିନ୍ନ ଦିଗ ଉପରେ ତଥା ମାନ୍ୟବର ଅଦାଲତରେ ସାକ୍ଷ୍ୟ ପ୍ରଦାନ ଉପରେ ଆଲୋଚନା କରିଥିଲେ । ଏଥିସହିତ ଆଇନ୍ ଅନୁଯାୟୀ ଚଢାଉ, ଗିରଫଦାରୀ, ତଦନ୍ତ ଓ ସାକ୍ଷ୍ୟ ପ୍ରଦାନ ଉପରେ ତର୍ଜମା କରିଥିଲେ ଓ ଅବକାରୀ କର୍ମଚାରୀମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଏହି କର୍ମଶାଳାକୁ ଅବକାରୀ କମିଶନର ଶ୍ରୀ ରାମଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ । ଉପ କମିଶନର ଶ୍ରୀ ରଜତ କୁମାର ପ୍ରହରାଜ ଓ ଶ୍ରୀ ଡମ୍ବରୁଧର ଖଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ । ଅବକାରୀ ମାମଲାରେ ଅଧିକରୁ ଅଧିକ ଭାବେ ଦୋଷୀଙ୍କୁ କିଭଳି ଦଣ୍ଡ ଦିଆଯାଇ ପାରିବ ସେଥିପାଇଁ ନିୟମିତ ଭାବେ ଏଭଳି ତାଲିମ ଶିବିରର ଆୟୋଜନ ହେଉଥିବାବେଳେ ଆଗାମୀ ଦିନରେ ଏହା ଜାରି ରହିବ ବୋଲି ଜଣାଯାଇଛି ।

# ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ଶାରୀରିକ ପ୍ରଧାନ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୧/୦୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ଶାରୀରିକ ପ୍ରଧାନ କାର୍ଯ୍ୟକ୍ରମ ସୋନପୁର ନଗର ଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସଂଘର ସ୍ୱୟଂସେବକଙ୍କ ଦ୍ୱାରା ନଗର ପଥ ସଂଚାଳନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ଆରମ୍ଭ ହେଇ ଶାନ୍ତି ନଗର ପଡା, ଆମ୍ବେଦକର ଛକ, ତହସିଲ ଛକ, ଘୋଡାଘାଟ ପଡା, ଦଧିବାମନ ଛକ, କଲେଜ ଛକ ଦେଇ ରୟାଲଫିଲ୍ଡ ଠାରେ ସମାପନ ହେବାପରେ ଶାରୀରିକ ପ୍ରଧାନ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ଏଥିରେ ବିଭିନ୍ନ ପ୍ରକାର ଶାରୀରିକ କାର୍ଯ୍ୟକ୍ରମ ଯଥା ଦଣ୍ଡ, ବ୍ୟାମ ଯୋଗ, ନିୟୁଦ୍ଧ, ଯୋଗାସନ, ଗଣ ସମତା, ସାମୂହିକ ସମତା ପ୍ରଦର୍ଶନ ହେଇଅଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ତରଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୋନପୁର ନିବାସୀ ଶମ୍ଭୁ ଭୂଷଣ ପଣ୍ଡା, ମୁଖ୍ୟ ବକ୍ତା ରାଉରକେଲା ନିବାସୀ ସଂଘର ପ୍ରାନ୍ତ ଶାରୀରିକ ପ୍ରମୁଖ ହରେକୃଷ୍ଣ ମାଝୀ ଓ ମାନନୀୟ ଜିଲ୍ଲା ସଂଘ ଚାଳକ ବିପିନ ବିହାରୀ ବାଗ ମଂଚାସିନ ହୋଇଥିଲେ ସଂଘର ଗୌରବ ମୟ କାର୍ଯ୍ୟ, ସମାଜର ସୁପରିବର୍ତ୍ତନରେ ସଂଘର ଭୂମିକା, ସଂଘ ର ଲକ୍ଷ ପୂର୍ତ୍ତିରେ ସ୍ୱୟଂସେବକର ଭୂମିକା ବିଷୟରେ ବକ୍ତବ୍ୟ ଦେଇଥିଲେ । ଶେଷରେ ପ୍ରାର୍ଥନା ସହ କାର୍ଯ୍ୟକ୍ରମର ସମାପନ ହେଇଥିଲା । ଏହି କାର୍ଯ୍ୟକ୍ରମରେ କୃପାସିନ୍ଧୁ ମହକୁର, କବି ମହାକୁର, ପ୍ରୀତିଶ କର୍ଣ୍ଣ, ଲୋକେଶ ମହଲା ଶାରୀରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜୟଦ୍ରଥ ଜଗଦଲ୍ଲା ସାମୁହିକ ଗୀତ, ରାଜେଶ ସିଂ ବ୍ୟକ୍ତିଗତ ଗୀତ, ହୃଷୀକେଶ ଭୋଇ ପରିଚୟ ପ୍ରଦାନ, ବିଭାଗ ପ୍ରଚାରକ ପ୍ରଣବ ନାୟକ, ସହ ବିଭାଗ ପ୍ରଚାରକ ସନ୍ତୋଷ ବେହେରା, ଅଶୋକ ମିଶ୍ର, ରଶ୍ମିରଞ୍ଜନ ଦାସ, ଗୁପ୍ତେଶ୍ୱର ଥନାପତି, ଧର୍ମେନ୍ଦ୍ର ବଡମାଳି, ସୁରେଶ ମିଶ୍ର, ଆନନ୍ଦ ବାରିକ, ଶିବପ୍ରସାଦ ପାତ୍ର, ପଙ୍କଜ ଖମାରୀ, କାହ୍ନୁ ସହୁ, ଅଶୋକ ମିଶ୍ର, ଜନାର୍ଦ୍ଦନ ନାୟକ, ଦିଲ୍ଲୀପ ମେହେର, ବିଭୂତି କୁଦେଇ, ରାଜେନ୍ଦ୍ର ନାୟକ, ରାଜେନ୍ଦ୍ର କ ଶର୍ମା, ପ୍ରଦୀପ ଆଡଜୁଏଡ, ଚନ୍ଦନ ପ୍ରହରାଜ, ଜୟଦ୍ରଥ ଜଗଦଲା, ଶ୍ରୀବତ୍ସ ମିଶ୍ର ସମେତ ଅନେକ ସ୍ୱୟଂସେବକ ଓ ଦର୍ଶକ ଉପସ୍ଥିତ ଥିଲେ ।

# ଫେବୃଆରୀ ୧୧ରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର, ୧/୦୨ (ନି.ପ୍ର): ଫେବୃଆରୀ ୧୧ ତାରିଖ ଶନିବାର ଦିନ ବଲାଙ୍ଗିର, ପାଟଣାଗଡ, ଟିଟିଲାଗଡ, କଂଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରୀ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହା ସହ ପ୍ରାକ ମୋକଦ୍ଦମା ସ୍ତରୀୟ ମାମଲା ଯଥା ଚେକ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ) ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଅଟେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାସୁଦେବପୁର,୦୧/୦୨: ବାସୁଦେବପୁର ଥାନା ଅଧିନସ୍ଥ ଅରଣ୍ଡୁଆ ପଞ୍ଚାୟତର କାନ୍ଥିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ପ୍ରଧାନଶିକ୍ଷକ ପିତାମ୍ବର ମହାନ୍ତିଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଯୁବନେତା ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବରେ ଗୋଷ୍ଠୀଶିକ୍ଷାଧିକାରୀ ଜଗବନ୍ଧୁ ସାହୁ , ମୁଖ୍ୟବକ୍ତା ଭାବରେ ସହଶିକ୍ଷାଧିକାରୀ ମିନାରାଣୀ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ବିନାୟକପୁରର ସଂଯୋଜକ କାହ୍ନୁଚରଣ ରଣା, ବାସୁଦେବପୁରନିମ୍ନ ମାଧମିକ ଶିକ୍ଷକ ସଂଘର ସଭାନେତ୍ରୀ ଶାନ୍ତିଲତା ପଣ୍ଡା, ପୂର୍ବତନ ସରପଞ୍ଚ ହରିହର ଶିଅଳ, ଉପସ୍ଥିତ ରହି ନିଜ ନିଜର ମତପୋଷଣ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷକ ଶଶିକାନ୍ତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବରିଷ୍ଠ ଶିକ୍ଷକ ଉମେଶଚନ୍ଦ୍ର କାଠ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସଞ୍ଜୟ ପଣ୍ଡା, ସନ୍ତୋଷ ଦାଶ, ରଞ୍ଜନ ମହାପାତ୍ର, ପୁଷ୍ପାଞ୍ଜଳୀ ମହାପାତ୍ର, ଜୟମାଳା ନାୟକପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ ।

## କ୍ରୀଡାବିତ୍ କିଶାରାମ ପାତ୍ରଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା

ଜଳେଶ୍ୱର, ୦୧/୦୨(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ପଂଚାୟତର ଇକିଡା ଗାଁର ସ୍ୱର୍ଗତ କିଶାରାମ ପାତ୍ରଙ୍କ ଏକ ସ୍ମୃତି ସଭା ନିଜ ବାସଭାବନରେ ଅନୁଷ୍ଠିତ ହୋଇ ଯାଇଛି । ଅବସରପ୍ରାପ୍ତ ଶିକ୍ଷକ ରାମହରି ଦତ୍ତ ସଭାପତିତ୍ୱ କରିଥିଲେ । କିଶାରାମ ପାତ୍ର ଜଣେ ସରଳ, ନିଷ୍କପଟ, କଳାକାର, କିଡାବିତ୍, ଅବସରପ୍ରାପ୍ତ ଶିକ୍ଷକ, ଗ୍ରାମ୍ୟ ମୁଖ୍ୟ, ଛାତ୍ର ବତ୍ସଳ ଓ ବଂଧୁ ବତ୍ସଳଭାବେ ପରିଚିତ ଥିଲେ । ସରପଂଚ ବିନତୀ ପାତ୍ର, ନୟନ ପାଠୀ, କବି ଚନ୍ଦ୍ର ସେଖର , ଆଦିକାନ୍ତ ପ୍ରଧାନ, ଘନଶ୍ୟାମ ଦେ, ଭଜହରି ପାତ୍ର, ଦେବେନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଛିଅ କବିତା, ସସ୍ମିତା, ମମତା, ଜ୍ୱାଇଁ ସୁଦାମ ପାତ୍ର, ଜିତାଂଶୁ ପ୍ରମାଣିକ, ଉତ୍ତମ ଓ ନାତୁଣୀ ମାନେ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

## ଧାନବାଦ ଦୁର୍ଘଟଣା ମାମଲାରେ ଦୁଃଖ ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧/୦୨ (ନି.ପ୍ର): ଝାଡଖଣ୍ଡର ଧାନବାଦ ଠାରେ ଅଗ୍ନିକାଣ୍ଡରେ ଅନେକ ଲୋକଙ୍କ ପ୍ରାଣହାନୀ ହେବା ସମ୍ପର୍କିତ ଖବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ଧାନବାଦରେ ହୋଇଥିବା ଅଗ୍ନିକାଣ୍ଡରେ ଅନେକ ଲୋକଙ୍କ ଜୀବନ ଚାଲିଯିବା ଘଟଣା ସମ୍ପର୍କରେ ଜାଣି ସେ ଦୁଃଖିତ । ସେ ମୃତକ ମାନଙ୍କର ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ସ୍କୁଲର ବାର୍ଷିକ ଉତ୍ସବ



କଟକ,୦୧/୦୨ (ନି.ପ୍ର): ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳତା ଓ ଆବେଗର ପରିପ୍ରକାଶ ହେବା ଅତ୍ୟନ୍ତ ଅପରିହାର୍ଯ୍ୟ। ବିଦ୍ୟାଳୟ ଜଣେ ଉତ୍ତମ ବ୍ୟକ୍ତିତ୍ୱ ଓ ସୁନାଗରିକ ଗଢ଼ି ତୋଳିବାର ପ୍ରକୃଷ୍ଟ କ୍ଷେତ୍ର ବୋଲି ମତ ପ୍ରକାଶ ପାଇଛି। ସିଡିଏ ସେକ୍ଟର-୯ସ୍ଥିତ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ସ୍କୁଲର ବାର୍ଷିକ ଉତ୍ସବ ଶହୀଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ବାଣୀପଦାର ଉତ୍କଳ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଗଣେଶ ପ୍ରସାଦ ବେହେରା ଅଧକ୍ଷତା କରିଥିବାବେଳେ ଝାଡ଼ଖଣ୍ଡ ଦେଓଘରର ଦେବସଂଘ ଜାତୀୟ ବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁରେଶ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷାବିତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ, ସାଂସ୍କୃତିକ, ଆଧାତ୍ମିକର ବିଭିନ୍ନ କୃତୀ ଓ କୃତୀତ୍ୱ ସମ୍ବଳିତ ସୃଜନ ପ୍ରତିଭା ନୈପୁଣ୍ୟ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟରେ ଏକ ଦଶନ୍ଧି ଧରି ସମର୍ପିତ ସେବା ଯୋଗାଇଥିବା ଉତ୍ସର୍ଗୀକୃତ କର୍ମକର୍ତ୍ତା ଦିବ୍ୟାଂଶୀ ପରିଡ଼ା, ସସ୍ମିତା ପାଢ଼ୀ, ରଶ୍ମୀତା ଚୌଧୁରୀ, ଇତିଶ୍ରୀ ଦାସ ଓ ତ୍ରୈଲୋକ୍ୟନାଥ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ ସହ ସ୍ମରଣିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର, ଆଡ଼ମିନିଷ୍ଟ୍ରେଟର ମିନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ, ପରମିତା ପ୍ରିୟଦର୍ଶିନୀ, ଆରାଧନା ବେହେରା, ଜ୍ୟୋର୍ତିମୟୀ, ସ୍ନେହାଞ୍ଜଳୀ ସ୍ୱାଇଁ, ସାଗରିକା ସାହୁ, ଶିକ୍ଷକ ଧୀରେନ ମଲ୍ଲିକ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଡକ୍ଟର ମେଘନା ମିଶ୍ର ସମସ୍ତଙ୍କୁ କୃତଜ୍ଞତାଜ୍ଞାପନ ଅର୍ପଣ ପୂର୍ବକ ପିଲାମାନଙ୍କ ଉତ୍ସାହି ଓ ପ୍ରେରଣାପ୍ରଦ ପ୍ରଶଂସନୀୟ କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବାସୁଦେବପୁର, ୦୧/୦୨: ବାସୁଦେବପୁର ପୌରପାଳିକା ଅଧିନ ଗୁଆଗାଁ ସ୍ଥିତ ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପରିଚାଳନା ନିର୍ଦ୍ଦେଶକ ମୁରଲିଧର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାସୁଦେବପୁର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଭାଜପାର ପୁର୍ବତନ ଉପସଭାପତି ଅଶୋକ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ସୁଶାନ୍ତ କୁମାର ନାୟକ, ଚେୟାରମ୍ୟାନ ସୁଜାତା ପାଣିଗ୍ରାହୀ, ଉପଦେଷ୍ଟା ଉପେନ୍ଦ୍ରପ୍ରସାଦ ପାଢୀ ପ୍ରମୁଖ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ନିଜ ନିଜର ମୁଲ୍ୟବାନ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ରତିକାନ୍ତ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରୀମାନଙ୍କ ପକ୍ଷରୁ ବେଦପାଠ ସହ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଶିକ୍ଷକ ତପନ ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିସହିତ ବାସୁଦେବପୁର ଆଇଟିଆଇର ଅଧାପକ କିଶୋର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପାଧକ୍ଷ ପୁର୍ଣ୍ଣଚନ୍ଦ୍ର ଷେଣ୍ଢ଼ି ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଶିକ୍ଷାନୁଷ୍ଠାନ 'ବିଟସ' ଓ 'ମାନବତା' ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା

ବାଲେଶ୍ୱର,୦୧/୦୨ (ନି.ପ୍ର): ବାଲେଶ୍ୱର ଇନଷ୍ଟିଚ୍ୟୁଟ୍ସ ଅଫ ଟେକନିକାଲ ଷ୍ଟଡିଜ (ବିଟସ) ଏବଂ ମାନବତା ଅନୁଷ୍ଠାନ ମିଳିତ ସହଯୋଗରେ ଏକ ଯୁବ ସମାବେଶ ଓ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା 'କୃତିତ୍ୱ-୨୦୨୩' ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍କୁଲ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶିତ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ବିଟସ କଲେଜ ଏବଂ ଆଇ ଟି ଆଇର ଅଂଶୁମାନ ପାଣିଗ୍ରାହୀ, ଡାକ୍ତର ତୁଳସୀ ବେଜ, ଜ୍ୟୋତିରେଖା ପ୍ରଧାନ, ଜୟସ୍ମିତା ନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା, ଅନନ୍ତ କୁମାର ନାୟକ, ଡାକ୍ତର ଧୀରେନ୍ଦ୍ର କୁମାର ଜେନା, ଡାକ୍ତର କପିଳ ଚାନ୍ଦ, ଜଗତାନନ୍ଦ ବିଶ୍ୱାଳ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କିଥିଲେ। ବିଟସର ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ଧଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ କାର୍ଯ୍ୟକ୍ରମ ରପିଚାଳନାରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଇଥିଲେ। ମାନବତା ପ୍ରତିଷ୍ଠାନର ପଞ୍ଚାନନ ଦାସ ଶାନ୍ତିପାଠ ସହିତ କ୍ରୀଡା ଉତ୍ସବ କୃତିତ୍ୱ -୨୦୨୩ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

## କଂଗ୍ରେସ ପକ୍ଷରୁ ମହାତ୍ମାଗାନ୍ଧିଙ୍କ ବଳିଦାନ ଦିବସ ପାଳିତ



ବାରିପଦା,୦୧/୦୨ (ନି.ପ୍ର): ଜାତୀର ପିତା ମହାତ୍ମା ଗାନ୍ଧୀ ଙ୍କର ୭୫ ତମ ମହାପ୍ରୟାଣ ଦିବସ ରେ ବାରିପଦା ଶିରିଡ଼ି ସାଇଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା କଂଗ୍ରେସ ଓ ବାରିପଦା ଟାଉନ କଂଗ୍ରେସ ଦ୍ୱାରା ତାଙ୍କର ଫୋଟ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସୃତିଚାରଣ କରାଯାଇଅଛି । ସୋମବାର ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ମାଲ୍ୟାର୍ପଣ ଓ ସୃତିଚାରଣ ପରେ ପୂର୍ବତନ ଜାତୀୟ କଂଗ୍ରେସ ର ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଙ୍କ ନେତୃତ୍ୱରେ ଭାରତ ଯୋଡ ଯାତ୍ରାର ଅନ୍ତିମ ଦିନରେ ତାଙ୍କର ଯାତ୍ରା ର ଶୁଭକାମନା କରିବା ସହିତ ଭାରତ ବର୍ଷର ସବୁ ଧର୍ମ ଓ ବର୍ଗର ଲୋକଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ର ଯେଉଁ ଅଭିନବ ପ୍ରୟାସ କରି ୩୯୭୦ କି.ମି. ପଦ ଯାତ୍ରା କରିଛନ୍ତି ସେଥିପାଇଁ ଜିଲ୍ଲା କଂଗ୍ରେସ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହେମନ୍ତ ଦାସ ଙ୍କ ସହ ବାରିପଦା ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଟାଉନ ମହିଳା ସଭାପତି ରଶ୍ମିତା ମିଶ୍ର, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଶ୍ରୀମତୀ ରଂଜିତା ଯୋଶୀ, ଯୁବନେତା ବିକାଶ ମହାଭୋଇ, କିଶାନ କଂଗ୍ରେସ ନେତା ବୁଧୁରାମ ସିଂ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଶୋକ ଅଧିକାରୀ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ଓବିସି ନେତା ସ୍ୱାଗନ ଦାସ, ହରିଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଜେମାଦେଇଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

ଖୋର୍ଦ୍ଧା,୦୧/୦୨ (ନି.ପ୍ର): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ତିନି ନଂ ୱାର୍ଡ଼ ଜେମା ଦେଇ ଗ୍ରାମରେ ତିନି ଦିନ ଧରି ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅଧିବାସ ଅବସରରେ ବୈଷ୍ଣବ ଗିରିଧାରୀ ଦାସ ଓ ବେଣୁଧର ସାହୁ ଶୁଭ ଅଧିବାସ, କଳସ ଯାତ୍ରା, ଓ ଘଟସ୍ଥାପନ କରି ଆବାହନ କରିଥିଲେ । କାରେଣିକ ଭାବେ ବିଜୟ କୁମାର ପଣ୍ଡା ବୈଷ୍ଣବମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ଦ୍ୱିତୀୟ ଦିବସରେ ଆଠ



ଗୋଟି ସଂକୀର୍ତ୍ତନ ମଣ୍ଡଳୀ, ଜେମାଦେଇ, ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, କୁମାରବସ୍ତ, କୁରାଢ଼ିଲୋ , ଅଠାରଙ୍ଗ, ବଡ଼ମ୍ବା, ଗୋପମଥୁରା ଦଳ ଅଂଶ ଗ୍ରହଣ କରି ୨୪ ଘଣ୍ଟା ପ୍ରହର ନାମ କରିଥିଲେ । ତୃତୀୟ ଦିବସରେ ଦଧିହାଣ୍ଡି ଭଗ୍ନ, ନଗର ସଂକୀର୍ତ୍ତନ, ଅନୁଷ୍ଠିତ ହେବା ସହିତ ଯମୁନାସ୍ନାନ ମଧ ଅନୁଷ୍ଠିତ ହୋଇଥିଲା । ଆଠଟି ଦଳମଧରୁ ଗୋପମଥୁରା ବଡ଼ମ୍ବାର ଗାୟକ ନିମାଇଁ ଚରଣ ବେହେରା, ବାୟକ ପ୍ରକାଶ ଚନ୍ଦ୍ର ବେହେରା, କୁରାଢ଼ିଲୋ ଦଳର ଗାୟକ ସଦାଶିବ ଲେଙ୍କା, ଅଠାରଙ୍ଗ ଦଳର ବାୟକ ଦୀପ୍ତିରଂଜନ ପଣ୍ଡା, ଚଳିତ ବର୍ଷ ଚୟନ କମିଟି ଦ୍ୱାରା , ପ୍ରଥମ, ଦ୍ୱିତୀୟ ଓ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜେମାଦେଇ, ରାମଲୀଳା କମିଟିର ସଭାପତି ମହାରଥି ନାୟକ, ଜୟୀ ରାଜଗୁରୁ ସ୍ମୃତି କମିଟିର ସଭାପତି ଜୟକୃଷ୍ଣ ସେନାପତି, ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ, ଉପଢୌକନ, ମାନପତ୍ର, ଗଞ୍ଜି, ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

## ବିଭାଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

ଜଳେଶ୍ୱର, ୦୧/୦୨(ନି.ପ୍ର): ଜଳେଶ୍ୱର କୃଷି ଜିଲାର ୪ ବ୍ଲକକୁ ନେଇ ଜଳେଶ୍ୱରର ଉଠା ଜଳସେଚନ ବିଭାଜନ ଗଠିତ। ଆଜି ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ବ୍ଲକର ୪୬୫ ପାଣି ପଂଚାୟତର ପ୍ରତିନିଧିଙ୍କୁ ନେଇ ପାଣି ପଂଚାୟତ ପକ୍ଷ ମୂରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନିର୍ବାହୀଯନ୍ତ୍ରୀ ଇଂ ଅରବିନ୍ଦ୍ର ସାହୁ ସଭାପରିଚାଳନା କରି ପାଣିପଂଚାୟତ ଦ୍ୱାରା କୃଷି ଓ କୃଷକ ଉନ୍ନତି ଘଟୁଥିବାରୁ ଏଥିପ୍ରତି ପାଣି ପଂଚାୟତ କର୍ମକର୍ତ୍ତା ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ । ମୂଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗ ଦେଇ ଜଳେଶ୍ୱରରେ ୨୮୬, ଭୋଗରାଇରେ ୨୧୩, ବାଲିଆପାଳରେ ୧୨୩ ଓ ବସ୍ତାରେ ୨୪୩ ପାଣି ପଂଚାୟତ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଉତ୍ସର ସୁବିଧା ନ ଥିବାରୁ ଅଧିକ ପ୍ରକଳ୍ପ ଖନନ ହେବା ଓ ପାଣି ବ୍ୟବହାରରେ ଶୃଙ୍ଖଳା ରଖିବା ଉଚିତ୍ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ୍ ରାଉତ ଯୋଗ ଦେଇ କର୍ମଚାରୀ ଓ କୃଷକ ମାନେ ସଚେତନ ହେଲେ ବହୁ ସମସ୍ୟାର ସମାଧାନ ହୋଇଥାଏ ବୋଲି କହିଥିଲେ । ବ୍ଲକ କୃଷି ଅଧିକାରୀ ଅରୁଣ ପରିଡା, ସହକାରୀ ଯନ୍ତ୍ରୀ ସୌମ୍ୟରଂଜନ ନାୟକ, ପ୍ରଶାନ୍ତ ମହାପାତ୍ର, ମାନସ ମହାନ୍ତି, ପଦ୍ମଲୋଚନ ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସ ଅତିଥି ପରିଚୟ ଓ ମଂଚ ଆହ୍ୱାନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆସିଲା ୨୦୨୩-୨୪ ଆର୍ଥିକ....

ଶିକ୍ଷା, ସ୍ୱାସ୍ଥ୍ୟ ଓ ସହରୀ ବିକାଶରେ ବ୍ୟବହାର ହେବ, ଏଆଇ ପାଇଁ ଏକ ରାଷ୍ଟ୍ରୀୟ ଡାଟା ସେଣ୍ଟର ପ୍ରତିଷ୍ଠା କରାଯିବ, ଡିଜି ଲକର ବ୍ୟବସ୍ଥାକୁ ଆହୁରି ସହଜ ଓ ସରଳ କରାଯିବ, ପ୍ୟାନ କାର୍ଡକୁ ପରିଚୟ ପତ୍ର ଭାବେ ଗୁରୁତ୍ୱ ମିଳିବ, କେୱାଇସି ପ୍ରକ୍ରିୟାକୁ ସରଳ କରାଯିବ, ୫-ଜି ବିକାଶ ପାଇଁ ୧୦୦ ରିସର୍ଚ୍ଚ ଲ୍ୟାବ ପ୍ରତିଷ୍ଠା ହେବ । ଗ୍ରୀନ୍ ଏନେର୍ଜି ଉପରେ ଗୁରୁତ୍ୱ - ନ୍ୟାସନାଲ ହାଇଡ୍ରୋଜନ ପ୍ରୋଜେକ୍ଟ ପାଇଁ ୧୯୭୦୦ କୋଟି, ବିକଳ୍ପ ଇନ୍ଧନର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ, ଗୋବର୍ଦ୍ଧନ ସ୍କିମରେ ୫୦୦ ପ୍ଲାଂଟ ସ୍ଥାପନ କରାଯିବ, ଏଥିପାଇଁ ୧୦ ହଜାର କୋଟିର ଆବଣ୍ଟନ, ୧ କୋଟି ଚାଷୀଙ୍କୁ ପ୍ରାକୃତିକ ଫାର୍ମିଂ ପାଇଁ ୧୦ ହଜାର ବାୟୋ ଇନର୍ଫ ସେଣ୍ଟର ସ୍ଥାପନ ହେବ । ଏହାସହ ପ୍ରଧାନମନ୍ତ୍ରୀ କୌଶଳ ଯୋଜନାରେ ୪୭ ଲକ୍ଷ ଯୁବକଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ, ଏହି ସମୟରେ ତାଲିମ ନେଉଥିବା ଯୁବକଙ୍କୁ ଭତ୍ତା ମିଳିବ, ମହିଳା ସମ୍ମାନ ବଚତ ଯୋଜନାର ଶୁଭାରମ୍ଭ, ଏଥିରେ ୨ ଲକ୍ଷ ପର୍ଯ୍ୟନ୍ତ ଜମାରେ ୭.୫% ସୁଧ ମିଳିବ । ବଜେଟରେ କଣ ଶସ୍ତା ହେଲା ଓ କଣ ମହଙ୍ଗା ହେଲା ? ଏହାରି ଉପରେ ଜନସାଧାରଣଙ୍କ ନଜର ରହିଥାଏ । କାରଣ ଏହା ସିଧାସଳଖ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଏ । ଆଜିର ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କଷ୍ଟମ ଡ୍ୟୁଟି, ସେସ୍ ଓ ସରଚାର୍ଜରେ ପରିବର୍ତ୍ତନ କରିଛନ୍ତି । ମୋବାଇଲ, କ୍ୟାମେରା ଲେନ୍ସ, ଖେଳଣା ଓ ବିଦ୍ୟୁତ ଚାଳିତ ଯାନ ଶସ୍ତା ହୋଇଛି । ସେହିପରି ରୋଷେଇ ଚିମିନି, ସିଗାରେଟ, ସୁନା, ରୂପା ଓ ହୀରା ମହଙ୍ଗା ହୋଇଛି । ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା ଏପ୍ରିଲ ପହିଲାରୁ ଲାଗୁ ହେବ । ଆଉ ଏହା ଲାଗୁ ହେଲେ ଆପଣଙ୍କ ଖର୍ଚ୍ଚ ତାଲିକାରେ ଅନେକ ପରିବର୍ତ୍ତନ ହେବ । ତେବେ ଏପ୍ରିଲରୁ କଣ ଶସ୍ତା ହେବ ଆଉ କଣ ମହଙ୍ଗା ହେବ ସେ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି । ବଜେଟ ଭାଷଣ ବେଳେ କେନ୍ଦ୍ରମନ୍ତ୍ରୀ କଷ୍ଟମ ଡ୍ୟୁଟି , ସେସ ଓ ସରଚାର୍ଜରେ ପରିବର୍ତ୍ତନ କରିଛନ୍ତି । ଖେଳନା ଉପରେ ସୀମା ଶୁଳ୍କକୁ କମାଯାଇ ୧୩ ପ୍ରତିଶତ କରାଯାଇଛି । ତେବେ କେନ୍ଦ୍ର ବଜେଟରେ ଆଶା କରାଯାଉଥିଲା ମଧବିତ୍ତଙ୍କୁ ପାଇଁ କେନ୍ଦ୍ରମନ୍ତ୍ରୀ କିଛି ସରକାର କରିବେ ।

### କେନ୍ଦ୍ରୀୟ ବଜେଟକୁ ନେଇ....

ଜନଜାତିଙ୍କ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ବେଶ ପ୍ରଶଂସନୀୟ । ସେ କହିଛନ୍ତି ଯେ ମନରେଗାରେ ଯୋଜନାରେ ପାଣ୍ଠି ହ୍ରାସ କରାଯାଇଛି । ଏହା ଗରିବ ଲୋକଙ୍କୁ ବହୁଳ ଭାବେ ପ୍ରଭାବିତ କରିବ । ଖାଦ୍ୟ ସୁରକ୍ଷା ସହ ଧାନ ସଂଗ୍ରହରେ ବଜେଟ ପାଣ୍ଠି ହ୍ରାସ ପାଇବା ଗରିବ ଓ ଚାଷୀକୁଳଙ୍କୁ ବାଧିବ । ୨୦୨୧-୨୨ ଆର୍ଥିକ ବର୍ଷରେ ଧାନ ଓ ଅନ୍ୟ ଶସ୍ୟ ସଂଗ୍ରହ ପାଇଁ ୮୦ ହଜାର କୋଟିର ପାଣ୍ଠି ବରାଦ ହୋଇଥିଲା ବେଳେ ଏ ବଜେଟରେ ମାତ୍ର ୬୦ ହଜାର କୋଟି ବରାଦ ହୋଇଛି । ସର୍ବନିମ୍ନ ସହାୟକ ମୂଲ୍ୟରେ ଶସ୍ୟ ସଂଗ୍ରହ କ୍ଷେତ୍ରରେ ଏହା ବଡ଼ ବାଧକ ସାଜିବ । ସେହିଭଳି ଗତ ଆର୍ଥିକ ବର୍ଷରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ଲକ୍ଷ କୋଟି ବ୍ୟୟ ହୋଇଥିଲା ବେଳେ ଅର୍ଥମନ୍ତ୍ରୀ ଚଳିତ ବଜେଟରେ ଏହାକୁ ୧.୩୭ ଲକ୍ଷ କୋଟିକୁ କମାଇଛନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପାଣ୍ଠି ବରାଦ କମିଛି ଅବା ବଢ଼ିନି । ସେ କହିଛନ୍ତି ଯେ ଆୟୁଷ୍ମାନ ଭାରତ ଯୋଜନା ସଂପର୍କରେ କଡ଼ା ପ୍ରତିକ୍ରିୟା ରଖି ନବୀନ କହିଛନ୍ତି, ଏ ଯୋଜନା ପାଇଁ ରାଜ୍ୟ ବିଜେପି ନେତାମାନେ ଓକିଲାତି କରୁଛନ୍ତି । ଏଥିପାଇଁ କେନ୍ଦ୍ର ବଜେଟରେ ମାତ୍ର ୭ ହଜାର ୨ ଶହ କୋଟି ସାରା ଦେଶ ପାଇଁ ବରାଦ ହୋଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ୨୪୦୦ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରୁଛନ୍ତି । ଯଦି ସରକାରୀ ସୁବିଧାକୁ ମିଶାଯାଏ ତେବେ ଏହାର ପରିମାଣ ବାର୍ଷିକ ୬ ହଜାର କୋଟି ଟଙ୍କା ଛୁଇଁବ ।

### ୪ ଦିନିଆ ରିମାଣ୍ଡରେ....

ସୂଚନା ଅନୁସାରେ, ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଗଠନ କରିଛି ଆଉ ୨ ଟିମ୍ । ଏହାସହ ତଦନ୍ତ ଅନୁଧାନ କରୁଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି । ଝାରସୁଗୁଡା ଏସପି ଓ ବ୍ରଜରାଜନଗର ଏସଡିପିଓଙ୍କୁ ବଦଳି କରାଯାଇଛି । ସେପଟେ ଅଭିଯୁକ୍ତ ଗୋପାଳଙ୍କ ଭାଇଙ୍କୁ ମଧ କ୍ରାଇମବ୍ରାଞ୍ଚ ହେପାଜତକୁ ନେଇଛି ।

## ଆବାସ ଯୋଜନାରେ ଅନିୟମିତତାକୁ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ




ବାସୁଦେବପୁର,୦୧/୦୨ : ଆବାସ ଯୋଜନାରେ ଦୁର୍ନିତୀକୁ ନେଇ ବ୍ଲକ ଘେରାଉ କରିଛି ବାସୁଦେବପୁର କଂଗ୍ରେସ । ପିସିସି ସାଧାରଣ ସଂପାଦକ ଅଶୋକ ଦାସଙ୍କ ନେତୃତ୍ୱରେ ବାସୁଦେବପୁର ବ୍ଲକ ପରିସରରେ ଏକ ପଥପ୍ରାନ୍ତ ସଭା ବ୍ଲକ କଂଗ୍ରେସ ସଭାପତି ରମେଶବଳଙ୍କ ସଭାପତିତ୍ୱରେ ଆୟୋଜିତ କରାଯାଇଥିଲା । ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ସେଠୀ ଓ ପ୍ରଭାତ ବାରିକ, ଯୁବନେତା ବିଜୟ ମହାନ୍ତି, ଆର୍ଡ୍ଡୁଂ ସରପଞ୍ଚ ସୁବାଷଚନ୍ଦ୍ର ସନ୍ଧିବିଗ୍ରହ, ଜିଲ୍ଲା ଯୁବ ଉପସଭାପତି ସୁବ୍ରତ ବେହୁରା, ଯୁବ କଂଗ୍ରେସ ସଭାପତି ରାକେଶ ମହାନ୍ତି, ନଗର ଯୁବ କଂଗ୍ରେସ ସଭାପତିସୁଶାନ୍ତ ମହାକୁଡ, ସରପଞ୍ଚ ଆଦିତ୍ୟ ଗିରି, ସିଦ୍ଧାନ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ମନରଞ୍ଜନ ପାଢୀ, ନଗରଯୁବ ସାଧାରଣ ସଂପାଦକ ଟୁଟୁ ଖାନ, ହରିଶଙ୍କର ପଟ୍ଟନାୟକ, ସନ୍ତୋଷ କୁମାର ଦିକ୍ଷିତ ପ୍ରମୁଖ ପଥପ୍ରାନ୍ତ ସଭାରେ ଉପସ୍ଥିତ ରହି ସରକାରଙ୍କ ଚାଷୀମାରଣ ନିତୀକୁ ନେଇ ବର୍ଷିଥିଲେ । ସଭା ଶେଷରେ ବିଡିଓଙ୍କ ଜରୀଆରେ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା ।

## ମାସା ଆର୍ମିର ଦୀଲ୍ଲି ପଦଯାତ୍ରାକୁ ମାସେ ପୁରିଲା : ବର୍ତ୍ତମାନ ପଦଯାତ୍ରା ଉତ୍ତରପ୍ରଦେଶର କସାମ୍ବି ଜିଲ୍ଲାରେ ପହଂଚିଛି




ବାରିପଦା,୦୧/୦୨ (ନି.ପ୍ର): ମିଶ୍ରଣ ଚୁକ୍ତିନାମା କୁ ଉଚ୍ଛେଦ କରାଯାଇ ମୟୂରଭଂଜକୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟ କରିବା ଦାବିରେ ମାସା ଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଙ୍କ ନେତୃତ୍ୱ ରେ ବାରିପଦା ରୁ ରାଷ୍ଟ୍ରପତି ଭବନ ଦିଲ୍ଲୀ ପଦଯାତ୍ରା କୁ ଏକ ମାସ ପୁରିଲା । ବର୍ତମାନ ପଦଯାତ୍ରା ଉତରପ୍ରଦେଶର କସାମ୍ବି ଜିଲ୍ଲାରେ ପହଂଚିଛି କ୍ଷ ମୟୂରଭଂଜ ୧୯୪୯ ମସିହା ପୂର୍ବରୁ ଯେତେବେଳେ ଏକ ଗଡଜାତ ରାଜ୍ୟ ଥିଲା ସେତେବେଳେ ଗମନା ଗମନ ନିମନ୍ତେ ଓଡ଼ିଶା ଠାରୁ ପ୍ରଥମେ ରେଳ ସେବା ଆରମ୍ଭ ହୋଇଥିଲା । ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କ ରୋଜଗାର ନିମନ୍ତେ ମୟୂରଭଂଜର ବିଭିନ୍ନ ସ୍ଥାନରେ କଳକାରଖାନା ଥିଲା । ସେହି କଳକାରଖାନାରେ ଶିକ୍ଷିତ ବେକାର ଯୁବକ ଯୁବତୀ ମାନେ ରୋଜଗାର ପାଇ ନିଜର ପରିବାର ଚଳାଇ ପାରୁଥିଲେ । ସେତେବେଳେ ରାସଗୋବିନ୍ଦପୁର ଠାରେ ଏସିଆର ସର୍ବ ବୃହତ ବିମାନ ବନ୍ଦର ମଧ ଥିଲା ଓ ମୟୂରଭଂଜର ଲୋକ ମାନେ ବିମାନ ଯୋଗେ ଦୂର ସ୍ଥାନକୁ ଯିବା ଆସିବା ମଧ କରି ପାରୁଥିଲେ । ଭାରତ ଦେଶରେ ସର୍ବ ପ୍ରଥମେ ଲୁହା ଖଣି ମୟୂରଭଂଜର ଗୋରୁମହିଷାଣି ଠାରେ ଆରମ୍ଭ କରାଯାଇଥିଲା । ମୟୂରଭଂଜ ର ଲୁହାଖଣି ଦ୍ୱାରା ହିଁ ଝାରଖଣ୍ଡ ରାଜ୍ୟ ରେ ପ୍ରଥମେ ଟାଟା କମ୍ପାନିର ଲୁହା ଇସ୍ପାତ କାରଖାନା ତିଆରି ହୋଇଥିଲା । ଯେତେବେଳେ ମୟୂରଭଂଜ ରାଜ୍ୟ ଥିଲା ସେତେବେଳେ ଲୋକ ମାନେ ସିଧାସଳଖ ଲୁହାଖଣିରେ ରୋଜଗାର ପାଇ ପାରୁଥିଲେ । ମାତ୍ର ମୟୂରଭଂଜ ମିଶ୍ରଣ ପରେ ବର୍ତମାନ ଅବହେଳିତ ହୋଇ ରହିଯାଇଥିବାରୁ ମୟୂରଭଂଜକୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟ କରିବା ଦାବୀରେ ମାସା ଆର୍ମୀ ପକ୍ଷରୁ ବାରିପଦାରୁ ଦିଲ୍ଲି ରାଷ୍ଟ୍ରପତି ଭବନ ଯାତ୍ରା ଚାଲିଥିବାର ଜଣାଯାଇଛି । ଦିଲ୍ଲୀ ପଦଯାତ୍ରା ରେ ଶ୍ରୀ ମାରାଣ୍ଡିଙ୍କ ସହିତ ୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଜିଲ୍ଲା ସାଂଗଠନିକ ସମ୍ପାଦକ କରୁଣାକର ସରେନ, ବାରିପଦା ବ୍ଲକ ସଭାପତି ସାଉନା ମୁର୍ମୁ, ଖୁଂଟା ବ୍ଲକ ସଭାପତି ବାଦଲ ମାରାଣ୍ଡି ପ୍ରମୁଖ ପାଞ୍ଚ ଜଣିଆ ଟିମ ପଦଯାତ୍ରାରେ ସାମିଲ ଅଛନ୍ତି ।

## ସଂସ୍କୃତି ବିଭାଗ ପକ୍ଷରୁ ତିନି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୦୧/୦୨ (ନି.ପ୍ର): ବିଶିଷ୍ଟ ନାଟ୍ୟ ପ୍ରତିଭା ସ୍ୱର୍ଗତ ଅସୀମ ବସୁଙ୍କ ଷଷ୍ଠ ଶ୍ରାଦ୍ଧୋତ୍ସବ, ସାନ୍ତାଳୀ ଭାଷାର ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୪୧ତମ ଶ୍ରାଦ୍ଧୋତ୍ସବ ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ୧୦୮ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ଅସୀମ ବସୁଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶହୀଦ ନଗରସ୍ଥିତ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓ ନିଳାଦ୍ରୀବିହାରସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଆଜି ପ୍ରତ୍ୟୁଷରେ ପୁଷ୍ପମାଲ୍ୟ ଓ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଓଡ଼ିଶାର ନବ ନାଟକର ବିକାଶ ଓ ମ ସଜ୍ଜା କ୍ଷେତ୍ରରେ ଅସୀମ ବସୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେହିଭଳି ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନ କରି ଆଜି ତାହାକୁ ବିଶ୍ୱବାସୀଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି । ସାନ୍ତାଳୀ ଭାଷା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନିତ ହୋଇପାରିଛି ସେଥିପାଇଁ ସେ ଚିର ବନ୍ଦନୀୟ । ସେହିଭଳି ପ୍ରଫେସର ଶତ୍ରୁଘ୍ନ ନାଥ ଲଣ୍ଡନରେ ଉଚ୍ଚଶିକ୍ଷା ଲାଭ କରି ଶିକ୍ଷକତାକୁ ବ୍ରତ ଭାବେ ଗ୍ରହଣ କରି ରାଜ୍ୟରେ ମୌଳିକ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ବିଭିନ୍ନ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ଯୋଗଦେଇ ଗୁରୁ ଛାତ୍ରମାନଙ୍କୁ ସୃଷ୍ଟି କରିବାରେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ସେ ବହୁ ଉପାଦେୟ ପାଠ୍ୟପୁସ୍ତକ ରଚନା କରିବା ସହ ମହିମା ଧର୍ମର ଅନୁଗାମୀଭାବେ ବହୁ ମହିମାଧର୍ମ ସମ୍ପର୍କରେ ଗବେଷଣାତ୍ମକ ପୁସ୍ତକ ରଚନା କରି ରାଜ୍ୟର ଆଧ୍ୟାତ୍ମିକ ଓ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଅନନ୍ତ ନାରାୟଣ ଜେନା, ଡଃ ମିହିର ପଟ୍ଟନାୟକ, ରମେଶ ଚନ୍ଦ୍ର ପାତାଳସିଂହ, ଡଃ ରଙ୍ଗାଧର ସାହୁ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, କର୍ପୋରେଟର ରାଜକିଶୋର ଦାସ, ମୋନାଲିସା ସାହୁ, ରୀତା ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ, ଅନୁପମା ବେହେରା, ପ୍ରଗତି ରଥ, ଉଇ ଫର ଭୁବନେଶ୍ୱର ଓ ଜୟ ଓଡ଼ିଶା କର୍ମକର୍ତ୍ତାବୃନ୍ଦ ମତବ୍ୟକ୍ତ କରିଥିଲେ । ପ୍ରତି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ବାଲେଶ୍ୱରରେ ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ



ବାଲେଶ୍ୱର,୦୧/୦୨ (ନି.ପ୍ର): ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବାଲେଶ୍ୱରରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ସଚେତନତା ରଥ ବୁଧବାର ଜିଲା ପରିକ୍ରମା ଆରମ୍ଭ କରିଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏହି ରଥକୁ ଉଦଘାଟନ କରିଥିଲେ । ଜଳର ଉତ୍ତମ ବିନିଯୋଗ, ଜଳ ସଂରକ୍ଷଣ, ଜଳର ଗୁଣବତ୍ତା ରକ୍ଷା, ନୂତନ ଜ୍ଞାନ କୌଶଳ ପ୍ରୟୋଗ, ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ଜମିକୁ ଜଳଯୋଗାଣ, କେନାଲର ରକ୍ଷଣାବେକ୍ଷଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟିରେ ଏହି ରଥ ବେଶ ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଅଶା ପ୍ରକାଶ କରିଥିଲେ । ତେବେ ଏନେଇ ପାଣି ପଞ୍ଚାୟତର ନିୟମିତ ବୈଠକ ଆୟୋଜନ ସହ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ରଥ ଆସନ୍ତା ୮ ତାରିଖ ଯାଏଁ ଜିଲ୍ଲାର ବିଭିନ୍ନ ଜଳସେଚନ ଖଣ୍ଡ ଅଞ୍ଚଳ ପରିକ୍ରମା କରି ଚାଷୀମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରସାର କରିବ । ପାଣି ପଞ୍ଚାୟତ ଉପରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଆଦି ଆୟୋଜନ ସହ ବିଜେତାଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହା ସହିତ ଜିଲ୍ଲାରେ ଶ୍ରେଷ୍ଠ ତଥା ଅଗ୍ରଣୀ ଚାଷୀଙ୍କୁ ମନୋନୟନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ବିଶେଷ ଭାବେ କମ ପାଣିରେ ଉନ୍ନତ କିସମର ଫସଲ ଉତ୍ପାଦନ କ୍ଷେତ୍ରରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଚଳିତବର୍ଷ ଏହି ରଥ ଜନ ସଚେତନତା ସୃଷ୍ଟି କରିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ପାଣି ପଞ୍ଚାୟତ ସପ୍ତାହ ପାଳନର ଉଦଯାପନୀ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ସରକାରୀ ଯୋଜନା ସମ୍ବଳିତ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିଷ୍ଣୁପଦ ପଟ୍ଟାୟତ ସୂଚନା ଦେଇଛନ୍ତି । ଏହି ସଚେତନତା ରଥ ଶୁଭାରମ୍ଭ ବେଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ସେବାର ସୁଧାର ପାଇଁ ଜାଗ୍ରତ ନାରୀ ସଂଗଠନର ଦାବି

ବାଲେଶ୍ୱର,୦୧/୦୨ (ନି.ପ୍ର): ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ହସପିଟାଲର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ରୋଗୀ ତଥା ସେମାନଙ୍କ ପରିବାରକୁ ଉଚିତ ସେବା ପ୍ରଦାନ ଦାବିରେ ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଉଛି । ସଂଗଠନର ସମ୍ପାଦିକା ମମତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ସମ୍ପ୍ରତ ଜିଲାର ସ୍ୱାସ୍ଥ୍ୟସେବା ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ । ସେମାନଙ୍କ ଆପତ୍ତି ଅନୁସାରେ ଜିଲାରେ ସରକାରୀ ମେଡିକାଲ କଲେଜ ସ୍ଥାପନକୁ ୫ବର୍ଷ ବିତିବାକୁ ବସିଥିବା ବେଳେ ସ୍ୱାସ୍ଥ୍ୟସେବାରେ ବିଶେଷ ଉନ୍ନତି ହୋଇପାରିନାହିଁ । ଏକାଧିକ ବିଭାଗର ସ୍ଥାୟୀ ଡାକ୍ତର ଓ ରୋଗ ବିଶେଷଜ୍ଞ ନଥିବା ବେଳେ ଡାକ୍ତରଖାନା ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ସଂଗଠନର ସମ୍ପାଦିକା ଶ୍ରୀମତୀ ଦାସ ଆରୋପ କରିଛନ୍ତି । ରୋଗୀମାନଙ୍କ ପ୍ରତି ଡାକ୍ତର, ନର୍ସ ତଥା ସ୍ୱାସ୍ଥ୍ୟକର୍ମୀଙ୍କ ରୁକ୍ଷ ବ୍ୟବହାର ବଢ଼ି ଚାଲିଥିବା ବେଳେ ଡାକ୍ତରଖାନା ପରିସର ପରିଷ୍କାର ଓ ପରିଚ୍ଛନ୍ନତା ରହୁନାହିଁ । ଯେଉଁଠି ସେଇଠି ଗୁଟଖା ଜରି ଓ ପାନଛେପ ପକାଯାଉଥିବା ଲକ୍ଷ୍ୟ କରାଯାଇଛି । ଏନେଇ ଡାକ୍ତରଖାନାର ପ୍ରତିଟି କୋଣ ଅନୁକୋଣରେ ସିସି କ୍ୟାମେରା ଲଗାଇବା, ଗୁଟୁଖା ଜରି, କାଗଜ ଚାହା କପ, ଶାଳପତ୍ର, ଗଜ ତୁଲା, ପାନ ଛେପ, ଫଳ ଚୋପା ପକାଇବା ଉପରେ ଅଂକୁଶ ଲଗାଇବା ଓ ଜରିମାନା ଆଦାୟ କରିବା, ସମସ୍ତ ବିଭାଗରରେ ଡାକ୍ତର ଓ ଆବଶ୍ୟକ ସଂଖ୍ୟକ ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀ ନିଯୁକ୍ତି ଦେବା, ରୋଗୀଙ୍କ ପ୍ରତି ରୁକ୍ଷ ବ୍ୟବହାର କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି । ଏନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସ ପାଳିତ

ଜଳେଶ୍ୱର,୦୧/୦୨ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଖୁଦିଆ ମାଝିସାହି ପଂଚାୟତ ଅନ୍ତର୍ଗତ ନଅ ମାଣିଆଠାରେ ଭାଜପା ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି । ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ମୁର୍ମୁଙ୍କର ସ୍ୱତନ୍ତ୍ର ଲିପିର ରଚନା ଆଦିବାସୀମାନଙ୍କ ଜନଜୀବନର ଉନ୍ନତି ଓ ପ୍ରଗତି ସହିତ ସାହିତ୍ୟ ଓ ଶିକ୍ଷାର ପ୍ରସାର ଘଟିବାରେ ଅବସ୍ମରଣୀୟ ବୋଲି ବକ୍ତାମାନେ କହିଥିଲେ । ଯୁବ ନେତା ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ବିଶ୍ୱରୂପ ଦାସ, ସଂଗ୍ରାମ ଜେନା, ସନ୍ତୋଷ ସାହୁ, ମୋଚିରାମ ମାରାଣ୍ଡି, ଯବା ମାରାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଅତିଥିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ମାନବିକ ମୂଲ୍ୟବୋଧ ଶିକ୍ଷା ହିଁ ବିଦ୍ୟାର୍ଥୀଙ୍କୁ ସଫଳ କରାଏ



ରୂପ୍ସା,୦୧/୦୨ (ନି.ପ୍ର): ସ୍ଥାନୀୟ ବୀଣାପାଣି ଶିଶୁ ମନ୍ଦିର ପରିସରରେ ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନବିକ ମୂଲ୍ୟବୋଧ ପୂର୍ଣ୍ଣ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା ବ୍ୟବସ୍ଥା ଜଣେ ବିଦ୍ୟାର୍ଥୀକୁ ସଫଳ ମାର୍ଗରେ ଅଗ୍ରସର କରାଇଥାଏ । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷା ପ୍ରଦାନ ସହ ପୁରାତନ ସଂସ୍କୃତି ସଂପନ୍ନ ପଦ୍ଧତିର ପୁନଃ ପ୍ରଚଳନ ଉପରେ ମୁଖ୍ୟ ଅତିଥି ଭାବେ ପିଞ୍ଛାବଣିଆ ବୈଦିକ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ ବାଣୀ ନିର୍ମାଲ୍ୟ ବିଶ୍ୱାଳ ଶିକ୍ଷାରେ ସଂସ୍କାର ଓ ନୀତିନିଷ୍ଠ ନ ରହିଲେ ସମାଜର ସାମ୍ପ୍ରତିକ ବିକାଶ ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ବରିଷ୍ଠ ଇଂରାଜୀ ଅଧ୍ୟାପକ ତାପସ କୁମାର ପଣ୍ଡା ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ବିଦ୍ୟାଳୟର ଗଠନର ଆବଶ୍ୟକତା ଓ ଏହାର ପୃଷ୍ଠଭୂମି ଉପରେ ନିଜର ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ସଂପାଦକ ଯୋଗେନ୍ଦ୍ର ଦାଶ, ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଗୌରହରି ପ୍ରହରାଜ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସହ ସଂପାଦକ ନିତ୍ୟାନନ୍ଦ ପଟ୍ଟନାୟକଙ୍କୁ ନିଜର ସମାଜ ସେବା ପାଇଁ ଅନୁଷ୍ଠାନ ତରଫରୁ ଶ୍ରେଷ୍ଠ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶମ୍ଭୁନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାଜେଶ୍ୱରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଗତ ୫ବର୍ଷରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ ପ୍ରତିଜ୍ଞା ପୂର୍ବକ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା ।

## ଶ୍ରୀଚୈତନ୍ୟଦେବ ହାଇସ୍କୁଲର ବାର୍ଷିକ ଓ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର,୦୧/୦୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଗପୁଞ୍ଜିସ୍ଥିତ ଶ୍ରୀଚୈତନ୍ୟଦେବ ହାଇସ୍କୁଲର ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ସଂଜୟ ନନ୍ଦୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ବିଜ୍ଞାନ ସୁପର ଭାଇଜର କୃଷ୍ଣ ମୋହନ ସିଂ ଯୋଗ ଦେଇ ବିଦ୍ୟାଳୟ ଇତିହାସରେ ବାର୍ଷିକ ଉତ୍ସବ ଏକ ଐତିହାସିକ ଦିନ ଯାହା ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କୁ ଅଧିକ ପ୍ରତ୍ସାହନ ଯୋଗାଏ ବୋଲି କହିଥିଲେ । ଉଦ୍‌ଘାଟକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଅର୍ଥ ନୁହେଁ, ବରଂ ପରାମାର୍ଥ ଓ ଆତ୍ମିକ ବୈଭବ ଦ୍ୱାରା ଛାତ୍ରଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ ଯୋଗ ଦେଇ ଶିକ୍ଷକତା ଏକ ବୃତ୍ତି ନୁହେଁ ବରଂ ପ୍ରବୃତ୍ତି ହୋଇଥିବାରୁ ଆଚରଣ ଓ ଉଚାରଣରେ ସମତା ରକ୍ଷା ହେବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ କୁମାର ଜେନା, ଓଷ୍ଟାର ବ୍ଲକ ସଂପାଦକ ଡ. ଅଜିତ୍ ମହାନ୍ତି, ଜିଲା ସଂପାଦକ ମନୋରଂଜନ ଦାସ, ବଂଶୀଧର ବାରିକ, ଅବନୀ ଚାନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ନବ ନିଯୁକ୍ତ ଫରେଷ୍ଟ ଗାର୍ଡ଼ଙ୍କୁ ପ୍ରଶିକ୍ଷଣ

ବାଲେଶ୍ୱର,୦୧/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ସମେତ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ନବନିଯୁକ୍ତ ଫରେଷ୍ଟ ଗାର୍ଡଙ୍କ ଉଦ୍ଦେଶ୍ୟରେ 'ଓଡ଼ିଶା ଜଙ୍ଗଲ ଆଇନ କାର୍ଯ୍ୟକାରିତା ସମ୍ପର୍କିତ ଏକ ଦିବସୀୟ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ) ସୁମିତ କୁମାର କର ଏହାକୁ ଉଦଘାଟନ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କର୍ମକ୍ଷେତ୍ରରେ ସାମ୍ଭବ୍ୟ ଆଇନଗତ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ନବନିଯୁକ୍ତ ଫରେଷ୍ଟ ଗାର୍ଡ଼ଙ୍କୁ ସଚେତନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ସେହିପରି ବନ୍ୟପ୍ରାଣୀ ଓ ଜଙ୍ଗଲ ଜାତ ଦ୍ରବ୍ୟର ସୁରକ୍ଷା ତଥା ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ସମୟରେ ଫରେଷ୍ଟ ଗାଡ଼ଙ୍କ କାର୍ଯ୍ୟଶୈଳୀ ନିର୍ଦ୍ଧାରଣ ସମ୍ପର୍କରେ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଡିଏଫଓ ଶ୍ରୀ କର ପ୍ରକାଶ କରିଥିଲେ । ରାଜ୍ୟସ୍ତରୀୟ ପ୍ରଶିକ୍ଷକ ଶିବ ପ୍ରଦାସ ସାମଲ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବାଲେଶ୍ୱର ବନଖଣ୍ଡ ଏସିଏଫ ଦିଗାନ୍ତ ଶୋଭନ ଚାନ୍ଦ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଅଧ୍ୟକ୍ଷାଙ୍କୁ ଅବସର ସମ୍ବର୍ଦ୍ଧନା



ଭଦ୍ରକ,୦୧/୦୨ (ନି.ପ୍ର): ଯେ କୌଣସି ବ୍ୟକ୍ତିର ଅବସର ଏକ କର୍ମ ମୁଖର ଜୀବନର ପରିସମାପ୍ତି ନୁହେଁ, ବରଂ ଏହା ଏକ ସଂଭାବନାମୟ ନୂଆ ସୂର୍ଯ୍ୟୋଦୟ । କର୍ତ୍ତବ୍ୟନିଷ୍ଠ କର୍ମଜୀବୀଟିଏ ନିଜର ନିଷ୍ଠା, ଧୈର୍ଯ୍ୟ, ଏକାଗ୍ରତା, କର୍ମାନୁରକ୍ତି ଓ ସହନଶୀଳ ବ୍ୟବହାର ପାଇଁ ସମସ୍ତଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥାଏ ବୋଲି ସାରସ୍ୱତ ସାଧିକା ତଥା ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ଅବସରକୁ ସ୍ମରଣୀୟ କରିବାପାଇଁ ଆୟୋଜିତ ବିଦାୟ ସଂବର୍ଦ୍ଧନା ସଭାରେ ଉପସ୍ଥିତ ଶୈକ୍ଷିକ ଓ ଅଣଶିକ୍ଷକ କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି । ପ୍ରାଧାପିକା ସୁପ୍ରୀତି କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାବବିହ୍ୱଳ ସଭାରେ ସଂଚାଳନ କରିଥିଲେ ପ୍ରାଧାପିକା ଅନୀତା ଦଳାଇ । ମନୋଜ ସାହୁ, ଆରତୀ ଜେନା, ନୀଳଗିରି ରବି ସାହୁ, ପ୍ରିୟଦର୍ଶିନୀ ସାହୁ, ଶୁଭଶ୍ରୀ ବେହେରା, ଭାଗ୍ୟଲକ୍ଷ୍ମୀ ବାରିକ୍, ସଂଘମିତ୍ରା ଦାସ, ନସିମା ନିଖତ୍, ନସିମା ଖାତୁନ୍, ଜ୍ୟୋସ୍ନାରାଣୀ ଲେଙ୍କା, ଭବେଶ ସ୍ୱାଇଁ, ପ୍ରଦ୍ୟୁତ ପଣ୍ଡା, ସଂଗୀତା ଦାସ, ରାଜଲକ୍ଷ୍ମୀ ବାରିକ, ଆଭାମୟୀ ମହାପାତ୍ର, ସିଲେଷ୍ଟିନା ଏକ୍କା, ଅନୀତା ପୂର୍ତ୍ତି ଓ ସୁଜାତା ମହାପାତ୍ର ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀମାନେ ବିଦାୟୀ ଅଧ୍ୟକ୍ଷାଙ୍କ ପ୍ରଶାସନିକ ତଥା ବହୁବର୍ଣ୍ଣା ବ୍ୟକ୍ତିତ୍ୱର ବର୍ଣ୍ଣନା କରି ଅବସର ଜୀବନ ପାଇଁ ସୁମନାସ ଜଣାଇଥିଲେ । ସଂବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀମତୀ ପାଣିଗ୍ରାହୀ ଏହି ଶିକ୍ଷାନୁଷ୍ଠାନକୁ ନିଜ କର୍ମ ମନ୍ଦିର ଭାବି ଏହାର ସେବାରେ ନିଜ କର୍ମମୟ ଜୀବନର ସୁଦୀର୍ଘ ପଇଁତିରିଶି ବର୍ଷ ବିତେଇଥିବାରୁ ନିଜର ଆତ୍ମ ସନ୍ତୋଷବ୍ୟକ୍ତ କରିଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ମଧ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପୂର୍ବାହ୍ନରେ ଅଧାପିକା ଅନୀତା ପୂର୍ତ୍ତି ଏବଂ ପ୍ରମିଳା ଜେନାଙ୍କ ପରିଚାଳନାରେ ଆଠଦିନ ବ୍ୟାପି ଆୟୋଜିତ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରକୁ ବିଦାୟୀ ଅଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ ।

## ସବ୍‌ଡିଭିଜନ୍ ଜୋର ଧରିଲା : ଯୁବ-ଛାତ୍ର ସଂଗଠନର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର ୧/୨(ନି.ପ୍ର): ଜଳେଶ୍ୱରକୁ ସବ୍‌ଡିଭିଜନ୍ ଦାବିରେ ଗତ ୩୦ଦିନ ଧରି ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ଯୁବ ଛାତ୍ର ସଂଗଠନକୁ ଜନସାଧାରଣଙ୍କ ପକ୍ଷରୁ ବହୁ ସହଯୋଗ ମିଳିଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଆବାହକ ମଣ୍ଡଳି କହିଛନ୍ତି । ଯେଉଁ ଆଭିମୁଖ୍ୟ ନେଇ ଏପରି ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ସେଥିରେ ଜନସାଧାରଣଙ୍କୁ ସାମିଲ କରିବାରେ ସଂଗଠନ ସମର୍ଥ ହୋଇଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ବ୍ଲକରୁ ପ୍ରାୟ ୧୦ହଜାର ଲୋକ ଏହି ଅଭିନୟାନରେ ସାମିଲ ହୋଇ ଦସ୍ତକ୍ଷତ କରି ସମର୍ଥନ ଜଣାଇଛନ୍ତି । ବିଭିନ୍ନ ବ୍ଲକର ମୁଖ୍ୟସ୍ଥାନ, କଲେଜ, ହାଟ, ଜନବସତିରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୪ ତାରିଖରେ ଏକ ବାଇକ୍ ଶୋଭାଯାତ୍ରା ଦିନ ୧୧ଟାରେ ଜଳେଶ୍ୱର ଷ୍ଟେସନରୁ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ହସ୍ତାନ୍ତର କରାଯିବ ବୋଲି ଘୋଷଣା କରାଯାଇଛି । ଏଥିରେ ବିଭିନ୍ନ ରାଜନୈଅତିକ ଦଳ, ଓକିଲ ସଂଘ, ବଣିକ ସଂଘ,ଡ୍ରାଇଭର ସଂଘ, ମହିଳା ସଂଗଠନ, କଳାକାର ସଂଘ, ସ୍ୱେଚ୍ଛାସେବି ସଂଗଠନ, ବହୁ ଛାତ୍ରଛାତ୍ରୀ ସମର୍ଥନ କରୁଥିବାରୁ ଉକ୍ତ ଦିନ ର୍‍ୟାଲିରେ ଉପସ୍ଥିତ ରହିବାକୁ ଆବାହକ କାଳିଚରଣ ଦାସ, ରାସବିହାରୀ ରଣା, ସତ୍ୟଶୋଭନ ମିଶ୍ର, ଚନ୍ଦନ କର ପ୍ରମୁଖ ସାମ୍ବାଦିକ ମାନଙ୍କୁ କହିଛନ୍ତି ।

## ଦକ୍ଷିଣପୂର୍ବ ରେଳବାଇର ପ୍ରବନ୍ଧକଙ୍କ ଲକ୍ଷ୍ମଣନାଥ ରେଳ ଷ୍ଟେସନ ପରିଦର୍ଶନ

ଜଳେଶ୍ୱର,୦୧/୦୨ (ନି.ପ୍ର): ଦକ୍ଷିଣପୂର୍ବ ରେଳ ପଥର ପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ଉପାନ୍ତ ଲକ୍ଷ୍ମଣନାଥ ରେଳ ଷ୍ଟେସନ ପରିଦର୍ଶନରେ ଆସି ପହଞ୍ଚିଥିଲେ । ରାଜ୍ୟର ପ୍ରବେଶ ଦ୍ୱାରା ଏହି ରେଳ ଷ୍ଟେସନରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟାର ସମୀକ୍ଷା କରିଥିଲେ । ତାଙ୍କ ସହିତ ଖଡଗପୁର ଡିଆର୍‌ଏମ୍ ମହମ୍ମଦ ହାସିମୀ ଉପସ୍ଥିତ ଥିଲେ । ଜଳେଶ୍ୱରଠାରେ ଅଠକୁଥିବା ଜଳେଶ୍ୱର-ପୁରୀ ମେମୋକୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ସଂପ୍ରସାରଣ, ଷ୍ଟେସନର ପୂର୍ବଦିଗକୁ ଫୁଟ ଅଭରବ୍ରିଜ୍ ସଂପ୍ରସାରଣ, ସାପ୍ତାହିକ ଟ୍ରେନ୍ ଦୀଘା-ପୁର ଓ ଦିଘା- ବିଶାଖାପାଟଣା ଏକ୍ସପ୍ରେସ୍‌ର ରହଣୀ ଇତ୍ୟାଦି ଦାବି କରି ଲକ୍ଷ୍ମଣନାଥ ରୋଡ ଷ୍ଟେସନ ଉନ୍ନୟନ କମିଟି ପକ୍ଷରୁ ଦାବୀ କରାଯାଇଥିଲା । ସ୍ଥାନୀୟ ଗ୍ୟାଙ୍ଗ ମ୍ୟାନ୍‌ଙ୍କ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ଲକ୍ଷ୍ମଣନାଥରୋଡ ଷ୍ଟେସନ ଉନ୍ନୟନ କମିଟି ପକ୍ଷରୁ ପ୍ରବନ୍ଧକ ଶ୍ରୀମତୀ ଯୋଶୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଜୟ କୁମାର ଦାସ, ରବିନ୍ଦ୍ର ଦାସ, ତ୍ରିଲୋଚନ ଦାସ ଅଧିକାରୀ, ନଛିମପୁର ସରପଂଚ ରାଜେଶ ଜେନା, ଗୋବରଘଟା ସରପଂଚ ମିନତୀ କର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏ ସଂପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ରେଳବୋର୍ଡ କୁ ସୁପାରିଶ କରିବେ ବୋଲି କହିଥିଲେ ।

## ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ



ଉଦଳା,୦୧/୦୨ (ନି.ପ୍ର): ସ୍ଥାନୀୟ କାଳ- ସୁନେଇ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଜି ଫେବୃଆରୀ ୧ ତାରିଖ ବୁଧବାର ଦିନ ଓଡ଼ିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଜଳସେଚନ ବିଭାଜନ ସ୍ତରୀୟ ପାଣିପଂଚାୟତ ପକ୍ଷ ପାଳନ ସମାରୋହ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦ୍‌ଘାଟିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ସଭା, ପୁରସ୍କାର ବିତରଣ ଓ ପାଲା ପରିବେଷଣର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସମସ୍ତ ଅତିଥି ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ, ଧୂପ, ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ମୟୂରଭଞ୍ଜ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରସାଦ ରଂଜନ ପଣ୍ଡା ଅଧ୍ୟକ୍ଷତା କରିବା ସହ ପାଣିପଂଚାୟତ କହିଲେ ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ ପ୍ରକଳ୍ପ ଅଧିନସ୍ଥ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଗଠିତ ଜଳ ବ୍ୟବହାରକାରୀ କୃଷକ ସଂଗଠନକୁ ବୁଝାଏ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, 'ଚାଷୀ ଓ ଚାଷର ଯେତେ ସମସ୍ୟା ପାଣିପଂଚାୟତ ହିଁ ସମାଧାନର ଭାଷା' ବୋଲି କହିବା ସହ ଆସନ୍ତା ୧୫ ତାରିଖରେ ଉକ୍ତ ପକ୍ଷ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧରେ ବାରିପଦା ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସର୍ବେଶ୍ୱର ସେନାପତି, କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଂଟାର କୃଷି ବିଜ୍ଞାନି ସଂଘ ମିତ୍ରା ପଟ୍ଟନାୟକ, କପ୍ତିପଦାର ସହକାରୀ କୃଷି ଅଧିକାରୀ ଅଙ୍କିତା ରୁପ, ଉଦଳାର କୃଷି ଅଧିକାରୀ ପ୍ରଫୁଲ୍ଲ ବେହେରା, କାଳ ପାଣିପଂଚାୟତ ଶିର୍ଷ କମିଟିର ଚେୟାରମେନ ଯଜ୍ଞନାରାୟଣ ମହାନ୍ତି ଓ ସୁନେଇ ପାଣିପଂଚାୟତ ଶିର୍ଷ କମିଟିର ଚେୟାରମେନ ସୁବାଷ ଚନ୍ଦ୍ର ସାଏ ପ୍ରମୁଖ ଅଂଶ ଗ୍ରହଣ କରି ଜଳ ସେଚନ ପ୍ରକଳ୍ପର ପରିଚାଳନାରେ କୃଷକ ମାନଙ୍କ ଅଂଶ ଗ୍ରହଣକୁ ଜାତୀୟ ଜଳନୀତିର ଏକ ପ୍ରଧାନ ଭୂମିକା ଭାବରେ ଗ୍ରହଣ କରାଯାଇଅଛି । ଆମ ରାଜ୍ୟରେ ପାଣିପଂଚାୟତ ମାଧ୍ୟମରେ କୃଷକ ମାନଙ୍କ ଅଂଶ ଗ୍ରହଣ ଏକ ନିଜସ୍ୱ ଢ଼ାଂଚାରେ ବିକାଶ କରାଯାଇଛି ବୋଲି କହିବା ସହ ଆସନ୍ତା ବର୍ଷ ଆମ ପାଣିପଂଚାୟତକୁ ୨୫ ବର୍ଷ ପୁରିବ , ତେଣୁ ଏହାର ରଜତ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତ ହେବାକୁ ମତ ରଖିଥିଲେ । ଏହାପରେ ଅଷ୍ଟମରୁ ୧୦ ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ହୋଇଥିବା ଜ୍ଞାନ ପରୀକ୍ଷା, ପ୍ରବନ୍ଧ, ଅଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପ୍ରାରମ୍ଭରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ମଂଚ ପରିଚାଳନା କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଦୋଳଗୋବିନ୍ଦ ଓ ତାଙ୍କର ସାଥୀ କଳାକାର ମାନେ ପାଲା ପରିବେଷଣ କରିଥିଲେ ।

## ମୟୁରଭଂଜ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟ : ମୁର୍ଗାବାଡି ଏବଂ ସିକ୍ରେଟ ଟିମ ବିଜୟୀ



ବାରିପଦା, ୦୧/୦୨ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମୟୁରଭଂଜ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ମୟୁରଭଂଜ କପ ଟି - ୨୦ କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ ଦିନର ପ୍ରଥମ ମ୍ୟାଚରେ ମୁର୍ଗାବାଡି କ୍ରିକେଟ କ୍ଲବ ମୟୁରଭଂଜ କ୍ରିକେଟ ଏକାଡେମୀକୁ ୩୭ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁର୍ଗାବାଡି କ୍ଲବ ୧୫ ଓଭରରେ ୭ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅମିତ ସିଂ ୩୬ ଓ ପୁଙ୍ଗା ଖେରୱାଲ ସୋରେନ ୩୨ ରନ କରିଥିବା ବେଳେ ବିପକ୍ଷ ଦଳର ଇନ୍ଦ୍ରଜିତ ବେଶ୍ରା, ଲୋକନାଥ ପୃଷ୍ଟି ଓ ପ୍ରିୟାଂଶୁ ଖଟୁଆ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତରରେ ମୁର୍ଗାବାଡି ୧୫ ଓଭରରେ ୫ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ କାହ୍ନଓ ଦାସ ସର୍ବାଧିକ ୩୬ ରନ କରିଥିଲେ । ଶୁଭମ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଦ୍ୱିତୀୟ ମ୍ୟାଚରେ ସିକ୍ରେଟ ଇଲେଭେନ ହିଡୁ ଇଲେଭେନକୁ ୬ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ହିଡୁ ଇଲେଭେନ ୧୫ ଓଭରରେ ୭ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅବିନାଶ ପ୍ରଧାନ ୨୯ ଓ ଓମ ପ୍ରକାଶ ମହାନ୍ତ ୩୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସୋମନାଥ ଚକ୍ରବର୍ତ୍ତୀ ଓ ପଙ୍କଜ ସାହୁ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ସିକ୍ରେଟ ଇଲେଭେନ ୧୨.୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ପ୍ରିତମ ବେହେରା ୪୨, ଲୋହିତ ଦାଶ ୩୩ ଓ ଦେବ ରଞ୍ଜନ ସିଂ ୨୧ରନ କରିଥିବା ବେଳେ ବିପକ୍ଷ ଦଳର ସୌରଜିତ ସାହୁ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ସୋମନାଥ ଚକ୍ରବର୍ତ୍ତୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦିଲ୍ଲୀପ ଦାସ, ଅମିତାଭ ପଟ୍ଟନାୟକ, ମନମୋହନ ମୁର୍ମୁ ଓ ଦେବାଶିଷ ଗୁପ୍ତା ଖେଳ ପରିଚାଳନା କରିଥିବା ବେଳେ ରାକେଶ ବେହେରା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ମଳୟ କୁମାର ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo